

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୩ ଡିସେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 23 December 2024

Vol.No. 35 ■ No.341 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସ୍ପେଡେକ୍ସ ମିଶନ: ମହାକାଶରେ ଯୋଡ଼ାଯିବ ଦୁଇଟି ସ୍ପେସ୍‌କ୍ରାଫ୍ଟ



ନୂଆଦିଲ୍ଲୀ, ୨୨/୧୨ : ମହାକାଶରେ ଆଉ ଏକ କୀର୍ତ୍ତିମାନ ରଚିବାକୁ ପ୍ରସ୍ତୁତ ହେଉଛି ଭାରତ। ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ ସ୍ଥାପନ ପାଇଁ ପ୍ରଥମ ପଦକ୍ଷେପ। ପରୀକ୍ଷାମୂଳକ ଇନ୍-ସ୍ପେଶ ଡକିଂ କରିବ ଇସ୍ରୋ। ମହାକାଶରେ ଦୁଇଟି ସ୍ପେସ୍‌କ୍ରାଫ୍ଟକୁ ଯୋଡ଼ାଯିବ। ସ୍ପେଡେକ୍ସ ମିଶନ ଜରିଆରେ ଏହି ଐତିହାସିକ ପଦକ୍ଷେପ ଲାଗି ଜୋରଦାର ପ୍ରସ୍ତୁତି ଚଳାଇଛି ଇସ୍ରୋ। ପିଏସଏଲଭି-ସି୬୦ ରକେଟ୍ ସାହାଯ୍ୟରେ ଲଞ୍ଚ ହେବ ସ୍ପେସକ୍ରାଫ୍ଟ। ୨୨୦ କେଜି ବିଶିଷ୍ଟ ଦୁଇଟି ସ୍ପେସ୍‌କ୍ରାଫ୍ଟ ନେଇ ମହାକାଶକୁ ଯିବ ପିଏସଏଲଭି-ସି୬୦ ରକେଟ୍। ଆଉ ମହାକାଶରେ ହିଁ ଦୁଇଟି ସ୍ପେସ୍‌କ୍ରାଫ୍ଟକୁ ଯୋଡାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ଟେକ୍ନୋଲଜି ଆଗାମୀ ଚନ୍ଦ୍ର ମିଶନ ଏବଂ ମହାକାଶରେ ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ ନିର୍ମାଣ ଲାଗି ସହାୟକ ହେବ ବୋଲି କୁହାଯାଉଛି। ସ୍ପେଡେକ୍ସ ମିଶନ ଲାଗି ପିଏସଏଲଭି-ସି୬୦କୁ ଶ୍ରୀହରିକୋଟା ସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରେ ପହଞ୍ଚା ଯାଇସାରିଛି। ମହାକାଶ ଯାନ ନିର୍ମାଣ ମଧ ଶେଷ ହୋଇସାରିଛି। ଆସନ୍ତା ୩୦ରେ ସ୍ପେଡେକ୍ସ ଲଞ୍ଚ କରିପାରେ ଇସ୍ରୋ। ଏହି ମିଶନରେ ସଫଳତା ମିଳିଲେ ଭାରତ ଆମେରିକା, ରୁଷ ଏବଂ ଚୀନ୍ ପରେ ଅନ୍ତରୀକ୍ଷ ଡକିଂ ଜ୍ଞାନକୌଶଳରେ ସଫଳତା ଲାଭ କରିଥିବା ଚତୁର୍ଥ ଦେଶ ଭାବେ ଗଣାହେବ। ୨୦୩୫ ସୁଦ୍ଧା ମହାକାଶରେ ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ ନିର୍ମାଣ ପାଇଁ ଟାର୍ଗେଟ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ମହାକାଶକୁ ଯିବ 'ନିସାର' ସାଟେଲାଇଟ୍



ନୂଆଦିଲ୍ଲୀ, ୨୨/୧୨ : ୨୦୨୫ ମାର୍ଚ୍ଚରେ ଲଞ୍ଚ ହେବ ଇସ୍ରୋ ଓ ନାସାର ମିଳିତ ମିଶନ୍। ମହାକାଶକୁ ଯିବ ନାସା-ଇସ୍ରୋ ସିନ୍ଥେଟିକ୍ ଆପରଚର୍ ରାଡାର୍ ବା ନିସାର୍ ସାଟେଲାଇଟ୍। ଏଥିପାଇଁ ଖର୍ଚ୍ଚ ହେବ ୫ ହଜାର କୋଟି ଟଙ୍କା। ଭୂପୃଷ୍ଠରେ ପରିବର୍ତ୍ତନ ଉପରେ ନଜର ରଖିବ ଏହି ଆର୍ଥ ଅବଜର୍ଭିଂ ସାଟେଲାଇଟ୍। ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟା ସ୍ଥିତ ସତୀଶ ଧାୱନ ସ୍ପେଶ୍ ସେଣ୍ଟରରୁ ଏଜିଏସଏଲଭି ମାର୍କ-୨ ସାଟେଲାଇଟରେ ଏହାକୁ ଲଞ୍ଚ କରିବ ଇସ୍ରୋ। ନିସାର୍ ସାଟେଲାଇଟର ଓଜନ ପ୍ରାୟ ୨.୮ ଟନ୍ ଥିବା ବେଳେ, ଏହା ଭୂପୃଷ୍ଠରୁ ୭୪୭ କିଲୋମିଟର ଉପରେ ଅବସ୍ଥାପିତ ହେବ। ଏଥିପାଇଁ ଗତ ଅକ୍ଟୋବରରେ ଆମେରିକାରୁ ଭାରତକୁ ଗୁରୁତ୍ୱପୂର୍ଣ୍ଣ ତଥା ସୂକ୍ଷ୍ମ ଯନ୍ତ୍ରାଂଶ ଆସିଥିବା ସୂଚନା ମିଳିଛି। ଏହି ସାଟେଲାଇଟ୍ ଭୂଭାଗ ଓ ବରଫର ପରିବର୍ତ୍ତନକୁ ପ୍ରତି ୧୨ ଦିନରେ ଦୁଇଥର ଲେଖାଏଁ ସ୍କାନ୍ କରିବ ଓ ହାଇରିଜଲ୍ୟୁସନ୍ ଫଟୋ ଉଠାଇବ। ଯାହା ଫଳରେ ଭୂପୃଷ୍ଠ ସଂରଚନାର ପରିବର୍ତ୍ତନ, ବରଫ ତରଳିବା ବା ନୂଆ ତିଆରି ହେବା, ଜୈବ ବିବିଧତା ଆଦି ଉପରେ ନିଖୁଣତାର ସହ ନଜର ରଖି ହେବ। ଅନ୍ଧାର ଓ ଖରାପ ପାଗରେ ବି ଏହା ଭୂପୃଷ୍ଠର ଗୋଟିଏ ଇଞ୍ଚ ଜାଗାରେ କିଛି ପରିବର୍ତ୍ତନ ହେଲେ, ତାକୁ ଚିହ୍ନଟ କରିପାରିବ। ଘଞ୍ଚ ଜଙ୍ଗଲର ଗଛଲତା ଭେଦ କରି ଏହା ମାଟିର ରୂପରେଖ ମ୍ୟାପିଂ କରିପାରିବ।

## ୨୪ରୁ ରାଜ୍ୟରେ ପୁଣି ବର୍ଷା ସମ୍ଭାବନା



ଭୁବନେଶ୍ୱର, ୨୨/୧୨ : ପାଣିପାଗ ବିଭାଗ କହିଛି, ପୂର୍ବରୁ ଦକ୍ଷିଣ, ପଶ୍ଚିମରୁ ଆଭ୍ୟନ୍ତରୀଣ। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତର ପ୍ରଭାବରେ ଆସନ୍ତାକାଲି ଯାଏଁ ବର୍ଷା ହେବ । ଏହା କ୍ରମେ ଦୁର୍ବଳ ହେବା ପରେ ବଦଳିବ ପାଣିପାଗର ମିଜାଜ । ବଙ୍ଗୋପସାଗରରେ ସ୍ପଷ୍ଟ-ଚିହ୍ନିତ ଲଘୁଚାପ କ୍ଷେତ୍ର । ଏହାର ପ୍ରଭାବରେ ଆସନ୍ତା ୨୪ରୁ ରାଜ୍ୟରେ ପୁଣି ବର୍ଷା ସମ୍ଭାବନା ରହିଛି । ଦୁଇ ଦିନ ବର୍ଷା ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ୨୪ରେ ରାୟଗଡ଼ା, ଗଞ୍ଜାମ, ଗଜପତି, ପୁରୀ ସମେତ କିଛି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ସେହିପରି ୨୫ରେ ଉପକୂଳ ଓଡ଼ିଶାର କିଛି ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି। ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ସକ୍ରିୟ ▶▶ପୃଷ୍ଠା ୭

## ପ୍ରାକ୍ ବଜେଟ୍ ପ୍ରସ୍ତୁତି ବୈଠକରେ ୯ଟି ଦାବି ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



ଭୁବନେଶ୍ୱର, ୨୨/୧୨ : କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରାକ୍ ବଜେଟ୍ ପ୍ରସ୍ତୁତି ବୈଠକରେ ୯ଟି ଦାବି ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଓଡ଼ିଶାର ଭିତ୍ତିଭୂମିକୁ ସୁଦୃଢ଼ ପାଇଁ ଅଧିକ ଅର୍ଥର ଆବଶ୍ୟକତା ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଥିବା କହିଛନ୍ତି। ସେହିପରି ପୁଞ୍ଜି ନିବେଶ ପାଇଁ ସ୍ୱତନ୍ତ୍ର ଆର୍ଥିକ ସହାୟତା, ସହରୀକରଣ ପାଇଁ ମାଷ୍ଟରପ୍ଲାନ ସହାୟତା, ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଥିବା କହିଛନ୍ତି। ଗୋପାଳପୁରରେ ସ୍ୱତନ୍ତ୍ର ଅର୍ଥନୈତିକ କରିଡର ଏବଂ ଝାରସୁଗୁଡ଼ାରେ ଇଣ୍ଡଷ୍ଟ୍ରିଆଲ ଟାଉନଶିପ୍ ପାଇଁ ବି ଦାବି କରିଛନ୍ତି। ଓଡ଼ିଶାରେ ପର୍ଯ୍ୟଟନ କ୍ଷେତ୍ରରେ ଅଧିକ ପୁଞ୍ଜି ନିବେଶ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଦେବାକୁ କେନ୍ଦ୍ରକୁ ନିବେଦନ କରିଛନ୍ତି ସିଏମ୍। ଏହାବ୍ୟତୀତ ଜଳ ଜୀବନ ମିଶନ ଅଧୀନରେ ଅଧିକ ଅର୍ଥ ଏବଂ ବାକି ପଡ଼ିଥିବା ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରବାକୁ ପ୍ରାକ୍ ବଜେଟ୍ ପ୍ରସ୍ତୁତି ବୈଠକରେ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ରଖିଥିବା କହିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷର ପ୍ରାକ୍ ବଜେଟ୍ ପ୍ରସ୍ତୁତି ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ନେତୃତ୍ୱରେ ବସିଥିଲା ବୈଠକ। ଏଥିରେ ବିଭିନ୍ନ ରାଜ୍ୟର ଅର୍ଥମନ୍ତ୍ରୀ ମଧ ଯୋଗଦେଇଥିଲେ।

## ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

ବଲାଙ୍ଗିର, ୨୨/୧୨ (ନି.ପ୍ର): ବଲାଙ୍ଗିର ଜେଲ୍‌ରେ ଥିବା ଜଣେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ ଘଟିଛି। ମୃତ ବନ୍ଦୀଙ୍କ ଜଣଙ୍କ ହେଲେ ତୁରକେଲା ଥାନା ତୁରକେଲା ଗାଁର ୮୬ ବର୍ଷୀୟ ଗୁରୁଦେବ ଦୀପ। ୨୦୧୭ ମସିହାର ଏକ ପୋକ୍ସୋ ମାମଲାରେ ଗୁରୁଦେବଙ୍କ ନାଁରେ ବଲାଙ୍ଗିର ପକ୍ସୋ କୋର୍ଟରୁ ୱାରେଣ୍ଟ ଇସ୍ୟୁ ହୋଇଥିଲା। ୱାରେଣ୍ଟ ବଳରେ ତୁରକେଲା ପୁଲିସ ଗତ ୧୯ ତାରିଖ ଦିନ ଗୁରୁଦେବକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଗତକାଲି ରାତିରେ ଗୁରୁଦେବ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ହସପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁରୁଦେବଙ୍କ ମୃତ୍ୟୁ ହୋଇଛି।

## ପୂର୍ବତନ ବିଧାୟକ ବିଜୟ ମହାନ୍ତିଙ୍କ ପରଲୋକ



ଭୁବନେଶ୍ୱର, ୨୨/୧୨ : ପୂର୍ବତନ ବିଧାୟକ ବିଜୟ ମହାନ୍ତିଙ୍କର ରବିବାର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୦ ବର୍ଷ ହୋଇଥିଲା। ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲରେ ତାଙ୍କୁ ମୃତ ଘୋଷଣା କରାଯାଇଛି। ତେବେ ତାଙ୍କର ମୃତ୍ୟୁ କେମିତି ହେଲା, ତାହା ସ୍ପଷ୍ଟ ହୋଇପାରିନାହିଁ। ମିଳିଥିବା ସୂଚନା ଅନୁଯାୟୀ, ବିଜୟ ମହାନ୍ତି ଭୁବନେଶ୍ୱରର ଏକ ଗେଷ୍ଟ ହାଉସ୍‌ରେ ଥିଲେ। ▶▶ପୃଷ୍ଠା ୭

## ପଶ୍ଚିମବଙ୍ଗରୁ ଫେରିବ ବାଘୁଣୀ ଜିନ୍ନତ: କରାଯିବ ଟ୍ରାଙ୍କୁଲାଇଜ୍



ବାରିପଦା, ୨୨/୧୨ : ପଶ୍ଚିମବଙ୍ଗରୁ ଫେରିବ ବାଘୁଣୀ ଜିନ୍ନତ। ଟ୍ରାଙ୍କୁଲାଇଜ୍ କରି ଜିନ୍ନତକୁ ଓଡ଼ିଶା ଫେରାଇ ଅଣାଯିବ। ଏ ନେଇ ସୂଚନା ଦେଇଛନ୍ତି ବାରିପଦା ଆରସିସିଏଫ। ଶିମିଳିପାଳରୁ ଯାଇ ପଶ୍ଚିମବଙ୍ଗ ଜଙ୍ଗଲରେ ବୁଲୁଛି ବାଘୁଣୀ ଜିନ୍ନତ। ମହାବଳର ଗତିବିଧି ଉପରେ ନଜର ରଖିଛନ୍ତି ଓଡ଼ିଶା ଓ ପଶ୍ଚିମବଙ୍ଗ ବନ ବିଭାଗ। ବାଘୁଣୀର ସ୍ୱାସ୍ଥ୍ୟାବସ୍ଥା ଠିକଠାକ୍ ଥିବା ନେଇ ବାରିପଦା ଆରସିସିଏଫ ସୂଚନା ଦେଇଛନ୍ତି। ବାଘୁଣୀକୁ ଫେରାଇ ଆଣିବା ଲାଗି ଟ୍ରାଙ୍କୁଲାଇଜ୍ କରିବାକୁ ଯୋଜନା ଚାଲିଥିବା ଆରସିସିଏଫ କହିଛନ୍ତି। ଶିମିଳିପାଳରୁ ଜିନ୍ନତ ଯିବାର ଦଶ ଦିନ ହେବାକୁ ▶▶ପୃଷ୍ଠା ୭

## ନୂଆବର୍ଷରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ: ଆଇନ ମନ୍ତ୍ରୀ



ପୁରୀ, ୨୨/୧୨ (ନି.ପ୍ର): ନୂଆବର୍ଷରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ ଧାଡ଼ି ଦର୍ଶନ ପ୍ରକ୍ରିୟା। ୨୭ ଓ ୨୮ ସୁଦ୍ଧା ପରିବର୍ତ୍ତନ ପ୍ରକ୍ରିୟା କ୍ରିୟାନ୍ୱୟନ ହୋଇଯିବ। ୧ ତାରିଖରୁ ନିୟମିତ ଧାଡ଼ି ଦର୍ଶନ କରିବେ ଭକ୍ତ। ଗତକାଲି ମୁଖ୍ୟ ପ୍ରଶାସକଙ୍କ ସହ ସମୀକ୍ଷା କରିବା ପରେ ଏହା କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ୨୭ ଓ ୨୮ ତାରିଖରେ ପରିବର୍ତ୍ତନ ପ୍ରକ୍ରିୟା କ୍ରିୟାନ୍ୱୟନ କରାଯିବ। ପରୀକ୍ଷା ମୂଳକ ଭାବେ ୩୦ ଏବଂ ୩୧ତାରିଖରେ ଧାଡି ଦର୍ଶନ କରାଯିବ। ୧ ତାରିଖରୁ ନିୟମିତ ଧାଡ଼ି ଦର୍ଶନ କରିବେ ଭକ୍ତ। ଆଇନ ମନ୍ତ୍ରୀ ଆହୁରି କହିଛନ୍ତି, ଭକ୍ତମାନେ ସାତ ପାହାଚ ଦେଇ ଭିତରକୁ ଆସିବେ। ଶ୍ରୀଜିଉଙ୍କୁ ଦର୍ଶନ କରି ସାରିକି ଘଣ୍ଟି ଦ୍ୱାର ଓ ଗାରଦ ଦ୍ୱାର ଦେଇ ସେମାନେ ବାହାରକୁ ବାହାରିବେ। ଏଭଳି ବ୍ୟବସ୍ଥା କରାଯାଉଛି। ମହିଳା, ▶▶ପୃଷ୍ଠା ୭

## ସ୍କୁଟି ଓ ବାଇକ୍ ମୁହାଁମୁହିଁ ଧକ୍କା: ୨ ମୃତ

ନବରଙ୍ଗପୁର, ୨୨/୧୨ (ନି.ପ୍ର): ନବରଙ୍ଗପୁର ସହର ଚାଉଁରିଆ ଗୁଡ଼ାରେ ଥିବା ଏକ ହୋଟେଲ ସମ୍ମୁଖରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ସ୍କୁଟି ଓ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଅମିତ ବାଘ ଓ ତ୍ରିଲୋଚନ ଯାନୀ। ଅମିତଙ୍କ ଘର ନନ୍ଦାହାଣ୍ଡି ବ୍ଲକ ବଡ଼ ଡାଇଭଙ୍ଗାଗ୍ରାମର ହୋଇଥିବା ବେଳେ ତ୍ରିଲୋଚନଙ୍କ ଘର ନବରଙ୍ଗପୁର ସହରରେ ହୋଇଥିବା ସୂଚନା ମିଳିଛି। ତ୍ରିଲୋଚନ ଏକ ଢ଼ାବାରେ କାମ କରନ୍ତି। ଗତକାଲି ସେ କାମ ସାରି ସ୍କୁଟିରେ ଘରକୁ ଫେରୁଥିଲେ। ଅମିତ ଖ୍ରୀଷ୍ଟ ମାସପର୍ବ ସକାଶେ ସାମଗ୍ରୀ କିଣି ବାଇକରେ ବଡ଼ଡାଇ ଭଙ୍ଗାସ୍ଥିତ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ଚାଉଁରିଆଗୁଡ଼ା ନିକଟରେ ବାଇକ୍ ଓ ସ୍କୁଟି ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

## ପ୍ରଧାନମନ୍ତ୍ରୀ ମୋଦିଙ୍କୁ ମିଳିଲା କୁଏତର ସର୍ବୋଚ୍ଚ ସମ୍ମାନ



ନୂଆଦିଲ୍ଲୀ, ୨୨/୧୨ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମିଳିଲା କୁଏତର ସର୍ବୋଚ୍ଚ ବେସାମରିକ ସମ୍ମାନ। ଦୁଇ ଦିନିଆ କୁଏତ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଆଜି ଏହାର ସର୍ବୋଚ୍ଚ ସମ୍ମାନ 'ଅର୍ଡର ଅଫ୍ ମୁବାରକ୍ ଅଲ୍-କବୀର' ପ୍ରଦାନ କରାଯାଇଛି। ଏହା ହେଉଛି କୌଣସି ଦେଶ ଦ୍ୱାରା ପ୍ରଧାନମନ୍ତ୍ରୀ ମୋଦିଙ୍କୁ ପ୍ରଦାନ କରାଯାଇଥିବା ୨୦ଶ ଅନ୍ତର୍ଜାତୀୟ ସମ୍ମାନ। 'ଅର୍ଡର ଅଫ୍ ମୁବାରକ୍ ଅଲ୍-କବୀର' ସମ୍ମାନ ବନ୍ଧୁତାର ପ୍ରତୀକ ଭାବେ କୌଣସି ରାଷ୍ଟ୍ରର ମୁଖ୍ୟ କିମ୍ବା ବିଦେଶ ରାଜ ପରିବାରର ସଦସ୍ୟଙ୍କୁ ପ୍ରଦାନ କରାଯାଇଥାଏ। ପ୍ରଧାନମନ୍ତ୍ରୀ ମୋଦିଙ୍କ ପୂର୍ବରୁ ବିଲ କ୍ଲିଣ୍ଟନ, ପ୍ରିନ୍ସ ଚାର୍ଲ୍ସ ଓ ଜର୍ଜ ବୁଶଙ୍କ ଭଳି ବ୍ୟକ୍ତି ବିଶେଷ କୁଏତର ଏହି ସର୍ବୋଚ୍ଚ ସମ୍ମାନ ପାଇ ସାରିଛନ୍ତି। ଆଜି କୁଏତ ଗସ୍ତର ଦ୍ୱିତୀୟ ଦିନରେ ମୋଦି ଏହି ସମ୍ମାନ ଗ୍ରହଣ କରିବା ପରେ ତାଙ୍କୁ ବୟାନ ପ୍ୟାଲେସଠାରେ ଔପଚାରିକ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଏହି ସମୟରେ ସେଠାରେ କୁଏତର ଏମିର (ପ୍ରିନ୍ସ) ଶେଖ୍ ମିଶାଲ ଅଲ୍-ଅହମ୍ମଦ ଅଲ୍-ଜାବେର ଅଲ୍-ଶବା ମଧ ଉପସ୍ଥିତ ଥିଲେ। ଯାହାଙ୍କ ନିମନ୍ତ୍ରଣରେ ପ୍ରଧାନମନ୍ତ୍ରୀ ମୋଦି ଦୁଇ ଦିନିଆ ଗଲ୍ଫ ରାଷ୍ଟ୍ର ଗସ୍ତରେ ଯାଇଛନ୍ତି। କୁଏତରେ ଥିବା ଭାରତୀୟ ସମୁଦାୟ ହେଉଛନ୍ତି ବିଶ୍ୱର ସବୁଠାରୁ ବଡ଼ ପ୍ରବାସୀ ଭାରତୀୟ ସମୁଦାୟ। ଦୀର୍ଘ ୪୩ ବର୍ଷ ପରେ ପ୍ରଥମ ଥର ପାଇଁ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀ କୁଏତ ଗସ୍ତରେ ଯାଇଥିବାରୁ ସେଠାରେ ଥିବା ଭାରତୀୟ ନାଗରିକଙ୍କ ମଧରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ପ୍ରଧାନମନ୍ତ୍ରୀ ମୋଦି ସେଠାରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରିବାକୁ ପ୍ରବାସୀ ଭାରତୀୟ ସମୁଦାୟଙ୍କ ପକ୍ଷରୁ 'ହାଲା ମୋଦି' (ସ୍ୱାଗତ ମୋଦି) କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଓଡ଼ିଶାରେ ଆୟୋଜନ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମକୁ ଆସିବାକୁ ପ୍ରଧାନମନ୍ତ୍ରୀ ସେଠାରେ ଭାରତୀୟ ସମୁଦାୟଙ୍କୁ ନିମନ୍ତ୍ରଣ କରିଥିଲେ।

## ରାହୁଲ ଗାନ୍ଧିଙ୍କୁ ଜାରି ହେଲା ସମନ



ନୂଆଦିଲ୍ଲୀ, ୨୨/୧୨ : ବଢ଼ିଲା ଲୋକସଭାରେ ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧିଙ୍କ ଅଡୁଆ। ସେ ନିକଟରେ ଜାତି ଜନଗଣନାକୁ ନେଇ ଦେଇଥିବା ଏକ ବିବାଦୀୟ ବୟାନକୁ ନେଇ ଫସିଛନ୍ତି। ତାଙ୍କ ବିରୋଧରେ ଜାରି ହୋଇଛି ସମନ। ବରେଲିର ଏକ ସ୍ୱତନ୍ତ୍ର କୋର୍ଟ ରାହୁଲଙ୍କୁ ଜାନୁଆରୀ ୭ ତାରିଖରେ ହାଜର ହେବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଲୋକସଭା ନିର୍ବାଚନ ସମୟରେ କଂଗ୍ରେସ ଦଳ କ୍ଷମତାକୁ ଆସିଲେ ଆର୍ଥିକ ସର୍ଭେ କରାଯିବ ବୋଲି ରାହୁଲ କହିଥିଲେ। ଅଲ ଇଣ୍ଡିଆ ହିନ୍ଦୁ ମହାସଭାର ମଣ୍ଡଳ ସଭାପତି ପଙ୍କଜ ପାଠକ ଏହାକୁ ବିରୋଧ କରିଥିଲେ। ଏହାପରେ ସ୍ପେଶାଲ ଏମ୍‌ପି ଏମ୍‌ଏଲ୍‌ଏ କୋର୍ଟରେ ରାହୁଲ ଗାନ୍ଧିଙ୍କ ବିରୋଧରେ ମାମଲା ଦାୟର କରିବାକୁ ଆବେଦନ କରିଥିଲେ। କିନ୍ତୁ କୋର୍ଟ ଏହାକୁ ଖାରଜ କରି ଦେଇଥିଲେ। ଏହାପରେ ସେ ସ୍ୱତନ୍ତ୍ର କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏଠାରେ ସେ ଏହି ପ୍ରସଙ୍ଗରେ ରିଭିଜନ ଦାଖଲ କରିଥିଲେ। ଏବେ ରାହୁଲ ଗାନ୍ଧିଙ୍କୁ ଏହି ମାମଲାରେ ତାଙ୍କ ପକ୍ଷ ରଖିବାକୁ କୋର୍ଟ ନୋଟିସ୍ ଜାରି କରିଛନ୍ତି। ଆସନ୍ତା ଜାନୁଆରୀ ୭ ତାରିଖରେ ଏହି ମାମଲାର ଶୁଣାଣି ହେବ। କହିରଖୁ ଯେ, ଲୋକସଭା ନିର୍ବାଚନ ବେଳେ ରାହୁଲ ଗାନ୍ଧି ନିଜର ଏକ ବୟାନରେ କହିଥିଲେ ଯେ, ଯଦି କଂଗ୍ରେସ କ୍ଷମତାକୁ ଆସେ ତେବେ ଦେଶରେ ଜାତି ଜନଗଣନା ଓ ଆର୍ଥିକ ସର୍ବେକ୍ଷଣ କରାଯିବ। ତାଙ୍କର ଏହି ବୟାନକୁ ନେଇ ଅନେକ ହଙ୍ଗାମା ହୋଇଥିଲା। ବିଜେପି ଏହାକୁ ପ୍ରସଙ୍ଗ କରି ରାହୁଲଙ୍କୁ ଜୋରଦାର ଟାର୍ଗେଟ୍ କରିଥିଲା।

## ଅସହାୟଙ୍କୁ କମ୍ବଳ ବଂଟନ

କୋରେଇ, ୨୨/୧୨ (ନି.ପ୍ର): ପାଣିକୋଇଲିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆମେ ଆପଣଙ୍କ ପାଇଁ ହେଲପିଂଗ ଗ୍ରୁପ ପକ୍ଷରୁ ଅସହାୟ ମାନଙ୍କୁ ଶୀତବସ୍ତ୍ର(କମ୍ବଳ) ବଂଟନ କରାଯାଇଛି । ବିଭିନ୍ନ ସମୟରେ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଥିବା ଏହି ସଂଗଠନର କମ୍ବଳ ବଂଟନ କାର୍ଯ୍ୟକ୍ରମରେ ପାଣିକୋଇଲି ଥାନାର ଭାରପ୍ରାପ୍ତ ଅଧିକାରୀ ରଂଜିତ କୁମାର ମହାନ୍ତି, ପାଣିକୋଇଲି ବିଦ୍ୟୁତ୍ ଉପନଖଣ୍ଡ ଅଧିକାରୀ ଅସିତ ଅମିତାଭ ଧଳ, ଉପଦେଷ୍ଟା ସୁବାସ ଧଳ ପୋଟ୍ରୋଲିଂଗ ଅଧିକାରୀ ଅଶୋକ କୁମାର ବଳ, ସଭାପତି ଅଶୋକ କୁମାର ଦାସ, ପ୍ରଦୀପ ମାଝୀ, ହରେକୃଷ୍ଣ ପଣ୍ଡା, ସୁନିଲ ଓଝା, ହରେକୃଷ୍ଣ ସାହୁ, ଅଜିତ ସାହୁ ସାମିଲ ହୋଇଥିଲେ । ପ୍ରଥମେ ଶେଷ ପରିଚୟ ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କୁ କମ୍ବଳ ପ୍ରଦାନ ପରେ ରାଜପଥ କଡରେ ଓ ବିଭିନ୍ନ ସ୍ଥାନରେ ରହୁଥିବା ଅସହାୟ ମାନଙ୍କୁ କମ୍ବଳ ଦିଆଯାଇଥିଲା । ସୁଧାଶଙ୍କର ବିଶ୍ୱାଳ, ରାକା ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସେଲ ରାଉରକେଲା ଇସ୍ପାତ କାରଖାନାରେ ପ୍ରଥମ ବିଶ୍ୱ ଧ୍ୟାନ ଦିବସ ପାଳନ ଅବସରରେ କର୍ମଶାଳା ଆୟୋଜିତ



ରାଉରକେଲା, ୨୨/୧୨ (ନି.ପ୍ର): ପ୍ରଥମ ବିଶ୍ୱ ଧ୍ୟାନ ଦିବସ ପାଳନ ଉପଲକ୍ଷେ ସେଲ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସପି) ର ଜ୍ଞାନାର୍ଜନ ଏବଂ ବିକାଶ ବିଭାଗରେ ଡିସେମ୍ବର ୨୧ ତାରିଖରେ ଏକ ଧ୍ୟାନଯୋଗ କର୍ମଶାଳା ଆୟୋଜିତ ହୋଇଥିଲା । ଏହି ଅଧିବେଶନରେ ଆରଏସପିର କାର ?ୟ ବିଭାଗର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବୈଦିକ ସଂସ୍ଥାନ ର ନିର୍ଦ୍ଦେଶକ ତଥା ଆର୍ଟ ଅଫ୍ ଲିଭିଙ୍ଗ୍ ର ବରିଷ୍ଠ ଅଧ୍ୟାପକ ସ୍ୱାମୀ ଭାସ୍କରାନନ୍ଦ, ଅତିଥି ବକ୍ତା ଭାବେ ଯୋଗ ଦେଇ ଥିଲେ । ଏହି ଅଧିବେଶନରେ ଅପରେସନ ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବି ଆର ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଅନିଲ କୁମାର, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଏସ୍ ପାଲ ଚୌଧୁରୀ, ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମଓ ଇନ-ଚାର୍ଜ ଡକ୍ଟର ଜେ କେ ଆଚାର୍ଯ୍ୟଙ୍କ ସମେତ ଅନେକ ସିଜିଏମ୍, ବିଭାଗ ମୁଖ୍ୟ ତଥା ପ୍ରାୟ ୩୦୦ ଜଣ କର୍ମଚାରୀ ଅଂଶଗ୍ରହଣ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ଚଳିତ ମାସ ଆରମ୍ଭରେ, ୧୯୩ ସଦସ୍ୟ ବିଶିଷ୍ଟ ମିଳିତ ଜାତିସଂଘ ସାଧାରଣ ସଭାରେ ସର୍ବସମ୍ମତି କ୍ରମେ ଡିସେମ୍ବର ୨୧ ତାରିଖ କୁ ବିଶ୍ୱ ଧ୍ୟାନ ଦିବସ ଭାବେ ଘୋଷଣା କରାଯାଇଥିଲା । ସ୍ୱାମୀ ଭାସ୍କରାନନ୍ଦ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ , "ଯେପରି ଆମ ଶରୀର ପାଇଁ ଖାଦ୍ୟ ଆବଶ୍ୟକ, ସେହିପରି ଆମ ମନ ପାଇଁ ମଧ୍ୟ ଧ୍ୟାନ ଆବଶ୍ୟକ ଅଟେ । ଧ୍ୟାନ କିମ୍ବା ପ୍ରାଣାୟମ ନୂଆ କଥା ନୁହେଁ, ଏଗୁଡ଼ିକ ଆଗରୁ ମଧ୍ୟ ଆମ ପୁରାଣରେ ବିଦ୍ୟମାନ ଥିଲା । ଜାତିସଂଘ, ନିକଟରେ ଏହାର ଗୁରୁତ୍ୱକୁ ହୃଦୟଙ୍ଗମ କରି ଏହି ଦିନକୁ ଧ୍ୟାନ ଦିବସ ଭାବେ ଘୋଷଣା କରିଛନ୍ତି । ଏହି କ୍ରମରେ ସ୍ୱାମୀଜୀ ଉପସ୍ଥିତ ବ୍ୟକ୍ତିଙ୍କ ପାଇଁ ଏକ ବିଶେଷ ଧ୍ୟାନ ଅଧିବେଶନ ମଧ୍ୟ କରାଇ ଥିଲେ, ଯାହା ଅନୁଲୋମ-ବିଲୋମ ପରି ପ୍ରାଣାୟାମରୁ ଆରମ୍ଭ ହୋଇଥିଲା । ଏହି ଅଧିବେଶନ ସମୟରେ ଏକ ୨୨ ମିନିଟର ନୀରବ ଧ୍ୟାନ କରାଯାଇଥିଲା । ଧ୍ୟାନ ପରେ ନିଜର ଅଭିଜ୍ଞତାକୁ ନେଇ ଶ୍ରୀ ଆଲୋକ ବର୍ମା କହିଥିଲେ ଯେ, "ଏହା ଏକ ସଫଳ ଅଧିବେଶନ ଥିଲା । ଆମେ ଜୀବନରେ ଅନେକ ଉତ୍ଥାନ-ପତନ ଦେଇ ଗତି କରୁ ଏବଂ ନିଷ୍ପତ୍ତି ନେବାକୁ ଆମକୁ ଅନେକ ବିଷୟରେ ଚିନ୍ତନ କରିବାକୁ ହୁଏ । ଧ୍ୟାନ ସେହି ଚିନ୍ତନକୁ ପ୍ରକ୍ରିୟାକରଣ କରିବାରେ ସାହାଯ୍ୟ କରିଥାଏ ।" ଏହି ଅବସରରେ ଶ୍ରୀ ବର୍ମା ଅତିଥି ବକ୍ତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ । ଏହି କାର ?ୟକ୍ରମ ପ୍ରାରମ୍ଭରେ, ଏମଏସ ଏଣ୍ଡ ଏଚଆର ଏଲ ଏଣ୍ଡ ଡି ବିଭାଗ ର ସିଜିଏମ ଶ୍ରୀ ପି କେ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଏବଂ ଜୀବନରେ ଧ୍ୟାନ କେତେ ଜରୁରୀ ତାହା ଉପରେ ମଧ୍ୟ ବର୍ଣ୍ଣନା କରିଥିଲେ । ଏଚ ଆର -ଏଲ ଏଣ୍ଡ ଡି ବିଭାଗର ସିନିୟର ମ୍ୟାନେଜର ସୁଶ୍ରୀ ଅନ୍ନପୂର୍ଣ୍ଣା ବେହେରା ଅଧିବେଶନ ସଂଯୋଜନା କରିଥିଲେ ଏବଂ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଏସସି / ଏସଟି ଏବଂ ମହିଳା ଉଦ୍ୟୋଗୀଙ୍କ ଉପରେ ବିଶେଷ ଧ୍ୟାନ ସହ ଏମଏସଇ ପାଇଁ ଭେଣ୍ଡର ବିକାଶ କାର୍ଯ୍ୟକ୍ରମ ଆୟୋଜିତ

ରାଉରକେଲା: ସେଲ୍, ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଅନୁସୂଚିତ ଜାତି/ଜନଜାତି ଏବଂ ମହିଳା ଉଦ୍ୟୋଗୀଙ୍କ ଉପରେ ବିଶେଷ ଧ୍ୟାନ ସହ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ (ଏମଏସଇ) ପାଇଁ ଡିସେମ୍ବର ୧୯ ତାରିଖରେ ରାଉରକେଲା କ୍ଲବରେ ଏକ ଦିନିକିଆ ଭେଣ୍ଡର ବିକାଶ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ସରକାରୀ ନ୍ୟାସନାଲ ଏସସି / ଏସଟି ହବ କାର୍ଯ୍ୟାଳୟ (ଏନଏସଏସଏଚଓ), ଭୁବନେଶ୍ୱର ଓ ଏମଏସଏମଇ-ଡ଼ିଏଫଓ କଟକର ସହଭାଗିତାରେ ସମ୍ପନ୍ନ ହୋଇଥିଲା ।
ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମରେ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର, ଏବଂ ଏନଏସଏସଏଚଓ, ଭୁବନେଶ୍ୱରର ପ୍ରଭାରୀ ଶ୍ରୀ ଡି ଚକ୍ରବର୍ତ୍ତୀ ମଞ୍ଚାସୀନ ଥିଲେ । ଏହି ଅବସରରେ ଅପରେସନ୍ସ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଂଜନ ପଲାଇ ମଧ୍ୟ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି/ ଜନଜାତି ଏବଂ ମହିଳା ଉଦ୍ୟୋଗୀଙ୍କ ସମେତ ୧୦୦ ରୁ ଅଧିକ ଭେଣ୍ଡର ଯୋଗ ଦେଇଥିଲେ । ଏହି ଅବସରରେ ଶ୍ରୀ ମିଶ୍ର ଏଭଳି କର୍ମଶାଳା ଆୟୋଜନ ପାଇଁ ସାମଗ୍ରୀ ପରିଚାଳନା ବିଭାଗର ଉଦ୍ୟମର ପ୍ରଶଂସା କରିଥିଲେ । ସେ ବିକ୍ରେତାମାନଙ୍କୁ ବିଶେଷ କରି ଏସସି-ଏସଟି ଏବଂ ମହିଳା ଉଦ୍ୟୋଗୀମାନଙ୍କୁ ଆରଏସପିର ବିଭିନ୍ନ ଯୋଜନାରୁ ଲାଭ ନେବା ପାଇଁ ପରାମର୍ଶ ଦେଇଥିଲେ ।
ଶ୍ରୀ ପଲାଇ ତାଙ୍କ ବକ୍ତବ୍ୟରେ କାରଖାନାର ଭବିଷ୍ୟତ ସମ୍ପ୍ରସାରଣରେ ବିକ୍ରେତାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ଆରଏସପିର ପାରସ୍ପରିକ ଲାଭଦାୟକ ସାଧାରଣ କ୍ରୟ ନୀତି ବିଷୟରେ ଉଲ୍ଲେଖ କରିଥିଲେ ।
ଶ୍ରୀ ଅନିଲ କୁମାର ନିଜର ବକ୍ତବ୍ୟରେ ପ୍ରକ୍ରିୟାଗୁଡ଼ିକୁ ସ୍ୱଚ୍ଛ ଏବଂ ଦକ୍ଷ କରିବା ପାଇଁ ଆରଏସପିରେ ବିକ୍ରେତାମାନଙ୍କ ପାଇଁ ବ୍ୟବସାୟ ସୁଯୋଗ ଏବଂ ୟୁନିଟରେ ଦ୍ରୁତ ଡିଜିଟାଲାଇଜେସନ୍ ଉପରେ ବର୍ଣ୍ଣନା କରିଥିଲେ ।
କର୍ମଶାଳା ଆୟୋଜନକୁ ପ୍ରଶଂସା କରି ଶ୍ରୀ ଡି ଚକ୍ରବର୍ତ୍ତୀ ଅଂଶଗ୍ରହଣକାରୀମାନଙ୍କୁ ଏହି କାର୍ଯ୍ୟମର ସମ୍ପୂର୍ଣ୍ଣ ଲାଭ ଉଠାଇବାକୁ ଅନୁରୋଧ କରିଥିଲେ । ଏହି ଅବସରରେ ଶ୍ରୀ ତରୁଣ ମିଶ୍ର ସାତଜଣ ବିଶିଷ୍ଟ ଅନୁସୂଚିତ ଜାତି/ଜନଜାତି ଏବଂ ମହିଳା ଉଦ୍ୟୋଗୀ ଯଥା ପ୍ରଭା ଆଣ୍ଡ ସନ୍ସ, ଅମ୍ବେଶ ଇଣ୍ଡଷ୍ଟ୍ରି, ମିଞ୍ଜି କେମିକାଲ୍, କୋଶଲା ଇଞ୍ଜିନିୟରିଂ, ହେଲଥ ଆଣ୍ଡ କେୟାର, ଗୁରୁଦ୍ୱାର ଇଞ୍ଜିନିୟରିଂ ଏବଂ ହିତକର୍ନି ଇଞ୍ଜିନିୟରିଂକୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଉପସ୍ଥିତ ଥିବା ସମସ୍ତ ଅନୁସୂଚିତ ଜାତି/ଜନଜାତି ଏବଂ ମହିଳା ଉଦ୍ୟୋଗୀ ମାନଙ୍କୁ ସମ୍ମାନିତ କରାଯାଇଥିଲା । ଏହାପୂର୍ବରୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଦ୍ୱାରା ଆନୁଷ୍ଠାନିକ ପ୍ରଦୀପ ପ୍ରଜ୍ୱଳନ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । କାର୍ଯ୍ୟକ୍ରମ ସମୟରେ ବିକ୍ରେତାମାନଙ୍କୁ ସରକାରଙ୍କ ବିଭିନ୍ନ ପ୍ରୋତ୍ସାହନ ଯୋଜନା ବିଷୟରେ ତଥା ଆରଏସପି ଓ ଅନ୍ୟ ପିଏସୟୁରେ ରହିଥିବା ସୁଯୋଗ ବିଷୟରେ ଓଡିଶା ସରକାର, କେନ୍ଦ୍ର ସରକାର ଏବଂ ଆରଏସପିର ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ଅବଗତ କରାଯାଇଥିଲା । ବିକ୍ରେତାମାନଙ୍କ ସହିତ ଏକ ମତବିନିମୟ ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଶ୍ରୀ ଅନିଲ କୁମାର ପ୍ରତିନିଧି ଓ ମାନ୍ୟଗଣ୍ୟ ମାନଙ୍କୁ ସ୍ୱାଗତ କରିଥିଲେ । ସିଜିଏମ୍ ଇନ୍-ଚାର୍ଜ (ଏମଏମ୍-କ୍ରୟ) ଶ୍ରୀ ରାଜୀବ ସେହଗଲ୍ ଧନ୍ୟବାଦ ଅର୍ପଣ କରିଥିଲେ । ସାମଗ୍ରୀ ପରିଚାଳନା ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ଓମକାର ମହାନ୍ତି ଏବଂ ଏଜିଏମ ସୁଶ୍ରୀ ସୁସ୍ମିତା ତିର୍କୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ଭତ୍ତା ନପାଇ ବୟସ୍କ ବ୍ୟକ୍ତି କଲବଲ

ଘଟଗାଁ, ୨୨/୧୨ (ନି.ପ୍ର): ଭତା ନପାଇ ଜଣେ ବୟସ୍କ କଲବଲ ହେଉଥିବା ଦେଖିବାକୁ ମିଳିଛି । ସୂଚାନରୁ ପ୍ରକାଶ ଘସିପୁରା ବ୍ଲକ୍ ଅନ୍ତର୍ଗତ ଭଣ୍ଡାରି ଡିହା ଗ୍ରାମର ପ୍ରମୋଦ କୁମାର ନାୟକ(୭୦) ଦୀର୍ଘଦିନ ହେଲା ଭତା ପାଇଁ ଆବେଦନ କରିଆସୁଥିବା ବେଳେ ଆଜିଯାଏ ନିଜର ଭତା ନପାଇ ବାରମ୍ବାର ବ୍ଲକରୁ ପଂଚାୟତ ଦେଉଥିବାବେଳେ କେହି ତାଙ୍କୁ କୌଣସି ପ୍ରକାର ସାହାଯ୍ୟ କରୁନଥିବା ଅଭିଯୋଗ କରିଛନ୍ତି । ଏହାକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିବା ସହିତ ସରକାର ଭେଣ୍ଡିଆଙ୍କୁ ଭତା ଦେଉଥିବାବେଳେ ଆମମାନଙ୍କ ପାଇଁ ଭତା ସ୍ୱପ୍ନ ହୋଇଯାଇଥିବା ପ୍ରକାଶ କରିଛନ୍ତି । ଅନେକ ଭତା ପାଇଁ ଦରଖାସ୍ତ କରି କରି ଭତା ପାଇବା ପୂର୍ବରୁ ପ୍ରାଣ ହରାଉଥିବା ନଜରକୁ ଆସିଛି ରୋହିରା ପଂଚାୟତର ସୁନିଆ ମୁଣ୍ଡା ଭତାକୁ ଚାହିଁ ଚାହିଁ ଆଖି ବୁଜିଥିବାବେଳେ କିଛିଦିନ ବଳରାମପୁର ପଂଚାୟତର ଝାଡ଼ଖୁଣ୍ଟି ଗ୍ରାମର ଶୁକଦେବ ଦାଶ ମଧ୍ୟ ଭତାକୁ ଚାହିଁ ଚାହିଁ ଆଖିବୁଜିଥିବା ଜଣାପଡ଼ିଛି ଓ ହେଲେ ସଂପୃକ୍ତ ବିଭାଗୀୟ ଅଧିକାରୀ ଓ ପ୍ରଶାସନର ଅନ୍ତରିକତା ଅଭାବରୁ ଏପରି ଘଟଣା ଦେଖିବାକୁ ମିଳୁଛି ବୋଲି ବୁଦ୍ଧିଜିବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି । ଆଗକୁ ପ୍ରମୋଦଙ୍କ ଭାଗ୍ୟରେ ଏଭଳି ହୋଇପାରେ ନେଇ ସଂଦେହ ପ୍ରକାଶ କରିଛନ୍ତି ହେଲେ ବୟସର ଅପରାହ୍ନରେ କେହି ସାହାଯ୍ୟ କରିବା ପାଇଁ ହାତ ବଢ଼ାଇ ନଥିବା ଦେଖିବାକୁ ମିଳିଛି । ତୁରନ୍ତ ଭତା ଯୋଗାଇ ଦେବାକୁ ପ୍ରମୋଦ ଦାବି କରିଛନ୍ତି ।

# ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟରେ ସଂସ୍କୃତ ପାଠ ଆଲୋଚନାଚକ୍ର

ଧର୍ମଶାଳା, ୨୨/୧୨ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ସଂସ୍କୃତ ବିଭାଗର ଏକ ସଂସ୍କୃତ ପାଠ ଆଲୋଚନାଚକ୍ର ମହାବିଦ୍ୟାଳୟ ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଏହି ଆଲୋଚନାଚକ୍ର ସଂସ୍କୃତ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ରଶ୍ମୀକାନ୍ତ ଦାଶଙ୍କ ସଭାପତିତ୍ୱରେ ଜୀବନ ଗଠନରେ ଗୀତା ଶୀର୍ଷକରେ ବିଷୟ ବିଶାରଦ ଭାବେ ପ୍ରବଚକ ବିଭୂତି ଭୂଷଣ ପାଲ, ଅଧ୍ୟାପକ ସଂଗ୍ରାମ କେଶରୀ ଦାଶ ଯୋଗ ଦେଇଥିବା ବେଳେ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ମହେଶ୍ୱର ପାଢୀ ଯୋଗ ଦେଇ ଚରିତ୍ର ଗଠନରେ ଗୀତାର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଅମୂଲ୍ୟ କୁମାର ପତି, ସୂର୍ଯ୍ୟକାନ୍ତ ରାଉତ, ସେକ୍ ରୁହୁଲ ଅମିନ୍, ବାବୁଲା ରଣା, ଅଧ୍ୟାପିକା ଜୟଶ୍ରୀ ନାୟକ, ସାଗରିକା ଦାଶ, ରୂପାଲି ସାମଲ ଓ ମାମଲି ବେହେରାଙ୍କ ସମେତ ବିନୟ ରାଉତ, ଧର୍ମେନ୍ଦ୍ର ମହାନ୍ତି, ସୁନିଲ କୁମାର ଓଝା, ଶୋଭାନୁଲ ହକ୍, ଅକ୍ତର ଅଲ୍ଲୀ ଓ ଦୁଃଶାସନ ବେହେରା ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସଂସ୍କୃତ ବିଭାଗର ଛାତ୍ରୀ ରଶ୍ମୀରଂଜିତା ଜେନା, ଲିପ୍ସା ରାଣୀ ଓଝା ଓ କ୍ଷୀରାବ୍ଧୀ ତନୟା ପତି ପ୍ରମୁଖ ମଂଚ ପରିଚାଳନା କରିଥିଲେ । ସ୍ୱେତେଲିନା ପାଢୀ, ପଦ୍ମାବତୀ ଗନ୍ତାୟତ, ଝରଣା ବେହେରା, ଆଶୁତୋଷ ନାୟକ ଓ ଜୟନ୍ତ ମିଶ୍ର ପ୍ରମୁଖ ଭିତି ପ୍ରବନ୍ଧ ପାଠ କରିଥିବା ବେଳେ କସ୍ତୁରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଗଲପୁର ବ୍ଲକ୍‌ର ୧୫ଟି ଗ୍ରାମରେ ଗଡ଼ିଲା ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ରଥ

ବଲାଙ୍ଗୀର, ୨୨/୧୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ଆଗଲପୁର ବ୍ଲକ୍‌ର ସିଡିପିଓ ଶୁଭଶ୍ରୀ ମିଶ୍ର, ଗୋଷ୍ଠି ଉନ୍ନୟନ ମହାପାତ୍ର କୁଳଦୀପ ମହାନ୍ତି, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ରୁଦ୍ର ପ୍ରତାପ ସୁନା, ସୁପରଭାଇଜର ଦୁଲାରି ଧରୁଆ, ଡୁଡୁକା ପଦ୍ମିନୀ ପାତ୍ର, ପ୍ରଫୁଲ୍ଲ କୁମାର ଦୋରାଙ୍କ ସମେତ ସୋମନାଥ ମିର୍ଦ୍ଧା, ବିକାଶ ନାଏକ, ନବନିତା କୁମାର ମେହେର, ପ୍ରଣତି ନାଏକଙ୍କ ଉପସ୍ଥିତିରେ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ରଥ ବ୍ଲକ୍ ଅନ୍ତର୍ଗତ ଆଗଲପୁର ଗ୍ରାମ ପଂଚାୟତ, ଆଗଲପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର, ଆଗଲପୁର ପୋଲିସ ଷ୍ଟେସନ, ଡୁଡୁକା, କୁଟାସିଂହା, ଆଗଲପୁର, ଝାରମୁଣ୍ଡା, ସଲେଭଟା, ଟେନ୍ତୁଲିଗାଁ, କଟାପାଲି, ଡୁଙ୍ଗୁରିପାଲି, ହାଡ଼ଭଙ୍ଗା, ମୁରଶୁଣ୍ଡି, ନୀରବଚନ୍, ରୋଥ୍ ଓ ବ୍ଲକ୍ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସଲେଭଟାକୁ ପରିକ୍ରମା କରି ୪ ପୃଷ୍ଠା ସମ୍ବଳିତ ପୋଷ୍ୟ ସନ୍ତାନ ଗ୍ରହଣ ଲିଫ୍‌ଲେଟ୍ ପ୍ରଦାନ କରାଗଲା ଏବଂ ମାଇକ ଦ୍ୱାରା ପୋଷ୍ୟ ସନ୍ତାନର ଯୋଗ୍ୟତା, ଆବେଦନ ପ୍ରଣାଳୀରେ ପଞ୍ଜିକରଣ କରିବାକୁ ଗୀତ ମାଧ୍ୟମରେ ପ୍ରଚାର କରାଗଲା । ଏହି ରଥକୁ ପରିକ୍ରମା କରିବାକୁ ପୋଷ୍ୟସନ୍ତାନ ଗ୍ରହଣ କେନ୍ଦ୍ରର ସାମାଜିକ କର୍ମୀ ପୁଷ୍ପାଞ୍ଜଳି ସୁନା, ଚାଇଲ୍ଡ ହେଲ୍ପ ଲାଇନର କେସ୍‌ୱାର୍କର ଶୁଭମ୍ ଜେନା ରଥକୁ ପରିକ୍ରମା କରାଇ ସଚେତନତା କରିବା ପାଇଁ ଜନସାଧାରଣକୁ ଉତ୍ସାହିତ କରିଥିବାବେଳେ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର କାର୍ଯ୍ୟକ୍ରମ ପରିଚାଳକ ଦେବାଶିଷ ପଟେଲ ଏହି ରଥ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

# ସମ୍ବଲପୁରରେ ସ୍ଥାପନ ହେବ ଡପ୍ଲର ପାଣିପାଗ ରାଡାର

ସମ୍ବଲପୁର, ୨୨/୧୨ (ନି.ପ୍ର): ସମ୍ବଲପୁର ସହର ଉପକଣ୍ଠ ଜମାଦାରପାଲି ବିମାନ ବନ୍ଦର ନିକଟରେ ଥିବା ପାଣିପାଗ ବିଭାଗ କାର୍ଯ୍ୟାଳୟରେ ଏକ ଅତ୍ୟାଧୁନିକ ଜ୍ଞାନ କୌଶଳ ଯୁକ୍ତ ଡପ୍ଲର ରାଡ଼ାର ସ୍ଥାପନା ହେବାକୁ ଯାଉଛି । ଆସନ୍ତା ୨୨ ତାରିଖରେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ କରକମଳରେ ଏହି ଡପ୍ଲର ପାଣିପାଗ ରାଡାର ସ୍ଥାପନର ଶୁଭାରମ୍ଭ ହେବାକୁ ସ୍ଥିରୀକୃତ ହୋଇଛି । ଏଥିରେ ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର୍ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଓ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ମାନେ ସାମିଲ୍ ହେବାର କାର୍ଯ୍ୟକ୍ରମ ରହିଛି । ପ୍ରାୟ ୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଡପ୍ଲର ପାଣିପାଗ ରାଡାର ସ୍ଥାପନା ଫଳରେ ଅଂଚଳରେ ପାଣିପାଗର ପୂର୍ବାନୁମାନ ଅଧିକ ସଠିକ୍ ଓ ତ୍ୱରିତ ହୋଇପାରିବ ବୋଲି ବିଶେଷଜ୍ଞ ମାନେ ମତ ଦେଇଛନ୍ତି । ଏହି ଅବସରରେ ଭୁବନେଶ୍ୱରରୁ ଯୋଗଦେଇଥିବା ପାଣିପାଗ ବିଭାଗର ବିଭାଗୀୟ ଅଧିକାରୀ ଓ ବିଶେଷଜ୍ଞ ମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ସାମ୍ବାଦିକ ମାନଙ୍କୁ ଏହି ଡପ୍ଲର ପାଣିପାଗ ରାଡାର ସମ୍ପର୍କ ସବିଶେଷ ତଥ୍ୟ ଦେଇ ଡପ୍ଲର ପାଣିପାଗ ରାଡାର ର କାର୍ଯ୍ୟକାରିତା ବିଷୟରେ ଅବଗତ କରାଇବେ ବୋଲି ବିଜେପି କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ସୂଚନା ଦେଇଛନ୍ତି ।

# ଜାତୀୟ ସେବା ଯୋଜନା ପକ୍ଷରୁ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ବାସୁଦେବପୁର, ୨୨/୧୨ (ନି.ପ୍ର): ମନ୍ଦାରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱାରା ଆୟୋଜିତ ଜାତୀୟ ସେବା ଯୋଜନା ପକ୍ଷରୁ ଆନ୍ତଃ ଜିଲ୍ଲା ସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇ ଯାଇଛି । ଏହି ଉତ୍ସବରେ ଅଧକ୍ଷ ସୁଶୀଲ କୁମାର ମାଇତି ସଭାପତିତ୍ୱ କରିଥିଲେ । ଓଡ଼ିଶା ସରକାରଙ୍କ ମାନ୍ୟବର ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ଓ ବକ୍ତବ୍ୟ ପ୍ରଦାନ କରିଥିଲେ । ଆଜିର ଛାତ୍ର ଛାତ୍ରୀ ମାନେ ବୃକ୍ଷ ରୋପଣ କରି ପରିବେଶ ସୁରକ୍ଷା କରିବା ସହିତ ସମାଜ ସେବା କରିବା ଉଚିତ ଏବଂ ଭଲ ମଣିଷ ହୋଇ ପିତା ମାତା ଙ୍କ ସେବା କରିବା ଉଚିତ ବୋଲି ଉଚ୍ଚ ଶିକ୍ଷା ମନ୍ତ୍ରୀ ମତ ପ୍ରକାଶ କରିଥିଲେ । ବାସୁଦେବପୁର ପୌର ପାଳିକା ଅଧକ୍ଷା ନିବେଦିତା ବେହେରା, ଅଧ୍ୟାପକ ରମେଶ ଚନ୍ଦ୍ର ବେହେରା, ଅଧ୍ୟାପକ ଅନାଦି ଚରଣ କର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଦକ୍ଷ ସ୍ୱେଚ୍ଛାସେବୀ ଗାୟତ୍ରୀ ଦାସ, ଭା ର୍ଗଦ୍ୱିତି ସାହୁ ଓ ଅନ୍ୟ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରା ଯାଇଥିଲା । ଅଧ୍ୟାପକ ରମେଶ ଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ପ୍ରାଧ୍ୟାପକ ସୁଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ତିନି ଦିନ ଧରି ଚାଲିଥିବା ଏହି ଉତ୍ସବରେ ଚଉଦ ଟି କଲେଜ ରୁ ୧୧୦ ଜଣ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ । ଅଧ୍ୟାପକ ପ୍ରହଲ୍ଲାଦ ମାହୁନ୍ତ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ । ଶହୀଦ ସ୍ମୃତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଇରମ ର ସମାଜ ବିଜ୍ଞାନ ଅଧ୍ୟାପକ ରାଜ କିଶୋର ବାରିକ ଓ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଥିଲେ ଓ ସହଯୋଗ କରିଥିଲେ ।

# ୧୫ତମ ଓଡ଼ିଶା ପରିବେଶ କଂଗ୍ରେସ ଉଦ୍‌ଘାଟିତ

ଭୁବନେଶ୍ୱର , ୨୨/୧୨ (ନି.ପ୍ର): ଓଡ଼ିଶା ପରିବେଶ କଂଗ୍ରେସ ର ୨୫ ତମ ଅଧିବେଶନ ଆଜି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଉଦ୍ଘାଟିତ ହୋଇ ଯାଇଛି । ପରିବେଶ ଓ ଉପକୂଳ ବିଷୟ ବସ୍ତୁ ଉପରେ ଆୟୋଜିତ ଏହି ତିନି ଦିନର ସମ୍ମିଳନୀ କୁ ଉଦ୍ଘାଟନ କରି ଜଳ ପୁରୁଷ ଡ ରାଜେନ୍ଦ୍ର ସିଂହ କହିଲେ ଯେ ସମୁଦ୍ର ଉପକୂଳ ର ସୁରକ୍ଷା ନଦୀ ଗୁଡ଼ିକର ସ୍ୱାସ୍ଥ୍ୟ ସହିତ ଘନିଷ୍ଠ ଭାବରେ ଜଡ଼ିତ । ଆମର ପାରମ୍ପରିକ ଜ୍ଞାନ କୌଶଳ ସହିତ ବିଜ୍ଞାନ ଓ ପ୍ରଯୁକ୍ତି ର ସମିଶ୍ରଣରେ ଦୀର୍ଘ ମିଆଦୀ ଯୋଜନା ନକଲେ ନଦୀ ଓ ସାମୁଦ୍ରିକ ବେଳାଭୂମି ର ସୁରକ୍ଷା ସମ୍ଭବ ହେବ ନାହିଁ । ଏଥିପାଇଁ ସରକାର ଓ ସମାଜ ଗଭୀର ଭାବରେ ଚିନ୍ତାକରି ପଦକ୍ଷେପ ନେବା ଦରକାର ବୋଲି ଡ ସିଂହ କହିଥିଲେ କ୍ଷଉଦ୍ଘାଟନୀ ଉତ୍ସବରେ ସଭାପତିତ୍ୱ କରିଥିଲେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ର କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାଶ । ଉତ୍ସବରେ ଡିକ୍ଷାନ୍ତ ଭାଷଣ ଦେଇ ଗୋଆ ସ୍ଥିତ ଜାତୀୟ ସାମୁଦ୍ରିକ ପ୍ରତିଷ୍ଠାନ ର ସମୁଦ୍ର ବିଜ୍ଞାନୀ ଡ ପି ଚନ୍ଦ୍ରମୋହନ ଓଡ଼ିଶା ଉପକୂଳ ଭାରତର ସବୁଠୁ ସୁନ୍ଦର ଓ ପ୍ରାକୃତିକ ବିଭବରେ ବିଭବଶାଳୀ । ମାତ୍ର ଜଳବାୟୁ ପରିବର୍ତ୍ତନ ଏଥିପ୍ରତି କ୍ରମଶଃ ବିପଦ ସୃଷ୍ଟି କରୁଛି । ସମନ୍ୱିତ ଓ ଯୋଜନାବଦ୍ଧ ଉପକୂଳ ସୁରକ୍ଷା ପାଇଁ ଅଧିକ ଗବେଷଣା ହେବାର ଆବଶ୍ୟକତା ଅଛି ବୋଲି ସେ କହିଥିଲେ । ଅନ୍ୟତମ ବକ୍ତା ଭାବରେ ଗ୍ରୀନ ପିସ୍ ସଂସ୍ଥାର ରାଷ୍ଟ୍ରୀୟ ଅଧକ୍ଷ ସୌମ୍ୟ ଦତ୍ତ ଜଳବାୟୁ ପରିବର୍ତ୍ତନ ର ପ୍ରେକ୍ଷ୍ୟାପଟରେ ଉପକୂଳ ରେ ବସବାସ କରୁଥିବା ଜନତା ଓ ବିଶେଷକରି ମାଛ ମାରି ଜୀବିକା ନିର୍ବାହ କରୁଥିବା ଲୋକମାନେ ସବୁଠୁ ବେଶୀ କ୍ଷତିଗ୍ରସ୍ତ ହେବେ । ସେଥିପାଇଁ ଏବେଠୁ ସେ ସଜାଗ ରହିବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ବିଶିଷ୍ଟ ପରିବେଶବିତ ତଥା ଗ୍ରୀନ ନୋବେଲ ବିଜେତା ଶ୍ରୀ ପ୍ରଫୁଲ୍ଲ ସାମନ୍ତରା ଅନ୍ୟତମ ବକ୍ତା ଭାବେ ଯୋଗଦେଇ କହିଲେ ଯେ ସମ୍ପ୍ରତି ଦୁନିଆ ଦୁଇ ପ୍ରକାର ର ଗଭୀର ସମସ୍ୟା ର ସମ୍ମୁଖୀନ ହୋଇଛି । ତାହା ହେଉଛି ଜଳବାୟୁ ପରିବର୍ତ୍ତନ ଓ ମଣିଷ ଭିତରେ ଭୟଙ୍କର ଅସମାନତା । ପୁଞ୍ଜିବାଦୀ ବ୍ୟବସ୍ଥା ହେଉଛି ଏହି ଦୁଇ ସମସ୍ୟାର ଜନକ ।ଏହି ଉଦ୍ଘାଟନୀ ଉତ୍ସବରେ ସ୍ୱାଗତ ଭାଷଣ ଦେଇଥିଲେ କାର୍ଯ୍ୟକାରୀ ସମ୍ପାଦକ ଶ୍ରୀ ସୁଦର୍ଶନ ଦାସ । ଅନ୍ୟମନଙ୍କ ଭିତରେ ଓଡ଼ିଶା ପରିବେଶ କଂଗ୍ରେସ ର କାର୍ଯ୍ୟକାରୀ ଅଧକ୍ଷ ଡ ଅରବିନ୍ଦ ବେହେରା, ଡ ବାବୁ ଆମ୍ବକ୍ଷତ, ଡ ଶରତ କୁମାର ପାଲିତା ପ୍ରମୁଖ ବକ୍ତବ୍ୟ ରଖିଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ର ସାମୁଦ୍ରିକ ବିଜ୍ଞାନ ବିଭାଗର ମୁଖ୍ୟ ଡ ତମୋଘ୍ନ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ୬୪ ଜଣ ଗବେଷକ ଙ୍କ ଦ୍ୱାରା ପ୍ରସ୍ତୁତ ପ୍ରବନ୍ଧ ସଙ୍କଳନ କୁ ଉନ୍ମୋଚିତ କରା ଯାଇଥିଲା । ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ ସହିତ ପରିବେଶ ସୁରକ୍ଷା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା କ୍ଷଅପରାହ୍ନ ରେ 'ଉପକୂଳ ର ପର୍ଯ୍ୟକ୍ଷବରଣ ଓ ଜୈବ ବିବିଧତା' ଓ ' ଉପକୂଳ ର ପ୍ରାକୃତିକ ସମ୍ପଦ ଓ ଅର୍ଥନୀତି' ସମ୍ପର୍କିତ ଦୁଇଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏଥିରେ ୧୬ ଜଣ ଗବେଷକ ସେମାନଙ୍କ ପ୍ରବନ୍ଧ ଉପସ୍ଥାପିତ କରିଥିଲେ । ଏହି ଅଧିବେଶନରେ ଉତ୍କଳ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ଡ ବିନାୟକ ରଥ, ଫକୀରମୋହନ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଶିବ ପ୍ରସାଦ ଅଧିକାରୀ, ପ୍ରଫେସର ସୂର୍ଯ୍ୟନାରାୟଣ ପାତ୍ର, ଡ ବିଜୟ ସାହୁ, ନାବାର୍ଡ ର ସିଜିଏମ୍ ଶ୍ରୀ ସଞ୍ଜୟ ଯୋଶୀ, ସୋଆ ବିଶ୍ୱବିଦ୍ୟାଳୟର ପ୍ରଫେସର ବିଜୟ ସାହୁ, କଲିକତା ସ୍ଥିତ ସାମୁଦ୍ରିକ ମତ୍ସ୍ୟ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡ ବସନ୍ତ ଦାସ, ଡ ସୁଧାକର କର ପ୍ରମୁଖ ବକ୍ତା ଭାବରେ ଯୋଗ ଦେଇଥିଲେ କ୍ଷଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଏହି ଅଧିବେଶନ ଚାଲିବ ।

# ପେଦାବେଡ଼ାଠାରେ ୧୦୮ କୁଣ୍ଡିୟ ଗାୟତ୍ରୀ ଯଜ୍ଞ ଉପଲକ୍ଷେ ପ୍ରସ୍ତୁତି ବୈଠକ

ମାଲକାନଗିରି, ୨୨/୧୨ (ନି.ପ୍ର): ଖଇରପୁଟ ବ୍ଲକ ଅନ୍ତର୍ଗତ ପେଦାବେଡା ଗ୍ରାମପଂଚାୟତର ଆଶ୍ରମ ବିଦ୍ୟାଳୟ ନିକଟରେ ଅଖିଳ ଭାରତ ଗାୟତ୍ରୀ ପରିବାର ତରଫରୁ୧୦୮ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞର ତ୍ୱରାନ୍ୱିତ ସମ୍ବନ୍ଧରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଗାୟତ୍ରୀ ପରିବାର କୋରାପୁଟ ସବଜୋନ୍ ର ସହଯୋଜକ ବାଲ୍ମିକୀ ପ୍ରଧାନ, ବରିଷ୍ଠ କାର୍ଯ୍ୟକର୍ତ୍ତା ଡଃ. ରଜତ କୁମାର ଷଡଙ୍ଗୀ, ମାଲକାନଗିରି ଜିଲ୍ଲା ସହଯୋଜକ ସିତାରାମ ସ୍ୱାଇଁ, ଖଇରପୁଟ ଗାୟତ୍ରୀ ଶକ୍ତିପୀଠର ବ୍ୟବସ୍ଥାପକ ସତିଶ୍ ନାୟକ , ଖଇରପୁଟ ତହସିଲଦାର ପ୍ରମୋଦ କୁମାର ବେହେରା, ସମାଜସେବୀ ହୃଷୀକେଶ ସେଠୀ, ବାଳକୃଷ୍ଣ ପ୍ରଧାନ ଓ ଭଗବାନ ସାହୁ ପ୍ରମୁଖ ଉପସ୍ଥିତ ରହି ଆଗାମୀ କାର୍ଯ୍ୟକ୍ରମ ବାବଦେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଚଳିତ ଡିସେମ୍ବର ମାସ ୨୮ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୪ ଦିନ ଧରି ଚାଲିବାକୁ ଥିବା ମହାଯଜ୍ଞ ରେ କଳସ ଶୋଭାଯାତ୍ରା, ଗୋ ଯଜ୍ଞ, ଘୃତ ଯଜ୍ଞ, ନାମ ଯଜ୍ଞ ଓ ଅନ୍ନ ଯଜ୍ଞ ଭଳି କାର୍ଯ୍ୟକ୍ରମ ମାନ ଆୟୋଜିତ ହେବାକୁଥିବା ବେଳେ ବର୍ତ୍ତମାନ ଠାରୁ ଏହାର ପ୍ରଚାର ପ୍ରସାର ଓ ସୁ ବନ୍ଦୋବସ୍ତ ନିମନ୍ତେ ମୁଖ୍ୟ ଉଦ୍ୟୋକ୍ତା ସମସ୍ତଙ୍କୁ ଅନୁରୋଧ କରିଥିଲେ ।

## ହାଡ଼ିଆ ଧାନ ମଣ୍ଡି ଉଦଘାଟନ କଲେ ବିଧାୟକ

ଜୟପୁର, ୨୨/୧୨ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ହାଡିଆ ଧାନ ମଣ୍ଡିକୁ ଉଦଘାଟନ କଲେ ବିଧାୟକ । ଜୟପୁର ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ଆୟୋଜିତ ମଣ୍ଡିର ଉଦଘାଟନି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗଦେଇ ଉଦଘାଟନ କରିଛନ୍ତି । ବିଧାୟକ ହାଡିଆ ରେ ପହଂଚିବା ପରେ ଗ୍ରାମବାସୀ ଓ ଚାଷି ମାନେ ସ୍ୱାଗତ କରିଥିଲେ । ଉଦଘାଟନ ସମୟରେ ବିଧାୟକଙ୍କ ସହ ଜିଲା ପରିଷଦ ସଭ୍ୟା ତପତି ପଟ୍ଟନାୟକ, ସରପଂଚ ସୁରେଶ ବସ୍ତରିଆ ବରିଷ୍ଠ କଂଗ୍ରେସ ନେତା ଭାସ୍କର ପଟ୍ଟନାୟକ, ବ୍ଲକ ସଭାପତି ବସନ୍ତ ନାୟକ, ମଣ୍ଡି ଦାୟିତ୍ୱରେ ଥିବା ଭକ୍ତ ଟାକରି ଉପସ୍ଥିତ ଥିଲେ ।

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ସୋମବାର, ୨୩ ଡିସେମ୍ବର ୨୦୨୪

# ଆପଣ ସ୍ଲିପ୍ ଡିସ୍କ ସମସ୍ୟାରେ ପୀଡ଼ିତ କି... ? କରନ୍ତୁ ଏହି ଯୋଗ ମିଳିବ ଆରମ





ଆଜିକାଲି ଯୁବକମାନଙ୍କ ମଧ୍ୟରେ ସ୍ଲିପ୍ ଡିସ୍କ୍ ସମସ୍ୟା ବଢିବାରେ ଲାଗିଛି। ଏକ ରିପୋର୍ଟ ଅନୁଯାୟୀ, ଭାରତର ପ୍ରାୟ ୮୦ ପ୍ରତିଶତ ଯୁବକ ସ୍ଲିପ୍ ଡିସ୍କ୍ ସମସ୍ୟାରେ ପୀଡିତ ଅଛନ୍ତି। ଏମିତି କିଛି ଯୋଗାସନ ଅଛି ଯାହା ଅଭ୍ୟାସ କରିବା ଦ୍ୱାରା ସ୍ଲିପ୍ ଡିସ୍କ ଦ୍ୱାରା ସୃଷ୍ଟି ହେଉଥିବା ଅସହ୍ୟ ଯନ୍ତ୍ରଣାକୁ ହ୍ରାସ କରିହେବ।



ଅନେକ ସମୟରେ ଅଣ୍ଟା ଏବଂ ପିଠି ଯନ୍ତ୍ରଣା ସ୍ୱାଭାବିକ ହୋଇଥାଏ। କିନ୍ତୁ ବେଳେବେଳେ ଏହି ଯନ୍ତ୍ରଣା ଅସହ୍ୟ ହୋଇଯାଏ। ଘଣ୍ଟା ଘଣ୍ଟା ଧରି ଭୁଲ ଅବସ୍ଥାରେ ବସିବା, ଭୁଲ ଜୀବନଶୈଳୀ ଏବଂ ଖାଇବା ଅଭ୍ୟାସ ଯୋଗୁଁ ସ୍ଲିପ୍ ଡିସ୍କ ଭଳି ସମସ୍ୟା ଦେଖାଯାଏ। ସ୍ଲିପ୍ ଡିସ୍କ ହେଉଛି ମେରୁଦଣ୍ଡର ଏକ ସ୍ୱାସ୍ଥ୍ୟ ଅବସ୍ଥା, ଯାହା ସାଧାରଣତଃ ହାଡ ସମସ୍ୟା ଏବଂ ଆଘାତ ଦ୍ୱାରା ହୋଇଥାଏ।

**ସ୍ଲିପ୍ ଡିସ୍କ ସମସ୍ୟା ପାଇଁ ଯୋଗାସନ**

ଆଜିକାଲି ଯୁବକମାନଙ୍କ ମଧ୍ୟରେ ସ୍ଲିପ୍ ଡିସ୍କ୍ ସମସ୍ୟା ବଢିବାରେ ଲାଗିଛି। ଏକ ରିପୋର୍ଟ ଅନୁଯାୟୀ, ଭାରତର ପ୍ରାୟ ୮୦ ପ୍ରତିଶତ ଯୁବକ ସ୍ଲିପ୍ ଡିସ୍କ୍ ସମସ୍ୟାରେ ପୀଡିତ ଅଛନ୍ତି। ସ୍ଲିପ୍ ଡିସ୍କ୍ କ୍ଷେତ୍ରରେ, ଶେଷ ଚିକିତ୍ସା ଭାବରେ ଅପରେସନ୍‌କୁ ବିବେଚନା କରାଯାଏ। ତଥାପି, ଏହି ସମସ୍ୟାକୁ ଠିକ ସମୟରେ ଚିହ୍ନଟ କରାଯାଇପାରିଲେ ଏହାର ଉପଯୁକ୍ତ ଚିକିତ୍ସା କରାଯାଇପାରିବ। ଯୋଗ ମଧ୍ୟ ଏଥିପାଇଁ ଏକ ପ୍ରଭାବଶାଳୀ ଚିକିତ୍ସା ପ୍ରକ୍ରିୟା। ଏମିତି କିଛି ଯୋଗାସନ ଅଛି ଯାହା ଅଭ୍ୟାସ କରିବା ଦ୍ୱାରା ସ୍ଲିପ୍ ଡିସ୍କ ଦ୍ୱାରା ସୃଷ୍ଟି ହେଉଥିବା ଅସହ୍ୟ ଯନ୍ତ୍ରଣାକୁ ହ୍ରାସ କରିହେବ। ତେବେ ଆସନ୍ତୁ ସେହିସବୁ ଯୋଗ ବିଷୟରେ ଜାଣିବା।

**ଶବାସନ :** ଯେକୌଣସି ଯୋଗ ଅଭ୍ୟାସ ପରେ ଶେଷରେ ଏହି ଶବାସନରେ ଶେଷ କରାଯାଇଥାଏ। ଏହା ଅତି ସହଜ ଭଳି ଲାଗୁଥିଲେ ମଧ୍ୟ ଏକ କଷ୍ଟସାଧ୍ୟ ଆସନ। ଏହାର ଅଭ୍ୟାସ ସହିତ ସଠିକ୍ ଧ୍ୟାନ ମଧ୍ୟ ରହିବା ଦରକାର। ଶବାସନ ଅଭ୍ୟାସ ଶରୀର ଏବଂ ଆଭ୍ୟନ୍ତରୀଣ ଶକ୍ତିରେ ଉନ୍ନତି ଆଣେ। ସ୍ଲିପ୍ ଡିସ୍କ ଦ୍ୱାରା ହେଉଥିବା ଯନ୍ତ୍ରଣାକୁ ହ୍ରାସ କରିବାକୁ, ଶବାସନ ଅଭ୍ୟାସ କରାଯାଏ।

**ଭୁଜଙ୍ଗାସନ :** ଭୁଜଙ୍ଗାସନ ମେରୁଦଣ୍ଡର ଉପର ହାଡ ଉପରେ ଚାପ ପକାଇଥାଏ। ଏହି ଆସନରେ ଶରୀରର ଆକୃତିକୁ ସାପ ସଦୃଶ କରାଯାଏ। ପିଠି ଯନ୍ତ୍ରଣାରୁ ମୁକ୍ତି ପାଇବା ଏବଂ ଶରୀରକୁ ନମନୀୟ କରିବା ପାଇଁ ଭୁଜଙ୍ଗାସନ ଅଭ୍ୟାସ କରାଯାଏ।

**ଉଷ୍ଟ୍ରାସନ :** ମେରୁଦଣ୍ଡ ସମସ୍ୟା ଦୂର କରିବାରେ ଉଷ୍ଟ୍ରାସନର ଅଭ୍ୟାସ ପ୍ରଭାବଶାଳୀ ହୋଇଥାଏ। ଏହି ଆସନରେ ଶରୀରକୁ ଓଟ ପରି ରଖାଯାଏ। ଆସନ କରିବା ପାଇଁ ଶରୀର ପଛକୁ ଝୁଲି ରହିଥାଏ। ଚାପ ଯୋଗୁଁ ମେରୁଦଣ୍ଡ ସମସ୍ୟା ଦୂର ହୋଇଯାଏ।

**ଶଲଭାସନ:** ଶଲଭାସନ ଅଭ୍ୟାସ ସ୍ଲିପ୍ ଡିସ୍କ ଏବଂ ପିଠି ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ। ଏହି ଆସନ କରିବା ପାଇଁ ପେଟରେ ଶୋଇ ରହି ଦୁଇ ଗୋଡକୁ ଉଠାଇ ମେରୁଦଣ୍ଡ ବଙ୍କା କରାଯାଏ। ଆସନକୁ ସଠିକ୍ ଭାବରେ କଲେ ଅନେକ ସମସ୍ୟାରୁ ମୁକ୍ତି ମିଳେ।





# ଘରେ ତିଆରି କରନ୍ତୁ ଖଟା ମିଠାର ଏହି ସୁନ୍ଦର ରେସିପି



**ଆବଶ୍ୟକ ସାମଗ୍ରୀ:** ଟମାଟୋ, ତେନ୍ତୁଳି, ଶୁଖିଲା ଲଙ୍କା, ଧନିଆ ପତ୍ର, ହେଙ୍ଗୁ, ପଞ୍ଚଫୁଟଣ, ଭୃସଙ୍ଗ ପତ୍ର, ରସୁଣ, ଲୁଣ, ହଳଦୀ ଓ ଗୋଲମରିଚ

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ତେନ୍ତୁଳିକୁ ପାଣିରେ କିଛି ସମୟ ଭିଜାଇ ଦିଅନ୍ତୁ। ଏହାପରେ ତେନ୍ତୁଳି ବାହାର କରି ପାଣିକୁ ଅଲଗା କରି ରଖନ୍ତୁ। ଏବେ କଡ଼େଇରେ ତେଲ ଗରମ କରନ୍ତୁ। ସେଥିରେ ଅଳ୍ପ ସୋରିଷ, ଭୃସଙ୍ଗପତ୍ର ଓ ହେଙ୍ଗୁ ପକାନ୍ତୁ। ଏହାପରେ ଛୋଟ ଛୋଟ ଖଣ୍ଡରେ କଟାଯାଇଥିବା ଟମାଟୋକୁ ଏଥିରେ ପକାଇ ନରମ ହେବା ପର୍ଯ୍ୟନ୍ତ ଘାଣ୍ଟନ୍ତୁ। ଟମାଟୋ ଟିକେ ନରମ ହୋଇ ଆସିଲେ ସେଥିରେ ହଳଦୀ, ରସୁଣ ପକାନ୍ତୁ। ଏହାପରେ ଗୋଲମରିଚ ଓ ଜିରା ଗୁଣ୍ଡ ପକାଇ ଘାଣ୍ଟନ୍ତୁ। ତା'ପରେ ପୂର୍ବରୁ ପ୍ରସ୍ତୁତ କରି ରଖିଥିବା ତେନ୍ତୁଳି ପାଣିକୁ ଏଥିରେ ପକାନ୍ତୁ। ଏହାପରେ ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ। ଏହାକୁ କିଛି ସମୟ ଫୁଟିବାକୁ ଛାଡି ଦିଅନ୍ତୁ। ଫୁଟିବାର କିଛି ସମୟ ପରେ ଏଥିରେ ଧନିଆ ପତ୍ର ପକାଇ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଟମାଟୋ ରସମ୍। ଏହାକୁ ଆପଣ ଗରମ ଗରମ ଭାତ ସହିତ ଖାଇଲେ ବେଶୀ ସୁଆଦିଆ ଲାଗିଥାଏ ।

# ଡାଲଚିନିର ଅଦ୍ଭୁତ ଫାଇଦା; ଏମିତି କରନ୍ତୁ ବ୍ୟବହାର, ରାତିକ ଭିତରେ ଚିକ୍ ଚିକ୍ କରିବ ମୁହଁ !

ରୋଷେଇ ଘରେ ଥିବା ଡାଲଚିନି ରାତାରାତି ଚର୍ମରେ ଆଣିବ ଚମକ । ଏହାକୁ କେବଳ ଅନ୍ୟ କିଛି ଜିନିଷ ସହିତ ମିଶ୍ରଣ କରି ପ୍ରୟୋଗ କରିବାକୁ ପଡ଼ିବ। ତେବେ ଆସନ୍ତୁ ଏ ନେଇ କିଛି ଟିପ୍ସ ବିଷୟରେ ଜାଣିବା।

ଘରୁ ବାହାରେ ରହିବା ବା ଦିନସାରା ଧାଁ-ଧପଡ ଭିତରେ ଚର୍ମରେ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ। ପ୍ରଦୂଷଣ ଏବଂ ସୂର୍ଯ୍ୟକିରଣ ଚେହେରାରେ ଟ୍ୟାନିଂ ସୃଷ୍ଟିକରେ, ଯେଉଁ କାରଣରୁ ଚେହେରାର ଚମକ କମିଯାଏ ଏବଂ ଏହା ନିର୍ଜୀବ ଦେଖାଯିବା ଆରମ୍ଭ କରେ। ଏହାକୁ ଠିକ୍ କରିବା ପାଇଁ, ଅନେକ ଘରୋଇ ଉପଚାର ରହିଛି ଯାହାର ସାହାଯ୍ୟ ନିଆଯାଇପାରେ।

ଭାରତୀୟ ରୋଷେଇ ଘରେ ଡାଲଚିନି ଏକ ଅତି ପରିଚିତ ମସଲା। ଏହା ଫେସ୍ ପ୍ୟାକ୍ ଭାବରେ ମଧ୍ୟ ବ୍ୟବହୃତ ହୁଏ। ରୋଷେଇ ଘରେ ଥିବା ଏହି ଡାଲଚିନି ରାତାରାତି ଚର୍ମରେ ଚମକ ଆଣିପାରିବ। ଏହାକୁ କେବଳ ଅନ୍ୟ କିଛି ଜିନିଷ ସହିତ ମିଶ୍ରଣ କରି ପ୍ରୟୋଗ କରିବାକୁ ପଡିବ। ତେବେ ଆସନ୍ତୁ ଏ ନେଇ କିଛି ଟିପ୍ସ ବିଷୟରେ ଜାଣିବା।



**ଡାଲଚିନି-ମହୁ :** ଡାଲଚିନି ପାଉଡରକୁ ମହୁ ସହିତ ମିଶ୍ରଣ କରି ଆପଣ ମୁହଁରେ ଲଗାଇ ପାରିବେ। ଏହାର ମିଶ୍ରଣ ଚର୍ମକୁ ମଶ୍ଚରାଇଜ୍ କରିଥାଏ ଏବଂ ମୁହଁରେ ପଡୁଥିବା କୁଞ୍ଚନକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଏହି ପ୍ୟାକ୍‌କୁ ମୁହଁ ସହିତ ବେକରେ ମଧ୍ୟ ଲଗାଇବାକୁ ଭୁଲନ୍ତୁ ନାହିଁ।



**ଡାଲଚିନି-ଲେମ୍ବୁ ରସ :** ଲେମ୍ବୁ ରସକୁ ଡାଲଚିନି ପାଉଡର ସହିତ ମିଶାଇ ଫେସ୍ ପେଷ୍ଟ୍ ପ୍ରସ୍ତୁତ କରନ୍ତୁ। ଚର୍ମକୁ ଚକ୍‌ଚକ୍ କରିବାରେ ଏହି ପେଷ୍ଟ ବହୁତ ସାହାଯ୍ୟକାରୀ। କେବଳ ଏତିକି ନୁହେଁ, ଏହା ଚର୍ମରୁ କଳା ଦାଗ ମଧ୍ୟ ଦୂର କରିଥାଏ।

**ଡାଲଚିନି-ଗୋଲାପ ଜଳ :** ଡାଲଚିନି ପାଉଡରକୁ ଗୋଲାପ ଜଳରେ ମିଶାଇ ଚର୍ମରେ ଲଗାଇ ପାରିବେ। ଗୋଲାପ ଜଳ ଚର୍ମର ଚଐ ସ୍ତରକୁ ସ୍ୱାଭାବିକ କରିଥାଏ। ଏହା ବ୍ୟତୀତ ଏହାର ମିଶ୍ରଣ ଚର୍ମକୁ ଥଣ୍ଡା କରିଥାଏ ଏବଂ ଚାପକୁ ମଧ୍ୟ ହ୍ରାସ କରିଥାଏ।

**ଡାଲଚିନି-ଘିଁକୁଆରୀ :** ଚର୍ମ ପାଇଁ ଘିଁକୁଆରୀ ରସ ବହୁତ ଲାଭଦାୟକ। ପ୍ରତ୍ୟେକ ଚର୍ମ ସମସ୍ୟାରେ ଏହା ଉପଯୋଗୀ। ମୁହଁରୁ ବ୍ରଣ ଏବଂ ଟ୍ୟାନିଂ ଦୂର କରିବା ପାଇଁ ଏହା ଘରୋଇ ଉପଚାରରେ ବ୍ୟବହୃତ ହୁଏ। ଯଦି ଚର୍ମ ଶୁଖିଲା ପଡିଯାଉଛି, ତେବେ ଘିଁକୁଆରୀ ଏବଂ





ଡାଲଚିନିର ମିଶ୍ରଣ ପ୍ରୟୋଗ କରିହେବ। ଏହା ଚର୍ମକୁ ହାଇଡ୍ରେଟ୍ କରିଥାଏ ଏବଂ ଜ୍ୱଳନରୁ ମୁକ୍ତି ଦେଇଥାଏ।

**ଡାଲଚିନି-ଚନ୍ଦନ :** ଡାଲଚିନି ଏବଂ ଚନ୍ଦନ ପାଉଡର ମିଶ୍ରଣ କରି ଏହାର ପେଷ୍ଟକୁ ମୁହଁରେ ବ୍ୟବହାର କଲେ ଅନେକ ଫାଇଦା ମିଳେ। ଏହାର ପେଷ୍ଟ ଚର୍ମକୁ ଥଣ୍ଡା କରିଥାଏ ଏବଂ ଏହାକୁ ଚିକ୍କଣ କରିଥାଏ।





# ଗରମାଗରମ ଭାତ ସହ ଖାଆନ୍ତୁ ପୋଇ ଚିଙ୍ଗୁଡ଼ି ରସା



**ଆବଶ୍ୟକ ସାମଗ୍ରୀ:** ଚଙ୍ଗୁଡ଼ି, ପୋଇପତ୍ର, ପିଆଜ, ଅଦା, ରସୁଣ, କଞ୍ଚାଲଙ୍କା, ପୋସ୍ତ, ଧନିଆ ପତ୍ର, କଞ୍ଚା ଲଙ୍କା, ଜିରା, ଧନିଆ, ନଡ଼ିଆ ରସ ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପିଆଜ, ଅଦା, ରସୁଣ, କଞ୍ଚାଲଙ୍କା, ପୋସ୍ତ, ଧନିଆପତ୍ର, ଲଙ୍କା, ଜିରା ଓ ଧନିଆକୁ ବାଟି ଦିଅନ୍ତୁ। ବର୍ତ୍ତମାନ ଏକ ମାଟି ପଲମରେ ତେଲ ଗରମ କରି କଟା ପୋଇ ପତ୍ରକୁ ଅଳ୍ପ ଭାଜି ଦିଅନ୍ତୁ। ସେଗୁଡ଼ିକୁ କାଢ଼ି ଦେଇ ସେହି ପଲମରେ ପୁଣି ଥରେ ତେଲ ଗରମ କରି ପ୍ରସ୍ତୁତ କରିଥିବା ବଟା ମସଲାକୁ ପକାଇ କଷନ୍ତୁ। ମସଲା କଷି ହୋଇଯିବା ପରେ ଅଳ୍ପ ଲୁଣ ଓ ଚିଙ୍ଗୁଡ଼ି ପକେଇ ଭଲ ଭାବେ ଗୋଳେଇ ଘୋଡ଼ଣି ଦେଇ ଦିଅନ୍ତୁ। ଦୁଇ ତିନି ମିନିଟ୍ ପରେ ଘୋଡ଼ଣି କାଢ଼ି ଭଜା ପୋଇପତ୍ର ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ନଡ଼ିଆ ରସ, ସ୍ୱାଦ ଅନୁସାରେ ଲୁଣ ଓ କଟା କଞ୍ଚା ଲଙ୍କା ପକେଇ ଘୋଡ଼ାଇ ଦିଅନ୍ତୁ। ତିନି ଚାରି ମିନିଟ୍ ପରେ ଘୋଡ଼ଣି ବାହାର କରି ସେଥିରେ ଗରମ ମସଲା ପକାନ୍ତୁ ଓ ପଲମକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ସୁଆଦିଆ 'ପୋଇ ଚିଙ୍ଗୁଡ଼ି ରସା'। ଏହି ରେସିପିଟିକୁ ଗରମା ଗରମ ଭାତ କିମ୍ବା ରୁଟି ସହିତ ଖାଇଲେ ବେଶୀ ସୁଆଦିଆ ଲାଗିଥାଏ । ଏହି ରେସିପିଟିକୁ ଘରେ ବନେଇ ନିଜେ ଖାଆନ୍ତୁ ଓ ଘର ଲୋକଙ୍କୁ ପରଷନ୍ତୁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆଇନ-ଆତଙ୍କବାଦ...

ଯତୋ ଧର୍ମସ୍ତୋତୋ ଜୟଃ (‘ସତ୍ୟମେବ ଜୟତେ’ )ସମ୍ପୂର୍ଣ୍ଣ ମହାଭାରତରେ ଏଗାର ଥର ଉଲ୍ଲେଖ ଥିବା ଏହି ଶ୍ଳୋକଟି ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ଧ୍ୟେୟ ବାକ୍ୟ ଭାବରେ ଗ୍ରହଣ କରାଯାଇଛି। ମୁଣ୍ଡକ ଉପନିଷଦରେ ଥିବା ‘ସତ୍ୟମେବ ଜୟତେ’ ନ୍ୟାୟାଳୟର ସର୍ବାଗ୍ରେ ରହିଛି। ଏହାସତ୍ତ୍ୱେ କେଉଁଠି ନା କେଉଁଠି ନାଗରିକଟିଏ (ପୁରୁଷ/ନାରୀ) ପ୍ରକୃତ ଓ ଠିକ୍ ସମୟରେ ନ୍ୟାୟ ପାଇବା ଆଜି ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଇନ ବ୍ୟକ୍ତିକୁ ନ୍ୟାୟ ଦେବା ପାଇଁ ଉଦ୍ଦିଷ୍ଟ, ଭୟ ସୃଷ୍ଟି ପାଇଁ ନୁହେଁ। ଅପରପକ୍ଷରେ ‘ଆଇନ-ଆତଙ୍କବାଦ’ ଏପରି ଏକ ଶବ୍ଦ, ଯାହା ଆଇନର ଅପବ୍ୟବହାରକୁ ସୂଚାଇଥାଏ। ଏହାକୁ ମଧ୍ୟ ନୀତିବିରୁଦ୍ଧ ଓ ଅନ୍ୟାୟ ବୋଲି କୁହାଯାଏ। ଏଥିପାଇଁ ଭାରତୀୟ ଦଣ୍ଡ ସଂହିତା (ଆଇପିସି)ର ଧାରା ୪୯୮-କ(ଭାରତୀୟ ଦଣ୍ଡ ସଂହିତା-୮୬)କୁ ଦାୟୀ କରାଯାଉଛି। ବିବାହକୁ ଲୋକମାନଙ୍କର ଏକ ପବିତ୍ର ମିଳନ ଭାବରେ ବିବେଚନା କରାଯାଏ। ଏହାଦ୍ୱାରା ସେମାନେ ସ୍ୱଧର୍ମ, ଦାୟିତ୍ୱ, ମୂଲ୍ୟବୋଧ ଓ କର୍ତ୍ତବ୍ୟକୁ ପାଳନ କରିପାରିବେ। ପରମ୍ପରା ଅନୁଯାୟୀ ବିବାହକୁ ପତ୍ନୀ-ପତିଙ୍କ ଜୀବନବ୍ୟାପୀ ଏକାଠି ଠିଆ ହେବା ପାଇଁ ଆଶ୍ୱାସନା ଓ ପ୍ରତିଶ୍ରୁତି ଭାବରେ ବିବେଚନା କରାଯାଏ। ଲିଙ୍ଗଗତ ନିର୍ବିଶେଷରେ ସମାନ ଅଧିକାର ପାଇଁ ଦାବି ହେଉଛି। ତେବେ ପତ୍ନୀଙ୍କ ନିର୍ଯାତନା ବିରୋଧରେ ଲଢ଼ିବା ପାଇଁ ପୁରୁଷଙ୍କୁ ସମାନ ଅଧିକାର ପ୍ରଦାନ କରିବାରେ ଆମେ କାହିଁକି ବିଫଳ ହେଉଛୁ ? କିମ୍ବା ତାଙ୍କ ପରିବାର ପ୍ରତି ଅତ୍ୟାଚାରର ବିରୋଧ ପାଇଁ ପୁରୁଷମାନେ ଯେଉଁ ସ୍ୱର ଉତ୍ତୋଳନ କରିଛନ୍ତି ତାହା ଆମର ଆଇନ/ସମ୍ବିଧାନ ଦ୍ୱାରା କାହିଁକି ଶୁଣାଯାଉନାହିଁ ? ଆଇନ ଅନୁଯାୟୀ ଯୌତୁକ ଦେବା ଓ ଯୌତୁକ ମାଗିବା ସମାନ ଅପରାଧ। ତେବେ ଯୌତୁକ ଦେବା ପାଇଁ ମହିଳା ଏବଂ ତାଙ୍କ ପରିବାରକୁ କାହିଁକି ଆଇନ ଦ୍ୱାରା ପଚରାଉଚରା/ଦଣ୍ଡିତ କରାଯାଏ ନାହିଁ ? ଅନେକ ସମୟରେ ନାଗରିକ (ପୁରୁଷ ବା ମହିଳା)ମାନେ ନିଜର ଅହଙ୍କାର ମାଧ୍ୟମରେ ନିଜ ବ୍ୟକ୍ତିତ୍ୱର ପରିଚୟ ଜାହିର କରିବା ପାଇଁ ଚେଷ୍ଟା କରିଥା’ନ୍ତି। ଏହି ଅହଙ୍କାରରୁ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ମନାନ୍ତର ଓ ବିଭେଦ ଆରମ୍ଭ ହୋଇଥାଏ। ଆମେ ମନେରଖିବା ଉଚିତ ଯେ ନ୍ୟାୟ ସମସ୍ତଙ୍କ ପାଇଁ ସମାନ ହେବା ଆବଶ୍ୟକ। କାରଣ ସବୁ ମହିଳା ବା ସବୁ ପୁରୁଷ ଦୋଷୀ ହୋଇ ନ ଥା’ନ୍ତି। ଏହାର ଉଦାହରଣ ରୂପେ ନିକଟରେ ଘଟିଥିବା ପୁନେର ଜଣେ ଯୁବ ଇଞ୍ଜିନିୟର ଅତୁଲ ସୁଭାଷ (୩୪)ଙ୍କ ଆତ୍ମହତ୍ୟା ମାମଲାକୁ ନିଆଯାଇପାରେ, ଯାହା ଆଜି ସାରା ଭାରତକୁ ସ୍ତବ୍ଧ କରିଛି। ପତ୍ନୀ ନିକିତା ସିଂଘାଣିଆ, ଶାଶୂ ନିଶା ସିଂଘାଣିଆ ଓ ଶାଳକ ଅନୁରାଗ ସିଂଘାଣିଆ ସହିତ ତାଙ୍କ ମାମୁଁଙ୍କ ସମ୍ମିଳିତ ମାନସିକତା ନିର୍ଯାତନା ଏବଂ ଓକିଲାତିର ଖେଳ ଯୋଗୁଁ ଜଣେ ଉଦୀୟମାନ ଯୁବ ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ଇଞ୍ଜିନିୟରଙ୍କ ଜୀବନଦୀପ ସବୁଦିନ ପାଇଁ ଲିଭିଯାଇଛି। ଦୀର୍ଘ ୮୦ ମିନିଟର ଭିଡିଓ ଏବଂ ୨୪ ପୃଷ୍ଠାର ଅଭିଯୋଗପତ୍ରରେ ଆଇନଗତ ବ୍ୟବସ୍ଥାର ଅପବ୍ୟବହାର ସହିତ ଧାରା୪୯୮(କ) ସହିତ ଅନେକଗୁଡ଼ିଏ ଧାରାରେ ଜଣେ ସାଧାରଣ ବ୍ୟକ୍ତିର ଜୀବନ କିପରି ନଷ୍ଟ ହୋଇଛି, ତା’ର ବର୍ଣ୍ଣନା କରି ସବୁଦିନ ପାଇଁ ଜଣେ ପୁରୁଷ ଆଖି ବୁଜିଥିବା ଘଟଣା ଅତ୍ୟନ୍ତ ହୃଦୟ ବିଦାରକ। ଏହା ସାରା ଭାରତ ଏବଂ ନ୍ୟାୟିକ ବ୍ୟବସ୍ଥା ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ଭାରତୀୟ ଦଣ୍ଡବିଧି ଧାରା ୪୯୮(କ) ସୂଚୀତ କରେ ଯେ, ଯଦି ଜଣେ ମହିଳାଙ୍କ ପ୍ରତି ତାଙ୍କ ସ୍ୱାମୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ଦ୍ୱାରା ନିର୍ଦ୍ଦୟ ବ୍ୟବହାର ହୋଇଥାଏ ତେବେ ସମ୍ପୃକ୍ତ ସ୍ୱାମୀ ଓ ତାଙ୍କ ପରିବାରବର୍ଗ ଆଇନ ଅନୁସାରେ ଦଣ୍ଡିତ ହେବେ। ମହିଳାମାନଙ୍କୁ ଶାଶୂଘରେ ସୁରକ୍ଷା ଦେବା ପାଇଁ ୧୯୮୩ ମସିହାରେ ଏହି ଧାରା ଯୋଗ କରାଯାଇଥିଲା। ପତ୍ନୀଙ୍କ ଦ୍ୱାରା ଧାରା ୪୯୮(କ) ଅଧୀନରେ ସ୍ୱାମୀ ଓ ସେମାନଙ୍କ ପରିବାର ବିରୁଦ୍ଧରେ ହୋଇଥିବା ମାମଲାକୁ କଲିକତା ଉଚ୍ଚ ନ୍ୟାୟାଳୟ ବହୁ ତର୍ଜମା କରି ଖାରଜ କରିଦେଇଛନ୍ତି। ଏହି ମାମଲାର ଅଧ୍ୟକ୍ଷତା କରୁଥିବା ବିଚାରପତି ଶୁଭେନ୍ଦୁ ସାମନ୍ତ ମନ୍ତବ୍ୟ ଦେଇ କହିଥିଲେ ଯେ, ‘ସମାଜରୁ ଯୌତୁକ ନିର୍ଯାତନାର ନିରାକରଣ ପାଇଁ ଧାରା ୪୯୮(କ) ର ବ୍ୟବସ୍ଥା ହୋଇଥିଲା। କିନ୍ତୁ ଏବେ ଦେଖାଯାଉଛି ଯେ, ଅନେକ କ୍ଷେତ୍ରରେ ଉକ୍ତ ବ୍ୟବସ୍ଥାର ଅପବ୍ୟବହାର କରାଯାଉଛି।’ ବିଚାରପତି ଆହୁରି ମଧ୍ୟ କହିଥିଲେ ଯେ ବର୍ତ୍ତମାନର ଆପରାଧିକ ପ୍ରକ୍ରିୟା ପ୍ରକୃତ ନ୍ୟାୟ ପାଇଁ ଧାରା ୪୯୮(କ)ର ଉପଯୋଗ ଅପେକ୍ଷା ବ୍ୟକ୍ତିଗତ କ୍ରୋଧର ଓ ପ୍ରତିଶୋଧପରାୟଣତା ପାଇଁ ଉପଯୋଗ ହେଉଛି। ସେହିପରି ୨୦୧୨ରେ ବିବାହ କରିଥିବା ପୁନେର ଜଣେ ଆଇଟି ଇଞ୍ଜିନିୟରିଙ୍କ ସହିତ ତାଙ୍କ ପତ୍ନୀ ନିଷ୍ଠୁର ବ୍ୟବହାର କରୁଥିଲେ। ପତ୍ନୀଙ୍କର ତାହା ୨ୟ ବିବାହ ଥିଲା। ମହିଳାଙ୍କର ପ୍ରଥମ ବିବାହ ବିଚ୍ଛେଦ ପ୍ରକ୍ରିୟା ଆଇନତଃ ଚୂଡ଼ାନ୍ତ ହୋଇ ନ ଥିଲେ ମଧ୍ୟ ତାହା ସେ ଗୋପନ ରଖି ପୁନଃବିବାହ କରିଥିଲେ। ଏହାସତ୍ତ୍ୱେ ସେ ୨ୟ ସ୍ୱାମୀଙ୍କୁ ଖରାପ ବ୍ୟବହର କରୁଥିଲେ। ତେଣୁ ସେ ସଫ୍ଟୱେର ଇଞ୍ଜିନିୟର ଜଣକ ତାଙ୍କ ଓକିଲଙ୍କ ତରଫରୁ ପତ୍ନୀଙ୍କୁ ନୋଟିସ୍ ପଠାଇଥିଲେ ଯେ ଉକ୍ତ ମହିଳା ଆଇନତଃ ତାଙ୍କ ପତ୍ନୀ ନୁହନ୍ତି। ତେଣୁ ତାଙ୍କ ସହିତ ରହିବାକୁ ଚାହାନ୍ତି ନାହିଁ। ଏହାପରେ ସେ ମହିଳା ଜଣକ ପୁନେରେ ୨୦୧୭ରେ ସଫ୍ଟୱେର ଇଞ୍ଜିନିୟରଙ୍କ ବିରୁଦ୍ଧରେ ୪୯୮(କ) ଆଧାରରେ ମାମଲା ଦାୟର କରିଥିଲେ। ପ୍ରଥମ ଧାରା ୪୯୮(କ) ବଳବତ୍ତର ଥିବା ସମୟରେ ୨୦୨୧ରେ ସ୍ୱାମୀଙ୍କ ବିରୁଦ୍ଧରେ ଅନ୍ୟ ସ୍ଥାନରେ ଆଉ ଗୋଟିଏ ୪୯୮(କ) ଆଧାରରେ ଥାନାରେ ଏତଲା ଦେଇଥିଲେ। ତଦନୁସାରେ ପୁଲିସ ସମ୍ପୃକ୍ତ ଇଞ୍ଜିନିୟରଙ୍କ ବିରୁଦ୍ଧରେ ମକଦମା ଦାୟର କରିଥିଲା। ଅର୍ଥାତ୍ ଜଣେ ପୁରୁଷ ଉପରେ ଏକାଧିକ ୪୯୮(କ) ମାମଲା ଦାୟର ହୋଇପାରିବ। ଅପରପକ୍ଷରେ ମହିଳା ଜଣକ ପ୍ରଥମ ବିବାହ ଲୁଚାଇଥିଲେ ମଧ୍ୟ ତାଙ୍କ ଉପରେ କୌଣସି ମାମଲା ଦାଖଲ ହୋଇ ପାରିନଥିଲା। ଆଉ ଏକ ଘଟଣାରେ ପୁନେର ଏକ ପରିବାର ଅଦାଲତରେ ବାଲେଶ୍ୱରର ଜଣେ ମହିଳା ତାଙ୍କ ମା ଓ ବାପାଙ୍କ ପ୍ରରୋଚନାରେ ସ୍ୱାମୀଙ୍କ ବିରୋଧରେ ଧାରା ୪୯୮(କ) ଓ ଅନ୍ୟାନ୍ୟ ମିଥ୍ୟା ମାମଲା ଦାୟର କରି ପ୍ରାୟ ୧୫ ବର୍ଷ ଧରି ଆଇନ ଅଦାଲତୀ ନିର୍ଯାତନା ଦେଇ ଆସୁଛନ୍ତି।

# ଏସିଆର ସ୍ଥିରତା ପାଇଁ ପୁଟିନଙ୍କ ଯୋଜନା

## ସୌମେନ୍ଦ୍ର ଜେନା

> ପୁଟିନଙ୍କ ଦୃଷ୍ଟିରେ ଭାରତ-ଚୀନ ମଧ୍ୟରେ ସଂପର୍କକୁ ନେଇ ତିକ୍ତତା ବ୍ରିକ୍ସ ପାଇଁ ପ୍ରତିବନ୍ଧକ ହୋଇଥିବା ହେତୁ ଏହି ସମସ୍ୟାର ସମାଧାନ ପାଇଁ ସେ ଦୁଇଦେଶ ଉପରେ ଦୀର୍ଘଦିନ ହେବ ଚାପ ପ୍ରୟୋଗ କରି ଆସୁଥିଲେ । ଗତ ବ୍ରିକ୍ସ ବୈଠକ ପୂର୍ବରୁ ପୁଟିନ ମଧ୍ୟ ସେ ଦିଗରେ ସଂକେତ ପ୍ରଦାନ କରିଥିଲେ । ଭାରତ ଏବଂ ଚୀନ ପରସ୍ପରର ବିରୋଧୀ ହୋଇ ଲଢ଼ିବା ବେଳେ ବ୍ରିକ୍ସ ସଂଗଠନରେ ଥିଲେ ମଧ୍ୟ ଅନେକ ନିଷ୍ପତ୍ତିରେ ଅଲଗା ରହିବେ ବୋଲି ସ୍ପଷ୍ଟ ଭାବେ ଦେଖିଥିଲେ ।



ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ପାଇଁ ଏସିଆର ସ୍ଥିରତା ଏବେ ବଡ ବିଷୟ ହୋଇଛି । ଦୀର୍ଘ ବର୍ଷ ଧରି ନିଜକୁ ୟୁରୋପର ରାଷ୍ଟ୍ର ଭାବେ ମନେକରି ଆସିଥିବା ରୁଷିଆ ଏବେ ୟୁରୋପରୁ ଦୂରେଇଯାଇ ଏସିଆର ନିକଟବର୍ତ୍ତୀ ହୋଇଛି । ୟୁକ୍ରେନ ସହ ପାଖାପାଖି ତିନିବର୍ଷର ଯୁଦ୍ଧ କାଳରେ ରୁଷିଆକୁ ଧ୍ୱଂସ କରିବା ପାଇଁ ପଡୋଶୀ ୟୁରୋପୀୟ ରାଷ୍ଟ୍ରଗୁଡିକ ୟୁକ୍ରେନକୁ ହାତଖୋଲା ଅସ୍ତ୍ରଶସ୍ତ୍ର ଯୋଗାଣ ଜାରି ରଖିଥିଲାବେଳେ କେବଳ ଏସିଆର ରାଷ୍ଟ୍ରଗୁଡିକ ବିଶ୍ୱର ଅନେକ ମଞ୍ଚରେ ରୁଷିଆକୁ ସମର୍ଥନ କରିବା ସହିତ ରୁଷିଆର ଅର୍ଥନୀତି ଯେପରି ଭାଙ୍ଗି ନଯାଏ ସେଥିପାଇଁ ପାହାଡ ସଦୃଶ ଛିଡା ହୋଇ ଗୋଟିଏ ପଟେ ୟୁରୋପୀୟ ରାଷ୍ଟ୍ରଗୁଡିକର କଟକଣା, ସମାଲୋଚନାକୁ ସାମ୍ନା କରିବା ବେଳେ ଅପରପକ୍ଷେ ରୁଷିଆକୁ ଆର୍ଥିକ ଦୃଷ୍ଟିରୁ ସହଯୋଗ କରିଆସିଥିଲେ । ପେଟ୍ରୋଲ ଓ ଗ୍ୟାସ ଯୋଗାଣ ୟୁରୋପକୁ ପ୍ରାୟ ବନ୍ଦ ହୋଇପଡିଥିଲାବେଳେ ଏସିଆର ଦୁଇ ପ୍ରମୁଖ ରାଷ୍ଟ୍ର ଭାରତ ଓ ଚୀନ ରୁଷିଆଠାରୁ ସର୍ବାଧିକ ପରିମାଣର ତୈଳ ଓ ଗ୍ୟାସ କ୍ରୟ କରି ରୁଷିଆ ସାହସକୁ ଶକ୍ତିଶାଳୀ କରିଥିଲେ । ଇରାନପରି ରାଷ୍ଟ୍ର ନିଜେ ଡ୍ରୋନ୍ ଯୋଗାଣ ଦ୍ୱାରା ରୁଷିଆର ଆକ୍ରମଣକୁ ଶକ୍ତି ଯୋଗାଇ ଆସିଛି । ବିଶ୍ୱର ଅନେକ ରାଷ୍ଟ୍ରଙ୍କ ଦୃଷ୍ଟିରେ ସଇତାନ ପାଲଟିଥିବା ଉତ୍ତର କୋରିଆର ରାଷ୍ଟ୍ରପତି ପୁଟିନଙ୍କ ପାଇଁ କେବଳ ଭଲ ପଡୋଶୀ ନୁହେଁ, ଭଲ ବନ୍ଧୁ ମଧ୍ୟ ହୋଇଛନ୍ତି । ଉତ୍ତର କୋରିଆ ନିଜର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ନାଟୋଶକ୍ତିକୁ ଅନେକାଂଶରେ ଭୟଭୀତ କରି ରଖିବାକୁ ସକ୍ଷମ ମଧ୍ୟ ହୋଇଛନ୍ତି । ସିରିଆର ସରକାର ବହୁ ଗୋଷ୍ଠୀର ସନ୍ତ୍ରାସୀ ଆକ୍ରମଣ ମଧ୍ୟରେ କେବେହେଲେ ରୁଷିଆକୁ ସମର୍ଥନ କରିବାଠାରୁ ଦୂରେଇଯାଇ ନାହାନ୍ତି । ଏପରିକି ଅତୀତରେ ରୁଷିଆ ବିରୋଧରେ ଲଢିଆସିଥିବା ଆଫଗାନ ସରକାର ମଧ୍ୟ ଏହି ସମୟରେ ରୁଷିଆର ନିକଟବର୍ତ୍ତୀ ହୋଇଛନ୍ତି । ମଧ୍ୟ ଏସିଆର ରାଷ୍ଟ୍ରଗୁଡିକ ପାଶ୍ଚାତ୍ୟ ଗୋଷ୍ଠୀର ଚାପ ସତ୍ତ୍ୱେ ରୁଷିଆକୁ ଛାଡିନାହାନ୍ତି । ଇଣ୍ଡୋନେସିଆ ଓ ଭିଏତନାମ ପରି ରାଷ୍ଟ୍ର ଆମେରିକାର ଲୋଭ ପ୍ରଦର୍ଶନ ସତ୍ତ୍ୱେ ରୁଷିଆର ସହଯୋଗୀ ରହିଛନ୍ତି । ଗୋଟିଏ ପଟେ ଆମେରିକାର ଜୋ ବାଇଡେନଙ୍କ ସରକାର ଏସିଆ ଓ ରୁଷିଆକୁ ଅସ୍ତବ୍ୟସ୍ତ କରିବା ଉଦ୍ଦେଶ୍ୟରେ କଠୋର କଟକଣା ଜାରି ରଖିଥିଲାବେଳେ ଏସିଆର ରାଷ୍ଟ୍ରଗୁଡିକ ଲଢୁଆ ମନୋବୃତ୍ତି ନେଇ ସେ ସବୁକୁ ସାମ୍ନା କରିଆସିଛନ୍ତି । ଶୀତଳଯୁଦ୍ଧ କାଳରେ ରୁଷିଆ ଆମେରିକାକୁ ଏକାକୀ ବିରୋଧ କରିବାକୁ ସକ୍ଷମ ଥିଲାବେଳେ ଏବେ ଏସିଆର ଅନେକ ରାଷ୍ଟ୍ର ସେହି ସ୍ଥିତିକୁ ଆସିଗଲେଣି । ଚୀନ, ଭାରତ, ଉତ୍ତର କୋରିଆ ଓ ଇରାନ ପରି ରାଷ୍ଟ୍ର ବିଗତ ଦିନରେ ଅନେକ ମଞ୍ଚରେ ଆମେରିକା ଏବଂ ତା’ର ବନ୍ଧୁ ରାଷ୍ଟ୍ର ୟୁରୋପର ଗୋଷ୍ଠୀଙ୍କୁ କଡା ଶବ୍ଦରେ ଜବାବ ଦେଇଛନ୍ତି । ଭାରତର ଏସ୍.ଜୟଶଙ୍କର, ଚୀନର ୱାଙ୍ଗ ୱି, ଇରାନର ରାଷ୍ଟ୍ରପତି ଏବଂ ସୁପ୍ରିମଲିଡର ଖୋମେନୀ, ଉତ୍ତର କୋରିଆର ରାଷ୍ଟ୍ରପତି ସେହି ତାଲିକାରେ ରହିଛନ୍ତି । ତେଣୁ ରୁଷିଆର ସ୍ଥାୟିତ୍ୱ ଏସିଆର ସ୍ଥିରତା ଏବଂ ସୁଦୃଢତା ଉପରେ ଅଧିକ ନିର୍ଭର କରୁଥିବା ହେତୁ ପୁଟିନ ଏସିଆର ରାଷ୍ଟ୍ରଗୁଡିକ ମଧ୍ୟରେ ଉତ୍ତମ ସଂପର୍କ ଏବଂ ସହଯୋଗ ପାଇଁ ଧ୍ୟାନ ଦେଉଥିବା ଲକ୍ଷ୍ୟ କରାଯାଇଛି । ଆମେରିକାର କଠୋର କଟକଣା ମଧ୍ୟରେ ସେହିସବୁ ରାଷ୍ଟ୍ରଗୁଡିକୁ କିପରି ସାହାଯ୍ୟ କରାଯାଇପାରିବ ସେଥିପ୍ରତି ଦୃଷ୍ଟି ଦେଉଛନ୍ତି । ଉତ୍ତର କୋରିଆ ସହ ରୁଷିଆର ବୁଝାମଣା ତା’ର ପ୍ରମାଣ ।

ପୁଟିନଙ୍କ ଦୃଷ୍ଟିରେ ଭାରତ-ଚୀନ ମଧ୍ୟରେ ସଂପର୍କକୁ ନେଇ ତିକ୍ତତା ବ୍ରିକ୍ସ ପାଇଁ ପ୍ରତିବନ୍ଧକ ହୋଇଥିବା ହେତୁ ଏହି ସମସ୍ୟାର ସମାଧାନ ପାଇଁ ସେ ଦୁଇଦେଶ ଉପରେ ଦୀର୍ଘଦିନ ହେବ ଚାପ ପ୍ରୟୋଗ କରି ଆସୁଥିଲେ । ଗତ ବ୍ରିକ୍ସ ବୈଠକ ପୂର୍ବରୁ ପୁଟିନ ମଧ୍ୟ ସେ ଦିଗରେ ସଂକେତ ପ୍ରଦାନ କରିଥିଲେ । ଭାରତ ଏବଂ ଚୀନ ପରସ୍ପରର ବିରୋଧୀ ହୋଇ ଲଢିବା ବେଳେ ବ୍ରିକ୍ସ ସଂଗଠନରେ ଥିଲେ ମଧ୍ୟ ଅନେକ ନିଷ୍ପତ୍ତିରେ ଅଲଗା ରହିବେ ବୋଲି ସ୍ପଷ୍ଟ ଭାବେ ଦେଖିଥିଲେ । ଏହି ବିଭେଦରୁ ଆମେରିକା ଲାଭ ନେବାକୁ ପ୍ରୟାସ କରୁଥିବା ଲକ୍ଷ୍ୟ କରିଥିଲେ । ଗୋଟିଏ ପଟେ ଆମେରିକା ଭାରତ ସହ ବନ୍ଧୁତା ଓ ପ୍ରତିରକ୍ଷା ସହଯୋଗ ଚୁକ୍ତି କରିଥିଲା ବେଳେ ଅନ୍ୟ ପକ୍ଷରେ ସମ୍ଭାବ୍ୟ ଚୀନ ଆକ୍ରମଣ ସମୟରେ ଭାରତକୁ ସହଯୋଗ ନକରିବାର ଧମକ ଦେବା ଦୃଷ୍ଟିରେ ପଡିଛି । ତେଣୁ ପୁଟିନ ବ୍ରିକ୍ସ ଆଲୋଚନା କାଳରେ ଗତ ପାଞ୍ଚବର୍ଷ ଧରି ସୀମାନ୍ତରେ ଯୁଦ୍ଧପାଇଁ ପ୍ରସ୍ତୁତ ରହିଥିବା ଭାରତ ଓ ଚୀନର ନେତୃବୃନ୍ଦଙ୍କୁ ଆଲୋଚନା ମାଧ୍ୟମରେ ସମାଧାନ କରିବା ପାଇଁ ଚାପ ପ୍ରୟୋଗ କରିଥିଲେ ଯାହା ଏବେ ସଫଳ ହୋଇଛି । ସେହିପରି ଭାରତର ଅନ୍ୟ ଏକ ଶତ୍ରୁରାଷ୍ଟ୍ର ପାକିସ୍ତାନ ମଧ୍ୟ ଆମେରିକାର କଟକଣା ଏବଂ ଚୀନ ଉପରେ ଅଧିକ ନିର୍ଭରତା ମଧ୍ୟରେ ପେଷି ହୋଇ ଆସିଥିବା ସମୟରେ ପୁଟିନ ପାକ୍‌ର ଶକ୍ତି ସଂକଟ ଦୂର କରିବାକୁ ହାତ ବଢାଇଛନ୍ତି । ଗୋଟିଏ ପଟେ ଚୀନ ଉପରେ ଅଧିକ ନିର୍ଭର କରୁଥିବା ରାଷ୍ଟ୍ର ଉତ୍ତର କୋରିଆ ଏବଂ ପାକିସ୍ତାନର ଚାପକୁ ହ୍ରାସ କରିବାଲାଗି ପୁଟିନ ପ୍ରୟାସ ଜାରି ରଖିଛନ୍ତି । ସେଥିପାଇଁ ପାକ୍‌ରେ ଶକ୍ତି ସଙ୍କଟ ଦୂର କରିବାକୁ ପୁଟିନ ସହାୟତା ଦେଇ ଏହି ରାଷ୍ଟ୍ରକୁ ସ୍ଥିରତା ଆଡକୁ ନେବାଲାଗି ଲକ୍ଷ୍ୟ ରଖିଛନ୍ତି । କାରଣ ପାକ୍‌ରେ ଜାଳେଣି ସଙ୍କଟ, ବିଦ୍ୟୁତ ସଙ୍କଟ ଏବେ ଚରମସୀମାରେ ପହଞ୍ଚିଛି । ଶସ୍ତା ତୈଳ ଏବଂ ବିଦ୍ୟୁତ ଯୋଗାଣ ଦ୍ୱାରା ପାକ୍‌ର ଆର୍ଥିକସ୍ଥିତିକୁ ଅନେକାଂଶରେ ନିୟନ୍ତ୍ରଣ କରାଯାଇ ପାରିଲେ ପାକ୍‌କୁ ଚୀନ, ଆମେରିକା ଏବଂ ୟୁରୋପୀୟ ରାଷ୍ଟ୍ରର ଚାପକୁ ହ୍ରାସ କରାଯାଇପାରିବ । କାରଣ ଆମେରିକା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ରାଷ୍ଟ୍ରଗୁଡିକୁ ସବୁବେଳେ ନଷ୍ଟ କରିଆସିଛି । ଆଫଗାନିସ୍ତାନ, ପାକିସ୍ତାନ, ସିରିଆ, ବଙ୍ଗଳାଦେଶ ଆଦି ରାଷ୍ଟ୍ର ଏହାର ସ୍ପଷ୍ଟ ପ୍ରମାଣ । ବ୍ରିକ୍ସ ମାଧ୍ୟମରେ ଏସିଆ ଏବଂ ଆଫ୍ରିକାର ଦୁର୍ବଳ ରାଷ୍ଟ୍ରଗୁଡିକୁ ସହାୟତା ଯୋଗାଇ ଦେବାଲାଗି ପୁଟିନ ଯୋଜନା କରିଛନ୍ତି । ଡଲାରମୁକ୍ତ ବାଣିଜ୍ୟ, ବସ୍ତୁ ବିନିମୟ ବାଣିଜ୍ୟ ଏବଂ ବ୍ରିକ୍ସ ମୁଦ୍ରାର ବାଣିଜ୍ୟ ପାଇଁ ପୁଟିନ ଜୋର ଦେଉଛନ୍ତି । ଏହାଦ୍ୱାରା ଏସବୁ ରାଷ୍ଟ୍ରଗୁଡିକରେ ଆମେରିକା ଓ ୟୁରୋପ ଉପରେ ନିର୍ଭରତା ହ୍ରାସ ପାଇବ । ଆବଶ୍ୟକ ସମୟରେ ଏହିସବୁ ରାଷ୍ଟ୍ରଗୁଡିକ ପରସ୍ପର ମଧ୍ୟରେ ବାଣିଜ୍ୟ ସଂପର୍କ ଜାରି ରଖିବାକୁ ସକ୍ଷମ ହୋଇପାରିବେ । ପ୍ରତ୍ୟେକ କାର୍ଯ୍ୟ ପାଇଁ ଆମେରିକାର ଡଲାର ଆବଶ୍ୟକ ହେବନାହିଁ । ଏହା ସମ୍ଭବ ହେଲେ ରୁଷିଆ ୟୁରୋପକୁ ବାଦ୍‌ଦେଇ ଏସିଆର ରାଷ୍ଟ୍ର ସମୂହକୁ ସାଙ୍ଗରେ ନେଇ ଚାଲିଲେ ଅନେକ ସମସ୍ୟାର ସମାଧାନ କରିପାରିବ । ଶକ୍ତିଶାଳୀ ରୁଷିଆ ପାଇଁ ସୁଦୃଢ ଏସିଆ ଗଠନ ପୁଟିନଙ୍କ ପାଇଁ ଏବେ ପ୍ରାଥମିକତା ପାଲଟିଛି । ବିଗତ ଦିନମାନଙ୍କରେ ଭାରତର ପ୍ରତିରକ୍ଷା ଯୋଗାଣ କ୍ଷେତ୍ରରେ ଆମେରିକା ରୁଷିଆର ଅନେକ ଅଂଶ କାଟିବାକୁ ସକ୍ଷମ ହେବାପରେ ପୁଟିନ ଏବେ ଭାରତକୁ ନିଜ ସପକ୍ଷରେ ନେବାଲାଗି ପ୍ରୟାସ ଆରମ୍ଭ କରିଦେଇଛନ୍ତି । ନିଜ ଦେଶର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ସାମଗ୍ରୀ ଭାରତକୁ ଦେବାଲାଗି ସେ ଆଗେଇ ଆସିଛନ୍ତି । ଯେମିତି ସୁଖୋଇ -୫୭ ଏବଂ ରାଡାର ବ୍ୟବସ୍ଥା, ତନ୍ମଧ୍ୟରେ ସୁଖୋଇ -୩୦ ସ୍ଥାନରେ ସୁଖୋଇ ୫୭ ପଞ୍ଚମପିଢୀର ଯୁଦ୍ଧବିମାନ ଭାରତରେ ନିର୍ମାଣ କରିବାକୁ ଟେକ୍‌ନୋଲୋଜି ହସ୍ତାନ୍ତର କରିବାକୁ ପୁଟିନ ରାଜି ହୋଇଛନ୍ତି । ଗତ ଦିନରେ ଭାରତକୁ ଏହି ପ୍ରସ୍ତାବ ସେ ଦେଇସାରିଛନ୍ତି । ଯଦି ପୁଟିନଙ୍କ ପ୍ରୟାସ ସଫଳତା ଲାଭ କରେ ତେବେ ଆଗାମୀ ଅର୍ଦ୍ଧଶତାବ୍ଦୀ ପର୍ଯ୍ୟନ୍ତ ଭାରତର ବାୟୁସେନାରେ ରୁଷିଆର ସହଯୋଗ ବିଗତ ଦିନମାନଙ୍କ ପରି ବଳବତ୍ତର ରହିବ । ଏଥିରୁ ରୁଷିଆ ଲାଭାନ୍ୱିତ ହେବା ସହ ଭାରତକୁ ମଧ୍ୟ ନିଜ ସପକ୍ଷରେ ରଖିପାରିବ ।

ସେହିପରି ଏକପ୍ରକାର ଏକାକୀ ହୋଇପଡିଥିବା ଉତ୍ତର କୋରିଆ ସହ ଏସିଆର ଅନ୍ୟ ରାଷ୍ଟ୍ରଗୁଡିକର ସାହାଯ୍ୟ ଓ ସହଯୋଗ ବୃଦ୍ଧିପାଇଁ ପୁଟିନ ଜୋର ଦେଉଛନ୍ତି । ଦୀର୍ଘ ଦିନଧରି ଉତ୍ତର କୋରିଆରେ ଭାରତର କୂଟନୀତିକ କାର୍ଯ୍ୟାଳୟ ବନ୍ଦ ପଡିଥିଲାବେଳେ ଏବେ ଆକସ୍ମିକ ପୁନର୍ବାର ପୂରାଦମ୍‌ରେ ଖୋଲାଯାଇଛି । ପୁଟିନଙ୍କ ପରାମର୍ଶକ୍ରମେ ଭାରତ ଏହି ପଦକ୍ଷେପ ନେଇଥିବା କଥା କୁହାଯାଉଛି । କାରଣ ପୁଟିନ ଉତ୍ତର କୋରିଆ ଚୀନ ଉପରୁ ନିର୍ଭରଶୀଳତା ହ୍ରାସ କରିବାକୁ ଚାହୁଁଥିବାବେଳେ ଭାରତ ସେ କ୍ଷେତ୍ରରେ ଅଧିକ ସହଯୋଗ କରିପାରିବ ବୋଲି ମନେ କରୁଛନ୍ତି । ଉତ୍ତର କୋରିଆର ବିକାଶ କ୍ଷେତ୍ରରେ ପୁଞ୍ଜିନିବେଶ ଆବଶ୍ୟକ ହେଉଥିବାରୁ ଭାରତ ସରକାର ଏ କ୍ଷେତ୍ରରେ ଅଧିକ ସହଯୋଗ କରିପାରିବେ ବୋଲି ପୁଟିନଙ୍କର ଆଶା ରହିଛି । ଭାରତୀୟ କମ୍ପାନୀମାନେ ଏବେ ଭାରତ ବାହାରେ ଅଧିକ ପୁଞ୍ଜି ନିବେଶ କରିବାକୁ ଚାହୁଁଥିବା ହେତୁ ଏହାର ସୁବିଧା ଉତ୍ତର କୋରିଆକୁ ପ୍ରଦାନ କରିବା ପୁଟିନଙ୍କ ଲକ୍ଷ୍ୟ ରହିଛି । ଏହାଦ୍ୱାରା ସେ ଉତ୍ତର କୋରିଆର ସରକାରଙ୍କୁ ନିଜ ସପକ୍ଷରେ ନେବାକୁ ସକ୍ଷମ ହେବେ ଏବଂ ସେ ଦେଶର ଲୋକଙ୍କ ମନରେ ସକାରାତ୍ମକ ପ୍ରଭାବ ପକାଇପାରିବେ ।

ଆମେରିକାରେ ଜାନୁଆରୀ ୨୦୨୫ରେ ଟ୍ରମ୍ପ ସରକାର ଶାସନକୁ ଆସିବାପରେ ରୁଷିଆ ଏବଂ ଏସିଆର ଅନେକ ରାଷ୍ଟ୍ରଗୁଡିକ ସହ ଆମେରିକାର ନୀତିରେ ପରିବର୍ତ୍ତନ ହେବ । ୟୁରୋପଠାରୁ ଆମେରିକା ସରକାର ଦୂରକୁ ଯିବା, ନାଟୋ ରାଷ୍ଟ୍ରଗୁଡିକ ଉପରେ ଅଧିକ ଅର୍ଥ ପ୍ରତିରକ୍ଷା କ୍ଷେତ୍ରରେ ଖର୍ଚ୍ଚ କରିବାକୁ ଟ୍ରମ୍ପଙ୍କ ଚାପ ରହିବାର ସମ୍ଭାବନା ଦେଖାଦେଇଛି । ସେ କ୍ଷେତ୍ରରେ ଏସିଆର ରାଷ୍ଟ୍ରଗୁଡିକୁ ନିଜ ସପକ୍ଷରେ ନେଇ ପୁଟିନ ରୁଷିଆର ବାଣିଜ୍ୟ ପାଇଁ ବିକଳ୍ପ ବଜାର ଏବଂ ଆମଦାନିର ଉତ୍ସଗୁଡିକ ଖୋଜିବାରେ ଲାଗିଛନ୍ତି । ଆଗାମୀ ଦିନରେ ୟୁରୋପ ଏବଂ ଆମେରିକାର ପ୍ରଭାବରୁ ମୁକ୍ତରଖି କିପରି ରୁଷିଆକୁ ସଶକ୍ତ, ସୁଦୃଢ ଏବଂ ବିକାଶଶୀଳ କରାଯାଇପାରିବ । ସେଥିପ୍ରତି ଅଧିକ ଦୃଷ୍ଟିଦେବାକୁ ଏବେଠୁ ପୁଟିନ ଆରମ୍ଭ କରିଛନ୍ତି । ଗୋଟିଏ ପଟେ ରୁଷିଆର ଉତ୍ପାଦକୁ ବାହାରେ ବିକ୍ରି କରିବା ଏବଂ ରୁଷିଆ ପାଇଁ ଆବଶ୍ୟକ ବସ୍ତୁ ବାହାରୁ କିଣିବା ପାଇଁ ସେ ନୂଆ ନୂଆ ସହଯୋଗୀ ରାଷ୍ଟ୍ରମାନଙ୍କୁ ଖୋଜିବାରେ ଲାଗିଛନ୍ତି । ଏଥିପାଇଁ ଏସିଆରେ ସ୍ଥିରତା ଆବଶ୍ୟକ । ତେଣୁ ପୁଟିନ ଭାରତ-ଚୀନ, ଭାରତ-ଉତ୍ତର କୋରିଆ, ରୁଷିଆ- ପାକିସ୍ତାନ, ଇରାନ-ରୁଷିଆ ସହଯୋଗ ଉପରେ ଜୋର ଦେଉଛନ୍ତି । ଏହାଛଡା ମଧ୍ୟ ପ୍ରାଚ୍ୟର ଅନେକଗୁଡିଏ ରାଷ୍ଟ୍ରସହ ଉତ୍ତମ ସଂପର୍କ ରକ୍ଷାକରି ପ୍ରତିରକ୍ଷା ସହଯୋଗ ମାଧ୍ୟମରେ ସେ କ୍ଷେତ୍ରରେ ଶାନ୍ତି ଓ ସ୍ଥିରତା ସ୍ଥାପନ ପାଇଁ ପୁଟିନ ପ୍ରୟାସ ଚଳାଇଛନ୍ତି । ଏକଥା ସତ ଯେ ୨୦ବର୍ଷରୁ ଅଧିକକାଳ କ୍ଷମତାରେ ଥିବା କଟକଣା ଓ ଯୁଦ୍ଧକୁ ସାମ୍ନା କରୁଥିବା ପୁଟିନ ଏବେ ମଧ୍ୟ ନିଜ ଦେଶରେ ଲୋକପ୍ରିୟ, ଦେଶ ବାହାରେ ଶକ୍ତିଶାଳୀ ବିଶ୍ୱନେତା, ଏସିଆ ପାଇଁ ତାଙ୍କ ସକାରାତ୍ମକ ପ୍ରୟାସ ସଫଳ ହେବା ଆଶା କରାଯାଏ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ଯଦି ବଢ଼ିବ ସମସ୍ତଙ୍କର ବଢ଼ିବା ଉଚିତ୍

## ସୁବ୍ରତ କର

> ନୂଆ ସରକାର ହେଲା ପରେ ସମସ୍ତ ଦଳ ମତ ନିର୍ବିଶେଷରେ ପୁଣି ଦରମା ବଢ଼ାଇବା ପାଇଁ ଦାବି ହୋଇଛି । ଏଥର ଦାବିର ପରିମାଣ ହେଉଛି ଏକ ଲକ୍ଷରୁ ବୃଦ୍ଧି ହୋଇ ୨.୫ ଲକ୍ଷ ମାସିକ ଦରମା ରଖିବା ପାଇଁ ଦାବି ହୋଇଛି । ଏହାକୁ ବିଚାରକୁ ନେଇ ବାଚସ୍ପତି ମହୋଦୟା ଏକ ଉପଦେଷ୍ଟା କମିଟି ଗଠନ କରିବା ପାଇଁ ନିର୍ଦ୍ଦେଶ ଦେଇ ସାରିଛନ୍ତି ଏବଂ ଏହାକୁ ବିଚାରକୁ ନେଇ ଶୀଘ୍ର ରିପୋର୍ଟ ଦେବା ପାଇଁ କୁହାହୋଇଛି ।



ଆମ ରାଜ୍ୟର ଜନପ୍ରତିନିଧିଙ୍କ ସଂଖ୍ୟା ହେଲା ୧୪୭ ଏବଂ ସେଥିରୁ ୧୦୭ ଜଣ କୋଟିପତି ବୋଲି ନାମାଙ୍କନ ପତ୍ର ମାଧ୍ୟମରେ ଜଣାପଡ଼ିଛି । ସବୁଠୁ ବଡ଼ କଥା ହେଲା ଚଳିତ ବିଧାନସଭାରେ ଜନପ୍ରତିନିଧି ମାନଙ୍କ ହାରାହାରି ସମ୍ପତ୍ତି ପରିମାଣ ୭.୩୭ କୋଟି ଟଙ୍କା ଯାହାକି ୨୦୧୯ ମସିହାଠାରୁ ୨.୮୬ କୋଟି ଟଙ୍କା ବେଶି । ଗତ ବିଧାନସଭାରେ କୋଟିପତିଙ୍କ ସଂଖ୍ୟା ୯୫ ଥିବାବେଳେ ଏବେ ବଢ଼ି କରି ୧୦୭କୁ ଆସିଛି । ୨୦୦୩ ମସିହାରେ ଏମାନଙ୍କ ଦରମା ଏବଂ ଭତ୍ତା ୨୧୯୫୦ ଟଙ୍କା ଥିବାବେଳେ ୨୦୧୧ ମସିହା ବେଳକୁ ଏହା ବଢ଼ିଯାଇ ୬୦୦୦୦ ଟଙ୍କାରେ ପହଞ୍ଚିଲା । ପୁଣି ଏହି ଦରମା ୨୦୧୭ ମସିହା ବେଳକୁ ଏକଲକ୍ଷ ଧରିଲା ଏବଂ ଆଞ୍ଚଳିକ ପାଣ୍ଠି ପରିମାଣ ଏକ କୋଟି ଟଙ୍କାରୁ ବୃଦ୍ଧି ଘଟି ୩ କୋଟିରେ ପହଞ୍ଚିଲା । ନୂଆ ସରକାର ହେଲା ପରେ ସମସ୍ତ ଦଳ ମତ ନିର୍ବିଶେଷରେ ପୁଣି ଦରମା ବଢ଼ାଇବା ପାଇଁ ଦାବି ହୋଇଛି । ଏଥର ଦାବିର ପରିମାଣ ହେଉଛି ଏକ ଲକ୍ଷରୁ ବୃଦ୍ଧି ହୋଇ ୨.୫ ଲକ୍ଷ ମାସିକ ଦରମା ରଖିବା ପାଇଁ ଦାବି ହୋଇଛି । ଏହାକୁ ବିଚାରକୁ ନେଇ ବାଚସ୍ପତି ମହୋଦୟା ଏକ ଉପଦେଷ୍ଟା କମିଟି ଗଠନ କରିବା ପାଇଁ ନିର୍ଦ୍ଦେଶ ଦେଇ ସାରିଛନ୍ତି ଏବଂ ଏହାକୁ ବିଚାରକୁ ନେଇ ଶୀଘ୍ର ରିପୋର୍ଟ ଦେବା ପାଇଁ କୁହାହୋଇଛି । ଏହା ମଧ୍ୟ କୁହା ହୋଇଛି ଏହା ଉପରେ ରିପୋର୍ଟ ଦେବା ପୂର୍ବରୁ ଅନ୍ୟ ରାଜ୍ୟ ମାନଙ୍କର ବିଧାୟକ ମାନଙ୍କର ଦରମାକୁ ମଧ୍ୟ ବିଚାରକୁ ନେବା ପାଇଁ । ଦରମା ଛଡ଼ା ପେନସନକୁ ମଧ୍ୟ ବିଚାରକୁ ନେବା ପାଇଁ । ଏହା ନିଶ୍ଚୟ ଏକ ଭଲ ପ୍ରସ୍ତାବ ଏବଂ ଦରମା ବଢ଼ିବା ନେଇ କାହାରି ଆପତ୍ତି ରହିବ ନାହିଁ ବା ଉଚିତ ନୁହଁ ।

ଏହିଠାରେ ଜନ ସାଧାରଣଙ୍କ କହିବା କଥା ହେଲା ଏହିପରି ଯଦି ପ୍ରତି କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ବଢ଼ିଲେ ଭଲ ହୁଅନ୍ତା । ଦିନ ମଜୁରୀଆଙ୍କଠୁ ଆରମ୍ଭ କରି ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ଗାଁ ସାଥୀ, ହୋମ ଗାର୍ଡ ଇତ୍ୟାଦି ଯେଉଁମାନେ ଦିନକୁ ୮ ଘଣ୍ଟାରୁ ଉର୍ଦ୍ଧ୍ୱ କାର୍ଯ୍ୟରତ ସେମାନଙ୍କର ମଧ୍ୟ ବଢ଼ିବା ଉଚିତ । ଏବେ ମଧ୍ୟ ଆମେ ଜାଣିବାରେ ଗ୍ରାଜୁଏଟ ଇଂଜିନିଅର ମାନେ ପ୍ରାଇଭେଟ କ୍ଷେତ୍ରରେ କାର୍ଯ୍ୟ କରି ୮୦୦୦ରୁ ୧୦୦୦୦ ଟଙ୍କା ବେତନରେ ରହିଛନ୍ତି । ପ୍ରତିଦିନ ଭୁବନେଶ୍ୱରର ଗାନ୍ଧୀମାର୍ଗ ଠାରେ ହଜାର ହଜାର ସରକାରୀ କର୍ମଚାରୀ ମାନେ ନିଜର ଚାକିରି ସ୍ଥାୟିତ୍ୱ ଓ ପାରିଶ୍ରମିକ ବୃଦ୍ଧି ନେଇ ଦାବି କରି ଆସୁଛନ୍ତି । ଦିନ ରାତି ନ ଖାଇ ନ ପିଇ ମହିଳାମାନେ ଘରଦ୍ୱାର ଛାଡ଼ି ରାସ୍ତାର ଆଶ୍ରା ନେଇଥିଲେ ସେମାନଙ୍କ କଥାକୁ ମଧ୍ୟ ସରକାର ବିଚାରକୁ ନେବା କଥା । ନିଜ କଥା ବୁଝି ଅନ୍ୟମାନଙ୍କ କଥାକୁ ଏଡ଼େଇ ଯିବା ଏହା ଠିକ୍ ମନେ ହେଉ ନାହିଁ । ସମସ୍ତଙ୍କର ଅନୁରୋଧ ରହିବ ହଁ, ଠିକ୍ ଅଛି ଜନ ପ୍ରତିନିଧିଙ୍କର ଦରମା ବଢୁ ତା’ ସହିତ ପ୍ରତିନିଧିଙ୍କୁ ବାଛିଥିବା ଲୋକଙ୍କ କଥା ସରକାର ବିଚାରକୁ ନେବା ଦରକାର ।




## ରାମ ଦର୍ଶନ

### ସିଦ୍ଧେଶ୍ୱର ତ୍ରିପାଠୀ

ତୁମେ ରଜା ପୁଅ ପୁରୁଷ ଉତ୍ତମ
ରାଘବେନ୍ଦ୍ର ସରକାର
ହେ ମଣିମା ମୁଁ ଯେ ମହାପାପୀ ଟିଏ
ଛାର କଳିଯୁଗ ନର ।

ତୁମେ ସର୍ବଶ୍ରେଷ୍ଠ ମୁଁ ଏକ ନିକୃଷ୍ଟ
ଦେହ ମନ କଳଙ୍କିତ
ସତେକି କରୁଣା କରିବ ମଣିମା
ହେ ପ୍ରଭୁ ଅଯୋଧ୍ୟା ନାଥ ।

କୋଟିଏ ସପନ ଗୋଟିଏ ଦିନରେ
ପୂରଣ ହୋଇବ ମୋର
ହେ ମଣିମା ମୁଁ ଯେ ମହାପାପିଟିଏ
ଛାର କଳିଯୁଗ ନର ।

ରାମ ଜନ୍ମ ଭୂମି ଆଖିରେ ଦେଖିବି
ସେ ମାଟି ମଥାରେ ବୋଳି
ମନ ପୁରେଇ ମୁଁ ଦେଖିବି ତୁମକୁ
କଉଶଲ୍ୟା ଗଳା ମାଳି ।

କହେ ସିଦ୍ଧେଶ୍ୱର ଦାସର ଦାସକୁ
ଏତିକି କରୁଣା କର
ହେ ମଣିମା ମୁଁ ଯେ ମହାପାପିଟିଏ
ଛାର କଳିଯୁଗ ନର ।

+ଖୋର୍ଦ୍ଧା

## ଡିସେମ୍ବର

### ଦିନେଶ ମେହେର



ଆଉ କେଇଟା ଦିନ ପରେ
ତମେ ବିଦାୟ ନେବାର ବେଳ ଆସି
ପହଞ୍ଚି ଯିବ,
ତମେ ଫେରିଗଲା ପରେ
ପୁଣିଥରେ ଅପେକ୍ଷା କରିବାକୁ ହେବ
ବର୍ଷ ଟିଏ !

ତଥାପି,କଣ ଦେଲ କି ନଦେଲ
ହିସାବ ରଖିନି,
କି କେବେ ରଖିବାକୁ ଚାହିଁନି,
ଏମିତି ତ ଏଇ ଜୀବନ କୁ ଅନେକ
କିଛି ଆସିଛି, ପୁଣି ହଜିଛି
ଆଗକୁ ବି ଆସିବ, ହଜିବ,
କାହାର ଥିବା ନଥିବା ରେ କେବେ
କଣ ଅବା ଯାଏ ଆସେ,
ନା ତମର କିଛି ଊଣା ହେବ
ନା ମୋର ଅଧିକ ରହିବ !
ଏଇଥରକ
ବୋଧେ ଦୁର୍ବଳ ହେଇ ପଡ଼ିଛି ଜୀବନ
ଯୁଦ୍ଧରେ,
ହାରି ଚାଲିଛି ସବୁତକ ବାଜି,
ହୁଏତ ଅପ୍ରସ୍ତୁତେ ଚାଲିଥିବା
ବାଟସାରା ଏବେ କଣ୍ଟା ଭର୍ତ୍ତି,
ଆଗକୁ ଅନ୍ଧାର ସବୁତକ ରାସ୍ତା,
ତମେ କିନ୍ତୁ ସବୁ ଜାଣିଛ, ଦେଖିଛ
ସଂଘର୍ଷ ସବୁକୁ
କଣ ଅବା ଅଛପା ରହିଛି ଯେ,

ଆରଥରକ ଠିକ୍ ଏଇ ବେଳକୁ,
ତମେ ଯେବେ ଲେଉଟି ଆସିବ
ସେତେବେଳେ ଦେଖିବ,
‘କେମିତି ପଥହରା ପଥିକ ଟେ
ପାଇ ସାରିଛି ନିଜ ଗନ୍ତବ୍ୟ,
କେମିତି ଲଢ଼େଇ ଆରମ୍ଭ
କରିଦେଇଛି
ନିଜ ସ୍ୱପ୍ନ ଆଉ ବାସ୍ତବ ମଧ୍ୟରେ,
ସେତେବେଳକୁ ବେଶ୍ ଶକ୍ତ ହେଇ
ସାରିଥିବ ସେଇ ଲୋକ,
ଯିଏ ଦିନେ ଏଇ ଅନ୍ଧାର ଆଉ
କଣ୍ଟାବଣ କୁ ଭୟ କରି
ଆଗକୁ ବଢିବା ପାଇଁ ସାହାସ
କରିନଥିଲା , ପୁଣି,
ଆପଣାର ଦୁଇ ଡେଣା କୁ ମଜଭୁତ
କରି
କିଛି ଟା ଅଭିଜ୍ଞତା କୁ ସାଉଁଟି
ପ୍ରସ୍ତୁତ ହେଉଥିବ ଦୂର ଦିଗନ୍ତ ଉପରକୁ
ଉଡ଼ିଯିବାକୁ !‘

ସେତେବେଳେ ବେଶ୍ ଭଲକି ଦେଖି
ପାରିବ
ଏଇ ପଥଭ୍ରାନ୍ତ ପଥିକ ମଧ୍ୟରେ ଥିବା
ସମ୍ଭାବନା ସବୁ,
ସେଥିଲାଗି ତ
ତମ ଫେରିଯିବା ବାଟରେ ଶେଷ
ବିଦାୟ ଦେବାପାଇଁ
ଅପେକ୍ଷା କରିଛି,
ନିଜକୁ ଦୃଢ଼ କରି ପ୍ରସ୍ତୁତ କରୁଛି
ତମ ସହ ଭେଟ ହେବାକୁ
ପୁଣିଥରେ,
ହେଲେ ତମେ ସେଦିନ ଆସିବ ନା,
ସ୍ୱପ୍ନ ର ସହରରେ ସ୍ୱପ୍ନ ସବୁ ସଉଦା
କରିବା ପାଇଁ ?

+ପଳାସ, କଳାହାଣ୍ଡି

# ସମାହିତ

ପଦ୍ମାଳୟା ସାମଲ୍





ମୋ ପାଖ ସିଟରେ ବସିଥିବା ବ୍ୟକ୍ତିଜଣକ ଚିହ୍ନା ଚିହ୍ନା ଲାଗୁଥିଲେ। ଏଇ ଚିହ୍ନା ଲାଗିବା ପଛରେ ଅବଶ୍ୟ କିଛିଟା କାରଣ ବି ଥିଲା । ଲୋକଟାର ବାହାଡା ଦାନ୍ତ। ଇଚ୍ଛା ଥିଲେ ବି ତାଙ୍କୁ ପଚାରି ପାରିଲିନି କେଉଁଠିକୁ ଯିବେ । କାହାକୁ ପ୍ରଶ୍ନଟିଏ ପଚାରିବା ପୂର୍ବରୁ ମୋତେ ମାଡି ମାଡି ପଡେ। କିଏ କଣ ଭାବିବ ବୋଲି ବିଚାରି ଚୁପ ରହେ । ଚିହ୍ନାଚିହ୍ନା ଲାଗିବାର ଅନୁଭୂତି ପ୍ରାୟ ଅନେକଙ୍କ ଜୀବନରେ ରହିଥାଏ । କିନ୍ତୁ ସେଇସବୁ ଧାରଣାକୁ ସତ ବୋଲି ମାନିନେବାରେ ବି ବିପଦ କମ୍ ନଥାଏ। ବିପଦ ବୋଇଲେ ଅପଦସ୍ତ ହେବାର ଭୟ। ସେମିତି ବି ହୋଇଛି ଅନେକଥର। କୌଣସି ମେଳାରେ ଅବା ସଭା ସମିତିରେ କାହାକୁ ପଛରୁ ଦେଖି ଡାକିଦେଇ କିମ୍ବା କାହାର କଣ୍ଠସ୍ୱରରୁ ନିଜର ଚିହ୍ନା ଜଣା ଲୋକର ସ୍ୱର ବାରିପାରି ଡାକିଦେବାର ଲଜ୍ଜା ମଧ ଭୋଗିଛି । ଲୋକଟି କଣେଇ କଣେଇ ଚାହୁଁଥିଲେ ବି କିଛି କହି ପାରୁନଥିଲି । ଭାବିଲି ପୃଥିବୀର ଅଧିକାଂଶ ପୁରୁଷମାନେ ଏମିତି ହିଁ । ରୂପଭେକ ଥିବା ନାରୀଟିଏ ଦେଖିପକାଇଲେ ସେମାନଙ୍କର ନଜର ହଟେନାହିଁ । ମୋ ଭଳି ଜଣେ ପଚାଶବର୍ଷୀୟା ମହିଳା ଯେ କେତେ ପରିମାଣରେ ସୁନ୍ଦରୀ, ସେସବୁର ହିସାବକିତାବ ମୋ ନିକଟରେ ନିଶ୍ଚୟ ଅଜ୍ଞାତ ରହିଥାନ୍ତା ଯଦି ସ୍ୱାମୀ ସତ୍ୟପ୍ରିୟ ମତେ ମଝିରେ ମଝିରେ 'ତମେ ଏ ବୟସରେ ବି ବହୁତ ସୁନ୍ଦର ଦିଶୁଛ' ବୋଲି ରସିକିଆ ଢଙ୍ଗରେ କହୁନଥାନ୍ତେ ।

କାହିଁକି କେଜାଣି ହାତରେ ଧରିଥିବା ମ୍ୟାଗାଜିନଟାକୁ ପଢିବା ବନ୍ଦ କରି ସାହସର ସହିତ ପଚାରିଲି, 'କୋଉଠି ଓହ୍ଲେଇବେ ?'

ମୋ ସ୍ୱର ଶୁଣୁଶୁଣୁ ଚମକି ପଡିଲେ ସେ। ହଠାତ୍ ବଡ଼ ପାଟିରେ ଡାକିଦେଲେ - ତନୁଜା । ମୋ ସ୍ମୃତିକୋଷ ଭିତରେ ଯେମିତି ଚେନାଏ ତଡିତ୍ ଖେଳିଯାଇଥିଲା । ଏ ସ୍ୱର ଓ ଚେହେରାଟି ସହିତ ଯେଉଁ ନାଆଁଟି ଯୋଡିହୋଇ ରହିଥିଲା, ହଠାତ୍ ସେଇଟି ଲେଖିହୋଇଗଲା ମୋ ମନ ପୃଷ୍ଠାରେ।

ଯେ ସୁବ୍ରତ ସାହୁ ନୁହେଁ ତ ? ପଇଁତିରିଶ ବର୍ଷ ତଳର ସହପାଠୀ ସୁବ୍ରତ। ହଁ...ହଁ...ଯେ ନିଶ୍ଚୟ ସୁବ୍ରତ। ଅବିକଳ ତାରି କଣ୍ଠସ୍ୱର। ଇଏ ଯେ ସୁବ୍ରତ ଛଡା ଆଉ କେହି ନୁହେଁ, ଏ ଧାରଣା ମନରେ ବଳବତ୍ତର ହେବାରେ ଲାଗିଲା। ଶ୍ରେଣୀରେ ପ୍ରଥମ ହେଉଥିବା ସୁବ୍ରତ ଏବେ ମୋ ପାଖରେ। ସ୍ୱପ୍ନ ଭଳି ଲାଗୁଥାଏ। ଆଶ୍ଚର୍ଯ୍ୟର କଥା ସୁବ୍ରତ ଏକାଥରେ ଚିହ୍ନିଦେଲା ମତେ। ଚିହ୍ନିବନି କେମିତି ! ସ୍କୁଲରେ ପଢିବା ସମୟରେ କେତେ କେତେ ସ୍ମୃତି ଯେ ଯୋଡିହୋଇ ରହିଛି। ଅଙ୍ଗେନିଭା ଘଟଣା ମିଶିଯାଇଛି ରକ୍ତକଣିକାରେ।

'ଆଛା ! ତୁମେ ଏକୁଟିଆ ପୁଣି ବସରେ କୁଆଡେ ଯାଉଛ ?' ମୋର ସମସ୍ତ ଭାବନାରେ ପୂର୍ଣ୍ଣଚ୍ଛେଦ ପକେଇ ସୁବ୍ରତ ପଚାରିଲା। ଅବଶ୍ୟ କଥାଟା କହିସାରି ତଳକୁ ମୁହଁ ପୋତିଦେଲା । ଯେମିତି ମତେ ଅନୁଚିତ ପ୍ରଶ୍ନଟିଏ ପଚାରିଦେଇଛି।

'ବହୁତ ଦିନ ପରେ ଗାଁକୁ ଯାଉଛି । ମୋତେ ଯେ ତମେ ଚିହ୍ନିପାରିବ, ଏ ବିଶ୍ୱାସ ମୋର ନଥିଲ।'

-ତମେ ପରା ମୋ ସାଙ୍ଗରେ ପାଠପଢୁଥିଲ ଗୋପପୁର ହାଇସ୍କୁଲରେ। ତୁମେ ଦିନେ ସ୍କୁଲ ପାହାଚରେ ଖସିପଡ଼ିଲ ବୋଲି ମୁଁ ତାଳିମାରି ହସିଥିଲି । ସେଥିପାଇଁ ତୁମେ ପ୍ରଧାନଶିକ୍ଷକଙ୍କୁ କହି ଅନ୍ୟ ସାଙ୍ଗମାନଙ୍କ ସାମ୍ନାରେ ମତେ ମାଡ଼ ଖୋଇଥିଲ । ମନେପଡୁଛି କି ନାହିଁ ? ତା ପର ଠାରୁ ଅବଶ୍ୟ ମତେ କଣେଇ କଣେଇ ଚାହୁଁଥିଲ।'

-ଗୋଟେ କଥା କହିବି, ସୁବ୍ରତ । ସେଇ ଘଟଣା ପରଠୁ ତୁମକୁ 'ସରି'ବୋଲି କହିବାକୁ ଚେଷ୍ଟା କରିଛି ଅନେକ ଥର । ତମେ ଏତେ ରାଗିଯାଇ ଥିଲ ଯେ ମତେ ସେ ସୁଯୋଗ ଦେଲ ନାହିଁ । ମତେ ଯୋଉଠି ଦେଖିଲ ସେ ସ୍ଥାନ ଛାଡି ଚାଲିଯାଉଥିଲ । ମତେ ଆଡେଇ ଆଡେଇ ରହୁଥିଲ । ଅବଶ୍ୟ ଏତେ ପିଲାଙ୍କ ସାମ୍ନାରେ ହେଡ଼ମାଷ୍ଟରଙ୍କ ଠାରୁ ମାଡ଼ ଖାଇ ତୁମକୁ ନିଶ୍ଚୟ ଖରାପ ଲାଗିଥିବ ସେଦିନ। ହେଲେ ସେଇ ଦିନର ଘଟଣା ପାଇଁ ତୁମ ପ୍ରତି ମୋ ମନରେ ଗୋଟେ ଦୁର୍ବଳତା ରହିଗଲା । ତା ପରେ ତୁମେ ଦଶମ ଶ୍ରେଣୀରେ ସର୍ବାଧିକ ନମ୍ବର ରଖି କେଉଁଆଡେ ପଢିବାକୁ ଚାଲିଗଲ ଜାଣିପାରିଲି ନାହିଁ । ଗଭୀର ମନସ୍ତାପରେ ମୋ ମନ କଥା ମନରେ ରହିଗଲା।

-'ଆରେ ! ସେସବୁ କଥା ଏବେ ଅବାନ୍ତର। ତୁମ ପରିବାର କଥା କୁହ । ମିଷ୍ଟର କଣ କରୁଛନ୍ତି, ପିଲାମାନେ କଣ ପଢୁଛନ୍ତି କୁହ।' ଏକଲୟରେ ମୋ କଥା ଶୁଣୁଥିବା ସୁବ୍ରତ ମୋ ପାଟିରୁ କଥା ଛଡେଇ କହିଲା।

'ମିଷ୍ଟର ଏବେ ଡେପୁଟି ଏ. ଜି ଅଛନ୍ତି । ଆହୁରି ଦୁଇବର୍ଷ ବାକିଅଛି ରିଟାୟାରମେଣ୍ଟ । ପୁଅ ଅଲାଏଡ଼ ଚାକିରି କରିଛି ବର୍ଷେ ହେବ । ଝିଅ ସରକାରୀ କଲେଜରେ ଅଧ୍ୟାପିକା । ବାହାଘର ପାଇଁ ବ୍ରାଇଁ ଦେଖା ଚାଲିଛି । ଅବଶ୍ୟ ଗୋଟାଏ ବିଚିତ୍ର ଖିଆଲରେ ଏକା ଏକା ବାହାରି ଆସିଲି କଟକରୁ । ବାପଘରେ ପହଞ୍ଚି ସମସ୍ତଙ୍କୁ ଚମକାଇ ଦେବି। ବିଗତ ପଚିଶିବର୍ଷ ଧରି ଗାଁ ସହିତ ସେତେଟା ସମ୍ପର୍କ ନାହିଁ। କେବେ କେମିତି କାମକାର୍ଯ୍ୟରେ ସପରିବାର ଏଠିକି ଆସୁ। ସହରୀ ଜୀବନରେ ଅଣନିଶ୍ୱାସୀ ହୋଇଗଲିଣି । ଭାବିଲି ଏ ସବୁ ଜଞ୍ଜାଳରୁ ମୁକ୍ତି ଟିକେ ଦରକାର। ଦରକାର ଟିକେ ଆନନ୍ଦ । ସେଇ ଆନନ୍ଦ ମୋତେ ହୁଏତ ମିଳିବ ମୋ ଗାଁରୁ । ଏ ସହରୀ ସଭ୍ୟତାର ଝଲମଲ ଆଲୁଅ ନୁହେଁ, ଗାଁକୁ ଯାଇ କେତୋଟି ଜହ୍ନରାତି ମୁଁ କଟେଇବାକୁ ଚାହେଁ। ମତେ ଦରକାର ଟିକେ ବିଶ୍ରାମ, ଆଉ ଖୋଲା ପବନ। ତେବେଯାଇ ଶାନ୍ତି ଲାଗିବ । ପୁଅ ଝିଅ ତ କୂଳରେ ଲାଗିଗଲେ । ଝିଅକୁ ସବୁ ରୋଷେଇ ଜଣା । ସେ ତାର ବାବା ଆଉ ଭାଇକୁ ସମ୍ଭାଳିନେବ। ଅବଶ୍ୟ ମିଷ୍ଟର ଆସିଲାବେଳେ କହୁଥିଲେ - 'ତମେ ଗାଁରେ ଯାଇ କେମିତି ରହିବ, ତାହା ମୁଁ ବୁଝିପାରୁନି । କେତେଦିନ ବା ରହିପାରିବ ସେଠି ?' ତାଙ୍କ କଥା ଶୁଣି ଖାଲି ହସିଦେଇ ଚାଲିଆସିଲି । ମୋ ପରିବାର ବିଷୟରେ ତ ଜାଣିଲ । ଏବେ କୁହ ତୁମ ବିଷୟରେ।'

-ଜୀବନରେ ତମ ସହ ଏପରି ଭାବରେ ପୁଣିଥରେ ସାକ୍ଷାତ ହେବ, ତାହା ମୋ କଳ୍ପନାରେ ନଥିଲା । ତେବେ ଶୁଣ - ଦଶମ ପରୀକ୍ଷା ପରେ କଟକର ରେଭେନ୍ସା କଲେଜରେ ଦୁଇ ବର୍ଷ ପ୍ଲସ ଟୁ ସାଇନ୍ସ ପଢ଼ିଲି । ତା ପରେ ମୋ ବାପା ହୃଦଘାତରେ ଚାଲିଗଲେ । ସେତେବେଳକୁ ମୋର ଦୁଇ ଭଉଣୀ ବିବାହଯୋଗ୍ୟା । ତାଙ୍କର ବାହାଘର ଦାୟିତ୍ୱ ମତେ ନେବାକୁ ପଡିଲା । ତା ସହିତ ଘରର ସମସ୍ତ ଭରଣପୋଷଣ । ବାପା ଥିଲେ ଜଣେ ସଫଳ ଚାଷୀ । ବହୁ କଷ୍ଟରେ ବି. ଏସ. ସି, ବି. ଇଡି. ପାସ୍ କରିବାର ଛ'ମାସ ପରେ ଶିକ୍ଷକ ଚାକିରିଟିଏ ମିଳିଗଲା । ତା ପରେ ମୋ ବାହାଘର ବୋଉ କରେଇଦେଲା। ସେତେବେଳକୁ ବୋଉର ଭୀଷଣ ଦେହ ଖରାପ ଶ୍ୱାସ ରୋଗରେ । ପୁଅ ଜନ୍ମହେବାର ଛଅମାସ ପରେ ବୋଉ ବି ଚାଲିଗଲା । ଦୁଇ ଭଉଣୀଙ୍କୁ ବାହା ଦେଲାବେଳେ ଅଧାରୁ ଅଧିକ ଜମି ବିକ୍ରି ହୋଇଯାଇଥିଲା । ତାଙ୍କ ଘରେ ଠିଆହେବା ପାଇଁ ମୋ ପାଖରେ ଆଉ ସମ୍ବଳ ନଥାଏ। ଯାହେଉ ଈଶ୍ୱରଙ୍କ କୃପାରୁ ମତେ ସେତେବେଳେ ଚାକିରିଟେ ମିଳିଗଲା । ଏବେ ମୋ ପୁଅ ନି.ଟ. ପରୀକ୍ଷାରେ ଉତୀର୍ଣ୍ଣ ହୋଇଛି । ହେଲେ ତାକୁ ପଢେଇବା ପାଇଁ ମୋ ପାଖରେ ସମ୍ବଳ ନାହିଁ । ସେହି ଉଦେଶ୍ୟରେ ମୋ ବଡ଼ଭଉଣୀ ପାଖକୁ କଟକ ଯାଇଥିଲି । ମୋ ବଡ଼ ଭିଣୋଇ ବୋର୍ଡ ଅଫିସରେ କ୍ଲର୍କ ଅଛନ୍ତି । ଭାବିଥିଲି ପୁଅ କଥା ଶୁଣି କିଛି ଆର୍ଥିକ ସାହାଯ୍ୟ କରିବେ । କିନ୍ତୁ ସେ ବି ମନାକରିଦେଲ । ଅବଶ୍ୟ ସମସ୍ତଙ୍କର ସୁବିଧା ଅସୁବିଧା ଅଛି । ତାଙ୍କୁ କାହିଁକି ଭୁଲ ବୁଝିବି । ସାନ ଭଉଣୀର ଆର୍ଥିକ ଅବସ୍ଥା ସେତେଟା ଭଲ ନୁହେଁ । ନିଜେ ତ ଡାକ୍ତରୀ ପରୀକ୍ଷାରେ ଉତୀର୍ଣ୍ଣ ହୋଇ ବାପାଙ୍କ ଅକାଳ ମୃତ୍ୟୁ ପାଇଁ ପଢ଼ିପାରିଲି ନାହିଁ । ପୁଅକୁ ପଢ଼େଇ ନ ପାରିଲେ ମନରେ ମୋର ଅବସୋସ ରହିଯିବ।

-ତୁମକୁ ଗୋଟାଏ ଅନୁରୋଧ କରିବି ସୁବ୍ରତ। ରଖିବ ?

- କୁହ.... କଣ କହିବ।

-ଈଶ୍ୱର ମତେ ଖୁବ ଭଲରେ ରଖିଛନ୍ତି। ପୁଅ ଝିଅ ସମସ୍ତେ ସକ୍ଷମ । ଡାକ୍ତରୀ ପଢିବାରେ ପୁଅର ଯାହା ଖର୍ଚ୍ଚ ହେବ ସତ୍ୟପ୍ରିୟଙ୍କୁ କହି ସେ ବ୍ୟବସ୍ଥା ମୁଁ କରିଦେବି । ପୁଅର ପାଠପଢାକୁ ନେଇ ଆଉ ମନ କଷ୍ଟ କରନି।

-ଏ କଣ କହୁଛ ତୁମେ ?-ଅବିଶ୍ୱାସ କଲା ଭଳି ପଚାରିଲା ସୁବ୍ରତ।

-ସେମିତି କିଛି ବଡ଼ କଥା ନୁହେଁ । ଦରକାର ସମୟରେ କାହାର ସାହାଯ୍ୟ କରିପାରିଲେ ନିଜକୁ ଧନ୍ୟ ମଣିବି । ତୁମ ପୁଅ ଆମ ପୁଅ ଭଳି। ତୁମେ ଯଦି ଯାକୁ ଋଣ ବୋଲି ଭାବୁଥାଅ, ପୁଅ ଡାକ୍ତର ହେଲେ ଶୁଝିଦେବ । କେତେବେଳୁ ଲକ୍ଷ୍ୟ କରୁଛି ତୁମେ ଗଭୀର ମନସ୍ତାପରେ ଅଛ । ଆଉ ସେ ବିଷୟରେ କିଛି ଚିନ୍ତା କରନି । ଗାଁରେ ପହଞ୍ଚି ସତ୍ୟପ୍ରିୟଙ୍କ ସହିତ କଥାହୋଇ କିଛି ଗୋଟେ ବ୍ୟବସ୍ଥା କରିଦେବି । ତୁମେ କଣ ଭାବୁଛ ନ ଭାବୁଛ ସେକଥା ମୁଁ ଜାଣେନି ମତେ ଲାଗୁଛି ଆମର ଏଇ ସାକ୍ଷାତଟି ବିଧି ନିର୍ଦ୍ଦେଶ ।

କାକୁସ୍ଥ ଦିଶୁଥିଲା ସୁବ୍ରତ । କହିଲା,'ମୁଁ ଯେଉଁ ଅବସ୍ଥାରେ ଯେମିତି ଅଛି, ସେଥିରେ ବି ମୋର ଲଢ଼ିବା ପାଇଁ ବଳ କିଛି କମ୍ ନାହିଁ । ହେଲେ ଆଜି ଯେଉଁ ସାହାଯ୍ୟ କରିବା ପାଇଁ ତୁମେ ଆଗେଇ ଆସିଲ ସେଥିପାଇଁ ତୁମ ପାଖରେ ଆଜୀବନ ଋଣୀ ରହିବି । ତମେ ସହଯୋଗର ହାତ ବଢେଇଥିବାରୁ ମୋ ମୁଣ୍ଡରୁ ଏକ ବିରାଟ ବୋଝ ଉତୁରିଗଲା । କେବଳ ଆଗରୁ ଶୁଣିଥିଲି -ଇଚ୍ଛା ଥିଲେ ସହଯୋଗର ହାତ ଲମ୍ବି ଆସେ। ହେଲେ ଆଜି ତାହା ପ୍ରମାଣିତ ହୋଇଗଲା। ନିଜେ ତ ଡାକ୍ତର ହୋଇପାରିଲି ନାହିଁ, ପୁଅକୁ ଡାକ୍ତରଟିଏ କରିବାକୁ ଅନ୍ତଃକରଣରେ ଇଚ୍ଛାଟିଏ ଥିଲା । ତାହା ଆଜି ସମ୍ଭବ ହେବାକୁ ଯାଉଛି ତୁମ ପାଇଁ ।' ଦୁଇଜଣଯାକ ମନଭରି ଗପିଗପି ଚାଲିଥିଲେ ଏବଂ ସବୁକିଛି ଯେମିତି ସମାହିତ ହୋଇଯାଇଥିଲା ସେଇ ଯାନଟିର ପେଟ ଭିତରେ।

+ଭୁବନେଶ୍ୱର
ମୋ - ୭୦୦୮୩୪୮୧୭୨

ସୁଦର୍ଶନ ମହାପାତ୍ର



# ସମ୍ପର୍କର ପରିଭାଷା

ପିଲାଟି ଚାଲ ଚାଲ ହୋଇ ଦିନେ ଗଲା ବାଡି ପଟେ ଥିବା ଗଛଟି ପାଖକୁ। ଗଛ ଡାଳରେ ବସିଥିଲେ କେତୋଟି ଚଢ଼େଇ। ଗଛ ମୂଳେ ଶୋଇଥିଲେ ଗାଈଟିଏ, କୁକୁରଟିଏ। ଗଛ ମୂଳରୁ ଡାଳ ଦୌଡାଦୌଡି କରୁଥିଲେ ଗୁଣ୍ଡୁଚିମୂଷା କେତୋଟି। ପିଲାଟି ଗଛମୂଳେ ଯାଇଁ ଠିଆହେଲା। ଓଃ,କି ଶାନ୍ତି ! ଚାରିଆଡେ ଖରାର ତାତି ବେଳକୁ ଏଇ ଗଛମୂଳେ କି ସୁନ୍ଦର ଛାଇ..!

ଗଛଟି ଏତେ ବଡ଼ ବି ନଥିଲା। ତା'ର ଡାଳଟିଏ ପିଲାଟିର ହାତ ପାଆନ୍ତାକୁ ଝୁଲିଥିଲା। ପିଲାଟି ଖୁସିରେ ଛୁଇଁଲା ଡାଳରେ ଥିବା ପତ୍ର ମାନଙ୍କୁ। ଧିରେ ଧିରେ ଆଉଁଶି ଦେଲା।

-'ତୁମେ ମୋ ବନ୍ଧୁ ହେବ ?' ଏମିତି ଶୁଭିଲା ତ ପିଲାଟି ଆଶ୍ଚର୍ଯ୍ୟ ହୋଇ ଏପଟସେପଟ ଚାହିଁଲା। ଗଛର ହସରୁ ବୁଝିଲା ସେଇ ହିଁ ଏକଥା କହିଛି। ମୁଣ୍ଡ ହଲେଇ 'ହଁ' ରେ ଉତ୍ତର ଦେଲା ପିଲାଟି। ସେତିକି ବେଳକୁ କିଚିରିମିଚିରି ସ୍ୱରରେ ଚଢ଼େଇ ମାନେ ନିଜର

ଖୁସି ବ୍ୟକ୍ତ କଲେ।

କିଛି ଦିନ ଉତ୍ତାରୁ ପିଲାଟି ଗଛମୂଳକୁ ଗଲା।

-'ଏତେ ଦିନ ଧରି କୁଆଡେ ଥିଲ ବନ୍ଧୁ ?'

-'ମୋର ପରୀକ୍ଷା ଥିଲା । ପଢ଼ାପଢ଼ି ପାଇଁ ଆସି ପାରୁନଥିଲି।'

-'ତୁମେ ଏତେ ଉଦାସ ଦିଶୁଛ କାହିଁକି ? କ'ଣ ହୋଇଛି ?' ଧୀର ସ୍ୱରରେ ପଚାରିଲା ଗଛଟି।

-'ପରୀକ୍ଷା ସରିଛି। ଚକ ଗଡ଼େଇ ଖେଳିବା ପାଇଁ ମୋର ଖଣ୍ଡେ ବାଡି ଦରକାର। ସବୁ ସାଙ୍ଗମାନେ ମୋର ସେମିତି ଖେଳୁଛନ୍ତି।' ଦୁଃଖ ଭରା କଣ୍ଠରେ କହିଲା ପିଲାଟି।

-' ଏଇ କଥା...! ଭାଙ୍ଗି ନେଇଯା ମୋ ଦେହରୁ ଖଣ୍ଡେ ଡାଳ।'

ପିଲାଟି ଏଥର ଖୁସି ମନରେ ଡ଼ାଳ ଖଣ୍ଡେ ଭାଙ୍ଗିଲା ବେଳକୁ ଗଛଟି ନିଜ ଭିତରେ କଷ୍ଟକୁ ଲୁଚେଇ ରଖିଲା।

ଆଉ କିଛି ଦିନ ଯା ଭିତରେ ଗଲା। ପିଲାଟି ଆଉ ଗଛ ପାଖକୁ ଯାଇନଥିଲା। ଦିନେ ଘର ପାଖରେ ଗୋଟିଏ ଖଣ୍ଡିଆ ପାଚିଲା ଫଳ ପଡ଼ିଥିବାର ଦେଖିଲା।ହଠାତ୍ ତା'ର ଆଖି ପଡିଲା ଗଛରେ ଫଳିଥିବା ପାଚିଲା ଫଳ ଉପରେ।ତା ମନ ଉଚ୍ଚାଟିତ ହେଲା।

ଗଛ ମୂଳରେ ଯାଇ ଚୁପ୍ ଚାପ୍ ଠିଆହେଲା ଆଉ ଉପରକୁ ଚାହିଁଲା ପିଲାଟି।ଏଇ କେତେ ଦିନ ଭିତରେ ଗଛଟି ଏତେ ଉଚ୍ଚା ହୋଇ ଯାଇଛି ! ସେ ଉଦାସ ହେଇଗଲା।

-' କ'ଣ ହେଲା ବନ୍ଧୁ। ମୁହଁ ଶୁଖାଇ ଠିଆ ହେଲ କାହିଁକି ? କେବେଠୁ ମୋ ପାଚିଲା ଫଳ ସବୁ ଚଢ଼େଇ ମାନେ ଖାଇଲେଣି। ତୁମେ ତ ଆଉକୁ ଆସୁନଥିଲ । ସେଇଥିପାଇଁ ମୋ କୁହାରେ ତୁମ ଘର ପାଖରେ ଚଢ଼େଇ ଟିଏ ନେଇ ପାଚିଲା ଫଳ ପକେଇ ଆସିଥିଲା। ଯଦି ଫଳ ଖାଇବାକୁ ଇଚ୍ଛା ମୋ ଉପରକୁ ଚଢି ଯା !'

-' ନା, ମୁଁ ପାରିବିନି। ମୋତେ ଡର ମାଡୁଛି।' ପିଲାଟି କହିଲା।



-' ତାହେଲେ ଟେକା, ପଥର ସବୁ ଗୋଟେଇ ମୋ ଉପରକୁ ଫୋପାଡ।'

ପିଲାଟି ଏଥର ଖୁସି ହୋଇ ତା' କାମରେ ଲାଗିଗଲା ଏବଂ ସଫଳତା ମଧ ପାଇଲା। ପିଲାଟି ଫୋପାଡି ଥିବା ଟେକା ପଥର ମାଡରେ ଖଣ୍ଡିଆ ଖାବରା ହୋଇ ଗଛଟି ସବୁ କଷ୍ଟକୁ ସହିନେଲା ପଛେ 'ଆଃ' ବୋଲି ଶବ୍ଦଟିଏ ପାଟିରୁ ବାହାରିବାକୁ ଦେଲାନି। ପିଲାଟି ଅତି ଖୁସି ମନରେ କିଛି ଫଳ ଧରି ଘରକୁ ଫେରିଗଲା।

ପିଲାଟି ବଡ଼ ହୋଇ ଯୁବକ ଅବସ୍ଥାକୁ ଆସି ଯାଇଥିଲା। ଘରୁ ବାହାରକୁ ଯାଇ ପାଠପଢ଼ାର ବ୍ୟସ୍ତତା ଭିତରେ ତା ବନ୍ଧୁ ବୃକ୍ଷଟି ପାଖକୁ ବହୁଦିନ ଧରି ଯାଇନଥିଲା। ଦୂରତା ଏବଂ ସମୟ ସେମାନଙ୍କୁ ଦୂରେଇ ରଖିଥିଲେ ସେମାନେ ପରସ୍ପରର ହୃଦୟରେ ଥିଲେ।

ସେଇ ଯୁବକଟି ହଠାତ୍ ବାପାଙ୍କ ଦେହ ଖରାପ ବୋଲି ଖବର ପାଇ ଗାଆଁରେ ପହଞ୍ଚିଲା। ବାପାଙ୍କ ଚିକିତ୍ସା ପାଇଁ ଆବଶ୍ୟକୀୟ ଟଙ୍କା ଘରେ ନଥିଲା ଚିନ୍ତାରେ ପଡିଲା ସେ।ଯାଇ ପହଞ୍ଚିଲା ସେଇ ଗଛ ପାଖରେ।

-' ଏତେ ଦିନ ପରେ ବନ୍ଧୁ କଥା ମନେ ପଡିଲା।' ଅଭିମାନ ଭରା କଣ୍ଠରେ କହିଲା ଗଛଟି।

-' ନା ବନ୍ଧୁ, ତୁମେ ମୋ ହୃଦୟରେ ସବୁବେଳେ ଅଛ। ଖାଲି ସମୟ...'

-' ଜାଣେ ବନ୍ଧୁ। ସବୁ ଜାଣେ। ତୁମ ବାପାଙ୍କ ଦେହ ଖରାପ କଥା ମୁଁ ଜାଣେ। ତୁମେ ଗୋଟିଏ କାମ କର। ଖଣ୍ଡେ ସରୁ ଡାଳ ଛାଡି ଆଉ ସବୁ କାଟି ନେଇଯା। ସେଇ ପଇସାରେ ବାପାଙ୍କ ଔଷଧ ଖର୍ଚ୍ଚ ଭରଣା କର ।'

ଯୁବକଟି ଗଛର ଶ୍ରୀହୀନ ଅବସ୍ଥା ଦେଖି ଯେତିକି ମର୍ମାହତ ହେଲା ସେତିକି ଉଶ୍ୱାସ ଅନୁଭବ କଲା।

ଗଛ ବୁଝିଥିଲା ସବୁ ମୂଳରେ ବନ୍ଧୁତା। ସ୍ନେହ, ସଂପ୍ରୀତି, ଆନୁଗତ୍ୟ, ଗଭୀର ସଂପର୍କ, ସମ୍ମାନବୋଧ ଓ ସଂଭ୍ରମତା; ସର୍ବୋପରି ବିଶ୍ୱାସ ହେଉଛି ବନ୍ଧୁତାର ଭିତ୍ତି। ବନ୍ଧୁତା ସଦା ଉତ୍ପ୍ରେରକ। ନିବିଡ଼ତା ଓ ଭାବଗତ ନିରାପତ୍ତା ଉପରେ ବନ୍ଧୁତା ଆଧାରିତ। ସେଥିରେ ଥାଏ ନିଃସର୍ତ୍ତ ଉତ୍ସର୍ଗ ,ପ୍ରେମ, ପୁଣି ନିର୍ଭରଶୀଳତା।

ନିଜ ଅବୟବକୁ ଖଣ୍ଡ ଖଣ୍ଡ କରି ହରେଇଲେ ବି ସେ ଅନୁଭବ କରୁଥିଲା ସ୍ୱର୍ଗୀୟ ଶାନ୍ତି। ଦରକାର ବେଳେ ବନ୍ଧୁର କାମରେ ନଲାଗିଲେ ସେ ବନ୍ଧୁତା କୁ ଧିକ୍।

ଉପଯୁକ୍ତ ଚିକିତ୍ସାରେ ବାପା ଭଲ ହୋଇ ଆସିଲେ। ଯୁବକଟି ବି ଚାଲିଗଲା ନିଜ କର୍ମମୟ ଜୀବନକୁ।

ଦୁଇ ମାସ ଯାଇଛି କି ନାହିଁ ପୁଣି ବାପାଙ୍କ ଦେହ ଖରାପ ହେଲା। ଯୁବକଟି ଆସି ପହଁଚିଲା ବାପାଙ୍କ ପାଖରେ। ହେଲେ ସେଇ ରାତିରେ ହିଁ ବାପା ଚାଲିଗଲେ। ବାପାଙ୍କୁ ଦାହ କରିବାକୁ ଯିବା ପୂର୍ବରୁ ଯୁବକଟି ଯାଇଁ ପହଞ୍ଚିଲା ସେଇ ଗଛ ପାଖରେ।

-' ମୁଁ ଯେଉଁ ଡାଳ ଖଣ୍ଡିକ ନ କାଟି ଛାଡି ଦେଇଥିଲି କିଏ ନେଲା ?ତୁମର ଏ ଅବସ୍ଥା କିଏ କଲା ?'

-' ବନ୍ଧୁ, ବାପା ତୁମର ଖୁବ୍ ଦୁର୍ବଳ ହୋଇ ପଡ଼ିଥିଲେ ଏଇ ସମୟ ମଧ୍ୟରେ। ଦିନେ ଏଇଠିକୁ ଆସିଥିଲେ ତ ଦେଖିଲି ଠିକ୍ କରି ଚାଲି ପାରୁନାହାଁନ୍ତି। ସେଥିପାଇଁ ମୁଁ ତାଙ୍କୁ ସେଇ ଡାଳ ଖଣ୍ଡିକ ନିଜ ତରଫରୁ ଉପହାର ଦେଇଥିଲି ତାଙ୍କୁ। ସେଇ ଡାଳ ଖଣ୍ଡିକୁ ଆଶା ବାଡି କରି ଦୁଇ ମାସ ହେବ ଚାଲୁଥିଲେ ସେ। ମଝିରେ ମଝିରେ ଆସି ମୋ ସହିତ ତାଙ୍କ ମହାର୍ଘ ଜୀବନର ଅନୁଭୂତି ବିନିମୟ କରୁଥିଲେ।

ଯୁବକଟି ଆଖିରେ ଲୁହ ଟଳମଳ କରୁଥିଲା। ସେ ଗଛ ପାଖରେ ନିଜର କୃତଜ୍ଞତା ଜଣାଇଲା ତା'ର ବଦାନ୍ୟତା ପାଇଁ। ସତେକି ଗଛଟି ଥିଲା ଏଇ ଘର ପାଇଁ ଗୋଟିଏ ପୋଷଣକାରୀ ପୁଅ ! ସବୁ ବିପଦରେ ସେ ସାହାଯ୍ୟ ସହଯୋଗ କରି ଆସିଛି ବିନା ଦ୍ୱିଧାରେ...!

-' ବନ୍ଧୁ, ମୋର ଶେଷ ଡାଳ ଖଣ୍ଡିକ ଗଲାପରେ ମୁଁ ଖୁବ୍ ଦୁର୍ବଳ ହୋଇଗଲି ଯେ ଆଉ ଶାଖା ପ୍ରଶାଖା ମେଲି ପାରିଲାନି। ଏବେ କେବଳ ଶୁଖିଲା ଗଣ୍ଡି ସର୍ବସ୍ୱ ହେଇ ଆଉ କାହିଁକି ରହିବି ? ତୁମ କାମରେ ଆଉ ଲାଗି ପାରିବିନି ତ ମୋତେ ଏବେ କାଟି ମୂଳପୋଛ କରିଦିଅ। ବାପାଙ୍କ ଦାହ କାମରେ ଲଗେଇଦିଅ ।'

ଗଛର ଅବଦାନ କଥା ଚିନ୍ତାକରି ଯୁବକ ଆଖିରୁ ଏଥର ଟପ୍ ଟପ୍ ହୋଇ ଲୁହ କେଇ ବୁନ୍ଦା ଖସି ପଡ଼ିଲା। ବାପାଙ୍କ ଦାହ କାମ ଏବଂ ଭୋଜିଭାତ କାମ ସେଇ ଗଛର କାଠରେ ସୁରୁଖୁରୁରେ ସମାପ୍ତ ହେଲା।

ବାପାଙ୍କ ଦ୍ୱାଦଶ କର୍ମ ଦିନ ଗଛଟିର ସଦଗତି ପ୍ରାପ୍ତ ପାଇଁ ଯୁବକଟି ଠାକୁରଙ୍କ ପାଖରେ ପ୍ରାର୍ଥନା କଲା। ସେଇ ମୁହୂର୍ତ୍ତରେ ଯୁବକଟିର ଆଖିରେ ପଡିଲା ସେଇ ଗଛର ପରପୀଢି ସହିତ। ନହନହକା ଦେହରେ ଦ୍ୱିପତ୍ର ମେଲି ଠିଆ ହୋଇଛି।

ଯୁବକଟି ସେଇ ଚାରା ଗଛଟିର ସୁରକ୍ଷା ବ୍ୟବସ୍ଥା ତତକ୍ଷଣାତ୍ କଲା। ନଇଁପଡ଼ି ଧୀରେ ଆଉଁସି ଦେଲା ତା'ର ସବୁଜିଆ ପତ୍ରକୁ। ଏଥର ଚାରା ଗଛଟି ଫିକ୍ କରି ହସିଦେଲା ଯୁବକ ଆଡକୁ ଚାହିଁ। ସେ ହସ ଥିଲା ସତେ ଗଭୀର ଆସ୍ଥା , ବିଶ୍ୱାସ, ଭରସା, ପ୍ରେମ , ଅନୁରାଗର ପରିଭାଷା...!!!

+କୁଞ୍ଜବିହାରୀ ଲେନ, କଟକ
ମୋ: ୯୪୩୮୧୭୫୫୪୨

# ଏକମ୍ରା ବିଦ୍ୟାଳୟରେ ଦୁଇଦିନିଆ ବାର୍ଷିକ କ୍ରୀଡା ଦିବସର ପୁରସ୍କାର ବିତରଣୀ ଉତ୍ସବ

ଜୟପୁର, ୨୨/୧୨ (ନି.ପ୍ର): ଆଜି ଏକମ୍ରା ବିଦ୍ୟାଳୟରେ ଦୁଇଦିନିଆ ବାର୍ଷିକ କ୍ରୀଡା ଦିବସର ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗତକାଲି ଠାରୁ ଉଦଘାଟିତ ହୋଇଥିବା ଏହି କ୍ରୀଡା ଦିବସରେ ୧୦୦ ମିଟର, ୨୦୦ ମିଟର, ୪୦୦ ମିଟର ବାଳକ ଓ ବାଳିକା ବର୍ଗର ଦୌଡ ପ୍ରତିଯୋଗିତା,
ସ୍ଲୋ ସାଇକେଲିଙ୍ଗ ରେସ, ଡିସ୍କସ ଓ ସଟପୁଟ ଥ୍ରୋ, ଦଉଡିଡିଆଁ, ପୁଚି ପ୍ରତିଯୋଗିତାମାନ ଆୟୋଜନ କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କ୍ରୀଡା ଦିବସ ର ପୁରସ୍କାର ବିତରଣୀ ଉତ୍ସବ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଶ୍ରୀମତୀ ଡ଼ଃ. ଜ୍ୟୋତ୍ସ୍ନା ମିଶ୍ରଙ୍କ ତତ୍ତ୍ୱାବଧାନରେ ହେବା ସହିତ ଏକମ୍ରା ଗ୍ରାମ ର ବିଶିଷ୍ଟ ବ୍ୟକ୍ତି ଶ୍ରୀ ରାମନାଥ ପାଣିଗ୍ରାହୀ, ସ୍କୁଲ ପରିଚାଳନା କମିଟି ର ସଦସ୍ୟ ଲଇଛନ ହରିଜନ, ଉଜଉଡ ଶ୍ରୀ ସର୍ବେଶ୍ୱର ପଟ୍ଟନାୟକ, ସଭ୍ୟ ଲଇଚନ ହରିଜନ ଆଦି ଅତିଥିମାନେ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ ।

ଏହି ଦିବସର ସୁପରିଚାଳନା ବିଦ୍ୟାଳୟର କ୍ରୀଡା ଶିକ୍ଷକ ପ୍ରସନ୍ନ କୁମାର ପାଣିଗ୍ରାହୀ କରିବା ସହିତ ଅନ୍ୟାନ୍ୟ ଶିକ୍ଷକ ବି ନଳିନୀ କୁମାର, ଉମାରାଣୀ ସାହୁ, ରାଜଲକ୍ଷ୍ମୀ ସାମନ୍ତରାୟ, ବୃନ୍ଦାବତୀ ଖରା, ମନୋଜ ମିଶ୍ର ସମସ୍ତ କାର୍ଯ୍ୟରେ ସହଯୋଗ କରିଥିବା ବେଳେ କ୍ରୀଡା ଶିକ୍ଷକ ପ୍ରସନ୍ନ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ ।

# ଗୋନାସିକା କେନ୍ଦୁଝରର ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର ଚିତାକର୍ଷକ ନୃତ୍ୟରେ ଝୁମିଲେ ଦର୍ଶକ

କେନ୍ଦୁଝର, ୨୨/୧୨ (ନି.ପ୍ର): ତୃତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମ ବର୍ଷା ଯୋଗୁଁ ବାଧାପ୍ରାପ୍ତ ହେବା ପରେ ଚତୁର୍ଥ ସନ୍ଧ୍ୟାରେ ଦୁଲୁକିଛି ଗୋନାସିକା କେନ୍ଦୁଝର ମହୋତ୍ସବର ମଂଚ। ପ୍ରଥମ ପର୍ଯ୍ୟୟରେ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସେହିପରି ଦ୍ୱିତୀୟ ପର୍ଯ୍ୟୟରେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ, ଆସାମର କଳାକାର ମାନଙ୍କ ଦ୍ୱାରା ବିହୁ ନୃତ୍ୟ ଏବଂ ଗୁଜରାଟର କଳାକାର ମାନଙ୍କ ଦ୍ୱାରା ଦାଣ୍ଡିଆ ନୃତ୍ୟ ପରିବେଷଣ କରାଯାଇଥିଲା । ସମସ୍ତ ନୃତ୍ୟ ଦର୍ଶକଙ୍କ ଦ୍ୱାରା ବେଶ ଆଦୃତ ହୋଇଥିଲା ବେଳେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର କଳାକାର ମାନଙ୍କ ଦ୍ୱାରା ପ୍ରଦର୍ଶିତ ଚିତାକର୍ଷକ କଳାତ୍ମକ ନୃତ୍ୟ ସମୟରେ ଦର୍ଶକଙ୍କ ତାଳି ବନ୍ଦ ହେବାର ନାଁ ନେଇ ନଥିଲା । ଗୋନାସିକା ମହୋତ୍ସବର ପୂର୍ବ ବର୍ଷରୁ ଚାଲି ଆସୁଥିବା ପରମ୍ପରା ଅନୁଯାୟୀ କେନ୍ଦୁଝର ଜିଲ୍ଲାପରିଷଦର ସଭ୍ୟ ସଭ୍ୟା ମାନଙ୍କୁ ମଂଚରେ ସମ୍ବର୍ଦ୍ଧିତ କରାଯାଇଥିଲା । ଲୋକପ୍ରତିନିଧି ହିସାବରେ ନିଜ ଅଂଚଳର ଉନ୍ନତି ଓ ଲୋକଙ୍କ ସେବାରେ ନିଜକୁ ନିରନ୍ତର ନିୟୋଜିତ କରି ରଖିଥିବାରୁ ଆଶିଷ ଚକ୍ରବର୍ତୀ, ଛଇଳବାଳା ନାୟକ, କେଦାର ଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ ଚନ୍ଦ୍ର ନାଏକ, ସୌଭାଗ୍ୟ ମଞ୍ଜରୀ ନାୟକ, ରୁନୁ ମହାନ୍ତ, ଶାନ୍ତିଲତା ରଣା, ଅରୁଣ କୁମାର ବାରିକ, ଶଶିକାନ୍ତ ଖିଲାର, ଡମ୍ବରୁଧର କୁଦାଦା ଓ ଲକ୍ଷ୍ମୀଧର କିଷାନଙ୍କୁ ସମ୍ମାନପୂର୍ବକ ମଂଚ ଉପରକୁ ପାଛୋଟି ନିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ଜାତୀୟସ୍ତରର ଏକ ଟିଭି ଚ୍ୟାନେଲର ଡ୍ୟାନ୍ସ ରିଏଲିଟି ସୋରେ ସଫଳତାପୂର୍ବକ ଫାଇନାଲରେ ପ୍ରତିଦ୍ୱନ୍ଦିତା କରିଥିବା କେନ୍ଦୁଝରର ଝିଅ ଚିରଶ୍ରୀ ସାଗରିକାଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା । ସନ୍ଧ୍ୟାର ଅନ୍ତିମ ପର୍ଯ୍ୟାୟରେ ବଲିଉଡ଼ କଳାକାର ଶୁଭଦୀପ ଦାସ ଓ ଅନନ୍ୟା ପାଲଙ୍କ ସଂଗୀତ ଉପସ୍ଥିତ ଦର୍ଶକଙ୍କୁ ବେଶ ଅମୋଦିତ କରିଥିଲା ।

# ରୌପ୍ୟ ଜୟନ୍ତୀ ଉପଲକ୍ଷେ ମୂଳାପାଳ ଶିଶୁମନ୍ଦିରରେ ପ୍ରତିଯୋଗିତା

କୋରେଇ, ୨୨/୧୨ (ନି.ପ୍ର): କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାଲ୍ୟ ଓ କିଶୋର ବୟସ ପରେ ୨୫ ବର୍ଷର ନବ ଯୁବକରେ ପରିଣତ ହୋଇଛି । ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉପଲକ୍ଷେ ଏକ ଆନ୍ତ ବିଦ୍ୟାଳୟ ସ୍ତରୀୟ ଚିତ୍ରାଙ୍କନ, ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗୀତା କରାଯାଇଥିଲା । ଉଦ୍ଘାଟନୀ ସଭାରେ ମୁଖ୍ୟ ଅତିଥିଭାବେ ପାଣିକୋଇଲି ଥାନାଧିକାରୀ ରଂଜିତ କୁମାର ମହାନ୍ତି, ସମ୍ମାନୀତ ଅତିଥିଭାବେ ଯାଜପୁର ଜିଲ୍ଲା ସମ୍ବାଦିକ ସଂଘ ସଭାପତି ସୁବାସ ଧଳ, , ସମ୍ବାଦିକ ମନୋଜ କୁମାର ସାହୁ, ମାନସ ରଂଜନ ଧଳ, ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସଭାପତି ବିଷ୍ଣୁ ଚରଣ ଧଳ, ବିଦ୍ୟାଳୟ ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଦିଲ୍ଲୀପ କୁମାର ଧଳ, ଉପସଭାପତି ଶଙ୍କର୍ଷଣ ପରିଡା, ଯୁଗ୍ମ ସମ୍ପାଦକ ରାଜ କିଶୋର ମଲ୍ଲିକ, କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହ ପ୍ରଧାନ ଆଚାର୍ଯ୍ୟ ଜଗନ୍ନାଥ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରତିଯୋଗୀତାରେ ବ୍ୟାସନଗର ସଙ୍କୁଳର ୮ଟି ଶିଶୁ ମନ୍ଦିର ଓ ସ୍ଥାନୀୟ ସରକାରୀ ବିଦ୍ୟାଳୟର ୧୫୦ ପ୍ରତିଯୋଗୀ ଚିତ୍ରାଙ୍କନ, ବକ୍ତୃତା ଓ ପ୍ରବନ୍ଧରେ ଅଂଶ ଗ୍ରହଣ କରିଥିଲେ ।

# ଭେଷଜ ବିଜ୍ଞାନର ୧୪ତମ ଜାତୀୟ ସଂଗୋଷ୍ଠୀ ଅନୁଷ୍ଠିତ

ପୁରୀ, ୨୨/୧୨ (ନି.ପ୍ର): ଓଡିଶାର ପୁରାତନ ଫାର୍ମାସୀ ଶିକ୍ଷାନୁଷ୍ଠାନ ଆଇଏମଟି ଫାର୍ମାସୀ କଲେଜ ଠାରେ ୧୪ତମ ଜାତୀୟ ସଂଗୋଷ୍ଠୀ ଅନୁଷ୍ଠିତ ହୋଇଯାଇଛି । ଗୋପାଳପୁର ସ୍ଥିତ କଲେଜ ସଭା ଗୃହରେ ଗୁଣବତାପୂର୍ଣ୍ଣ ଜୀବନ ପାଇଁ ଦୃଢ ଓ ନୂତନ ପ୍ରଚେଷ୍ଟା ବର୍ତମାନ ସମୟରେ ଆବଶ୍ୟକତା ଶୀର୍ଷକ ଆଲୋଚନଚକ୍ର ଅନୁଷ୍ଠିତ ହୋଇଛି । ରାଜ୍ଯ ତଥା ରାଜ୍ଯ ବାହାରୁ ପାଂଚ ଶହରୁ ଉର୍ଦ୍ଧ୍ୱ ଫାର୍ମାସୀ ଛାତ୍ରଛାତ୍ରୀ,ଅଧ୍ୟାପକ, ଅଧ୍ୟାପିକା ଏଥିରେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ସୁଭାଶିଷ ଖୁଂଟିଆ,ସମ୍ମାନିତ ଅତିଥି ଭାବେ ସାଇପେନ ବାୟୋଲୋଜିକ୍ସ ପ୍ରାଇଭଟ ଲିମିଟେଡର ସଭାପତି ରଜତ କୁମାର ମହାପାତ୍ର ଯୋଗଦେଇ ଓଡିଶାର ଔଷଧ ତିଆରି ଶିଳ୍ପ ପ୍ରତିଷ୍ଠା ହାର ଅତ୍ୟନ୍ତ ନଗଣ୍ୟ ଥିବାରୁ ଆଗାମୀ ଦିନରେ ଅଧିକରୁ ଅଧିକ ଔଷଧ କମ୍ପାନି ପ୍ରତିଷ୍ଠା ହେଲେ ଓଡିଶାର ଫାର୍ମାସୀ ଛାତ୍ରଛାତ୍ରୀ ମାନେ ନିଜ ରାଜ୍ୟରେ ନିଯୁକ୍ତିର ସୁଯୋଗ ପାଇବେ ବୋଲି ମତବ୍ୟକ୍ତ କରିଥିଲେ । କଲେଜର ପ୍ରଶାସନିକ ନିର୍ଦ୍ଦେଶକ ମନୋଜ ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧକ୍ଷ ଡ. ଅଗ୍ନିମିତ୍ର ଡିନ୍ଦା, ଅତିଥି ପରିଚୟ ପ୍ରଦାନ କରିଥିଲେ । ନିର୍ଦ୍ଦେଶକ ଡ.ଅନ୍ନଦା ପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧ୍ୟାପକ ଦେବାଶିଷ ଦାସ ଓ ଅଧ୍ୟାପକ ଜଗନ୍ନାଥ ମିଶ୍ର ମଂଚ ପରିଚାଳନା କରିଥିଲେ । ଚାରିଗୋଟି ବୈଜ୍ଞାନିକ ସୂତ୍ର ରେ ଔଷଧ ତିଆରି, ପାର୍ଶ୍ୱ ପ୍ରତିକ୍ରିୟା ଓ ବିଶ୍ୱ ବଜାରରେ ଭାରତୀୟ ଔଷଧର ପ୍ରସାର ସମ୍ବନ୍ଧରେ ଡ. ଶିଶିର ମନ୍ତ୍ରୀ , ସିଆଇଏସ୍ ଆର ମୁଖ୍ୟ ବୈଜ୍ଞାନିକ ଡଃ ସାରଦା ପ୍ରସାଦ ସ୍ୱାଇଁ, ପ୍ରାଧ୍ୟାପକ ଓ ବିଭାଗ ମୁଖ୍ୟ ନାଇପର,କୋଲକୋତାର ଡ.ଶାନ୍ତିଭୂଷଣ ସେନାପତି, ଭୁବନେଶ୍ୱର ଇନଷ୍ଟିଚ୍ୟୁଟ ଅଫ ଲାଇଫ ସାଇନସ୍ ବୈଜ୍ଞାନିକ ଡ. ଭି ବଦ୍ରୀନାଥ କୋର୍ଙ୍କିମାଲା ଉପସ୍ଥିତ ରହି ଆଲୋକପାତ କରିଥିଲେ ଅପରାହ୍ନରେ ଛାତ୍ରଛାତ୍ରୀ ମାନେ ଔଷଧ ଓ ରୋଗ ସମ୍ବନ୍ଧୀୟ ପୋଷ୍ଟର ଉପସ୍ଥାପନ କରି ବୁଝାଇଥିଲେ । ସର୍ବଶେଷ ପ୍ରଦର୍ଶନପାଇଁ ତିନି ଜଣଙ୍କୁ ପୁରସ୍କୃତ କରଯାଇଥିଲା । ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଅନୁଷ୍ଠାନର ପ୍ରତିଷ୍ଠିତା ଡା ବିଶ୍ୱନାଥ ରଥଙ୍କ ମାର୍ଗଦର୍ଶନରେ ନିର୍ଦ୍ଦେଶକ ଦେବସ୍ମିତା ରଥ, ନିର୍ଦ୍ଦେଶକ ପ୍ରକାଶ ସେନାପତି,ଉପାଧକ୍ଷ ଦେବାଶିଷ ମିଶ୍ର, ବିଭାଗ ମୁଖ୍ୟ ସମୀର ପାତ୍ର, ଅଳକା ପ୍ରିୟଦର୍ଶିନୀ କର, ଅଧ୍ୟାପକ ଦେବଦତ ସାହୁ, ଶାରଦା ପ୍ରସାଦ ଷଡଙ୍ଗୀ, ସ୍ମୃତିକ ଦାଶ, ସ୍ନେହାଶିଷ ତ୍ରିପାଠୀ, ସୁଜିତ ହରିଚନ୍ଦନ, ଜ୍ୟୋତିର୍ମୟୀ ଦାଶ,ସହାୟକ ପ୍ରଦୀପ ସ୍ୱାଇଁ, ନିରଞ୍ଜନ ନାୟକ, ରବି ସାହୁ, ଆଦିତ୍ୟ ପ୍ରଧାନ, ପ୍ରଭାତ ପଣ୍ଡା, ସଞ୍ଜୟ ବେହେରା, ସତ୍ୟ ମିଶ୍ର, ତପନ ରାଜ, ବିଜୟ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ଜିଲ୍ଲାର ୪ ପ୍ରକଳ୍ପ ଜୋନ୍ ସ୍ତରକୁ ମନୋନୀତ

କେନ୍ଦ୍ରାପଡ଼ା, ୨୧ ଡିସେମ୍ବର(ହି.ସ.) – ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ କେନ୍ଦ୍ରାପଡ଼ା ଜିଲ୍ଲାର ୪ ପ୍ରକଳ୍ପ ଜୋନ୍‌ସ୍ତରକୁ ମନୋନୀତ ହୋଇଥିବା ଜଣାପଡ଼ିଛି। ବରଗଡ଼ ଜିଲ୍ଲାର ବରପାଲୀ ସରକାରୀ ବାଳକ ବିଦ୍ୟାଳୟରେ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ୩ ଦିନ ଧରି ଅନୁଷ୍ଠିତ ହୋଇଥିଲା। ଜିଲ୍ଲାସ୍ତରକୁ ଯାଇଥିବା ୭ଟି ପ୍ରକଳ୍ପ ମଧ୍ୟରୁ ୪ଟି ପ୍ରକଳ୍ପକୁ ଶ୍ରେଷ୍ଠ ବିବେଚନା କରାଯାଇ ଜୋନ୍‌ସ୍ତରକୁ ମନୋନୀତ କରାଯାଇଛି। ତରାଣ୍ଡୋସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଏକାଦଶ ଶ୍ରେଣୀର ଛାତ୍ରୀ ସ୍ୱାତୀପ୍ରଜ୍ଞା ରଥଙ୍କ ଖାଦ୍ୟ ସ୍ୱାସ୍ଥ୍ୟ ଉପବିଷୟବସ୍ତୁ ପ୍ରଥମସ୍ଥାନ, ପଟ୍ଟାମୁଣ୍ଡାଇ ଗଙ୍ଗାରାମପୁର ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ପ୍ରାଣକୋଷ ପ୍ରଧାନଙ୍କ ବିପର୍ଯ୍ୟୟ ପରିଚାଳନା ପ୍ରଥମସ୍ଥାନ ପାଇଥିବାବେଳେ ଇନ୍ଦୁପୁର ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ରଶ୍ମିରଂଜନ ସାହୁଙ୍କ ବର୍ଯ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ଓ ଗୋଜାବନ୍ଧର ଗାନ୍ଧୀ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ସନ୍ତୋଷ ବାରିକଙ୍କ ପରିବହନ ଓ ଯୋଗାଯୋଗ ପ୍ରକଳ୍ପ ଜୋନ୍‌ସ୍ତରକୁ ମନୋନୀତ ହୋଇଛନ୍ତି। ଏହି ୪ ବୈଜ୍ଞାନିକଙ୍କ ପ୍ରକଳ୍ପ ଜାନୁଆରୀ ୭ରୁ ୯ ତାରିଖ ପର୍ଯ୍ୟନ୍ତ କଲିକତାର ବିଆଇଟିଏମ୍ ଜୋନ୍ ପ୍ରଦର୍ଶନୀରେ ଭାଗ ନେବେ। ଏହି ସଫଳତା ପାଇଁ ଜିଲ୍ଲା ଶିକ୍ଷାଅଧିକାରୀ ପ୍ରଦୀପ୍ତ କୁମାର ନାଗ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ଜିଲ୍ଲା ବିଜ୍ଞାନ ପରିଦଶକ ନିଷିଧ କୁମାର ବାରିକ ବରପାଲି ଠାରେ ପହଂଚି କୁନି ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିଥିଲେ।

# ପତିତ ପାବନ ଏକାଡେମୀର ହୀରକ ଜୟନ୍ତୀ ଉଦ୍ଘାଟିତ

ବଲାଙ୍ଗିର, ୨୨/୧୨ (ନି.ପ୍ର): ଆଜି ପତିତପାବନ ଏକାଡେମୀ ହୀରକ ଜୟନ୍ତୀ ଉତ୍ସବ ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡିଆ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ ତଥା ପାଟଣାଗଡ ବିଧାୟକ କନକବର୍ଦ୍ଧନ ସିଂହଦେଓ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ କ୍ଷ ସମ୍ମାନିତ ଅତିଥି ରୂପେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଓ ମୁଖ୍ୟ ବକ୍ତା ଭାଗରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ର ନିର୍ଦ୍ଦେଶକ ପ୍ରଫେସର ଡ. ନଚିକେତା ଖମାରୀ ଶର୍ମା। ଯୋଗଦେଇ ଥିଲେ । ଅନ୍ୟମନଙ୍କ ମଧରେ ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶିବାଜୀ ଇଶଲଓ୍ୱାର୍ ଓ ବଲାଙ୍ଗୀର ଏସ୍ ପି ରିଷିକେଶ ଖିଲାରୀ ମଂଚାସୀନ ଥିଲେ । ଡାଇମଣ୍ଡ ଜୁବଲି କମିଟି ପକ୍ଷରୁ ଏକ ସ୍ମରଣିକା ପ୍ରକାଶିତ ହୋଇ ଉନ୍ମୋଚିତ ହୋଇଥିଲା । ପରେ ପତିତପାବନ ଏକାଡେମୀର ପୂର୍ବତନ ଶିକ୍ଷକ ଓ ପ୍ରଧାନ ଶିକ୍ଷକ ମାନଙ୍କୁ ଡାଇମଣ୍ଡ ଜୁବୁଲି କମିଟି ପକ୍ଷରୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷ ଡାଇମଣ୍ଡ ଜୁବୁଲି କମିଟିର ଉପସଭାପତି ହେମନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାକୁ ପ୍ରମେୟ କେବିକେ ସଂସ୍କରଣ ମୁଖ୍ୟ ଅଖିଳ ଚଂଦ୍ର ହୋତା ସଂଯୋଜନା କରିଥିଲେ । ଶେଷରେ ଡାଇମଣ୍ଡ ଜୁବୁଲି କମିଟିର ପ୍ରଦୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୫ ତମ ବାର୍ଷିକ ଉତ୍ସବ

କନ୍ଧମାଳ, ୨୨/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲାର ଫୁଲବାଣୀ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ୩୫ ତମ ବାର୍ଷିକ ଉତ୍ସବ ବିଦ୍ୟାଳୟର ସଭାପତି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରଜବନ୍ଧୁ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ବାର୍ଷିକ ଉତ୍ସବରେ ବାଗଦେବୀ ସରସ୍ୱତୀ ଓ ଭାରତ ମାତାଙ୍କ ଉଦ୍ଦେଶ୍ୟରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ଓ ବେଦ ପାଠ ପରେ ସ୍ୱାଗତ ସଂଗୀତ ତତସହିତ ଭାରତ ମାତାଙ୍କ ବନ୍ଦନା ଗାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର କୁମାର ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ବିଦ୍ୟାଳୟର ସମ୍ପାଦକ ଟି. ଶିବ ଶଙ୍କର ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସହକାରୀ ନିର୍ବାହୀ ଯନ୍ତ୍ରୀ ଉପେନ୍ଦ୍ର କହଁର ଯୋଗ ଦେଇଥିଲେ । ସେହିପରି ମୁଖ୍ୟବକ୍ତା ଭାବେ ସମ୍ପାଦକ ଜାତୀୟ ଲେଖକ ମଂଚର ଡଃ. ଲକ୍ଷ୍ମଣ ପଣ୍ଡା ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ଉମା ମଲ୍ଲିକ ଯୋଗଦେଇ ମାନବିକତାର ଶିକ୍ଷାସହ ଉତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ । ଏଥି ସହିତ ମୋବାଇଲରେ ଗେମ ନଖେଳିବାକୁ ଏବଂ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବାକୁ, ଚାକିରି କ୍ଷେତ୍ରରେ ମନ ନିବେଶ ନକରି ନିଜ ଭିତରେ ଥିବା ପ୍ରତିଭାକୁ ବାହାରକୁ ଆଣିବା ପାଇଁ ଚେଷ୍ଟା କରନ୍ତୁ । ଏଥିପାଇଁ ଉପସ୍ଥିତ ଅଭିଭାବକ ମାନେ ନିଜ ନିଜ ପିଲାଛୁଆଙ୍କୁ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ । ସେହିପରି ସମ୍ମାନିତ ଅତିଥି ଅଭିଭାବକ ମାନେ ନିଜ ପିଲାମାନଙ୍କୁ ସତପଥରେ ନେବାକୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ସଭାପତି ଶ୍ରୀ ମଲ୍ଲିକ ଶିଶୁମନ୍ଦିର ଏକ ଆଦର୍ଶ ଅନୁଷ୍ଠାନ ଯାହା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନର ଏକ ମାର୍ଗ ବୋଲି ମତ ପୋଷଣ କରିଥିଲେ । ଅନ୍ୟ ମଂଚାସୀନ ଅତିଥିବୃନ୍ଦ କହିଥିଲେ ଯେ ଶିଶୁ ମନ୍ଦିରର ଆଦର୍ଶ ଶିକ୍ଷା ତଥା ଚରିତ୍ର ଗଠନର ସହାୟକ ପରି ଶିକ୍ଷାଗ୍ରହଣ ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ପ୍ରେରଣା ଯୋଗାଏ । ସେହିପରି ମୁଖ୍ୟବକ୍ତା ଶ୍ରୀ ପଣ୍ଡା କହିଲେ ପ୍ରତ୍ୟେକ ମନୁଷ୍ୟ ଧର୍ମ ମାର୍ଗରେ ପରିଚାଳିତ ହୋଇ ସତ ମାର୍ଗରେ ଗତି କରିବା ବୋଲି ମନ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧରେ ବରିଷ୍ଠ ଆଇନଜୀବୀ ରମେଶ ଚନ୍ଦ୍ର ମହାନ୍ତି, କୋଷାଧକ୍ଷ ଗୋବିନ୍ଦ ଚନ୍ଦ୍ର ନାୟକ, ଅବସର ପ୍ରାପ୍ତ ପ୍ରାଧାପକ ପ୍ରସନ୍ନ କୁମାର ପଟ୍ଟନାୟକ, ଫିରିଙ୍ଗିଆ ଆଂଚଳିକ ମହାବିଦ୍ୟାଳୟର ପ୍ରାଧା ପିକା ହର ପ୍ରିୟା ମିଶ୍ର, ପ୍ରିୟ ନାଥ ଶର୍ମା, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସଂଘ ପରିଚାଳକ ରମେଶ ଚନ୍ଦ୍ର ସାହୁ,ଅମିୟ କୁମାର ଦାଶ, ବିଶ୍ୱ ରଞ୍ଜନ ଦାଶ, କୈଳାସ ଚନ୍ଦ୍ର ଧଳଙ୍କ ସମେତ ବହୁ ଗୁଣି ଜ୍ଞାନୀ ଓ ପୂର୍ବତନ ଛାତ୍ର ଛାତ୍ରୀମାନେ ଉପସ୍ଥିତ ଥିଲେ। ଏହା ପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା କ୍ଷ ସନ୍ଧ୍ୟାରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ମଂଚ ପରିଚାଳନା ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟା ବୈଜୟନ୍ତି ସାମନ୍ତରାୟ କରିଥିବା ବେଳେ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ସହଯୋଗ କରିଥିଲେ ।

# ଓଡିଶା ଧାନ ଆନ୍ଧ୍ର ଚାଲାଣ : ଦଲାଲ୍ ସକ୍ରିୟ : ଚାଷୀଙ୍କ ଦୁଃଖ ବୁଝୁଛି କିଏ ?

ଧର୍ମଶାଳା, ୨୨/୧୨ (ନି.ପ୍ର): ସରକାର ବଦଳିଛି । ନୂତନ ସରକାର ଗଠନ ହେବା ପରେ ଚାଷୀଙ୍କ ପାଇଁ ଚଳିତ ବର୍ଷଠାରୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ପାଇଁ ୩୧ ଟଙ୍କା କ୍ୱିଂଟାଲ ପିଛା ଘୋଷଣା ହେବା ପରେ ଚାଷୀ ମୁହଁରେ ହସ ଫୁଟିଥିଲା । ସେପଟେ ସରକାର ଏହି ଧାନ ଚାଷ ଓ ଧାନ ବିକ୍ରୀକୁ ନେଇ ଘନଘନ ସବୁଠି ତାଲିମ୍ ଦେଉଛି । ହେଲେ ଏପର୍ଯ୍ୟନ୍ତ କେଉଁଠି ବି ଧାନ ମଣ୍ଡି ଖୋଲିନି । କେବଳ ଚାଷୀଙ୍କ ପ୍ରତି ସବୁ ସରକାର ପ୍ରତିଶୃତି ଦେଇ ପ୍ରତିଶୃତି ଭୁଲି ଯାଉଛନ୍ତି । ସେପଟେ ଦଲାଲ ସକ୍ରୀୟ ହୋଇ ବିଭିନ୍ନ ସ୍ଥାନରୁ ଧାନ କ୍ୱିଂଟାଲ ପିଛି ୧୮ଶହ ଟଙ୍କାରେ କିଣି ପଡୋଶୀ ଆନ୍ଧ୍ର ରାଜ୍ୟକୁ ଚାଲାଣ କରୁଛି । କିନ୍ତୁ ପ୍ରଶାସନ କିପରି ଜାଣି ପାରୁ ନାହିଁ , ତାହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ବଡଚଣା ବ୍ଲକ ପର୍ଶ୍ଚିମ ବଡଚଣା ଅଂଚଳରେ । ଏପର୍ଯ୍ୟନ୍ତ ଧାନ ମଣ୍ଡି ଖୋଲି ନାହିଁ । ଫଳରେ ଚାଷୀ ଚାଷ ସମୟରେ ଧାର କରଜ କରି ଚାଷ କରି ଫସଲ ଅମଳ କରି ଘରେ ସାଇତି ରଖିଛି । ଏହା ସରକାରୀ ମଣ୍ଡିରେ ବିକ୍ରୀ କରି କରଜ ଶୁଝିବା ଲକ୍ଷ୍ୟ ରଖିଥିବା ବେଳେ ଅପେକ୍ଷା କରି କରି ସେପଟେ କରଜ ବୃଦ୍ଧି ପାଇବାରେ ଲାଗିଛି । ଫଳରେ ବାଧ ହୋଇ ଚାଷୀ ଦଲାଲଙ୍କ ହାତରେ ଧାନ କମ୍ ଟଙ୍କାରେ ଦେଉଥିବା ନେଇ ଚାଷୀମାନେ ପ୍ରକାଶ କରିଛନ୍ତି । ଦଲାଲ ଏହି ସବୁ ଅଂଚଳରେ ବଡବଡ ଟ୍ରକ୍ ଲଗାଇ ଆନ୍ଧ୍ର ରାଜ୍ୟକୁ ଧାନ ଚାଲାଣ କରୁଛନ୍ତି । ସେପଟେ ବ୍ଲକ ପ୍ରଶାସନ ଓ ଜିଲା ପ୍ରଶାସନ କିପରି ଜାଣି ପାରୁ ନାହାନ୍ତି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ବୋର୍ଡ଼ା ଜନତା ହାଇସ୍କୁଲର ୬୨ତମ ବାର୍ଷିକ ଉତ୍ସବ ପାଳିତ

ଭବାନୀପାଟଣା, ୨୨/୧୨ (ନି.ପ୍ର): ଆଜି ବୋର୍ଡ଼ା ଜନତା ହାଇସ୍କୁଲର ୬୨ତମ ବାର୍ଷିକ ଉତ୍ସବ ଜାକଯମକରେ ପାଳିତ ହୋଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଶୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟବକ୍ତା ଶ୍ରୀମତୀ ସବିତା ପଟ୍ଟନାୟକ, ହୃଦାନନ୍ଦ ସାହୁ ଜିଲ୍ଲା ପରିଷଦ, ଏବଂ ସ୍ଥାନୀୟ ସରପଂଚ ଶ୍ରୀମତୀ ରୀନାରାଣୀ ଜାଲ ମଂଚାସିନ ହୋଇଥିଲେ, ଅତିଥିଙ୍କ ଗହଣରେ ପ୍ରଥମେ ଦୀପ ପ୍ରଜ୍ୱଳନ କରାଯାଇଥିଲା, ଏବଂ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ସହ ଉପଢୌକନ ପ୍ରଦାନ କରାଯାଇ ସମର୍ଦ୍ଧିତ କରାଯାଇଥିଲା। ପ୍ରଥମେ ପ୍ରଧାନ ଶିକ୍ଷକ ହାଇସ୍କୁଲର ବାର୍ଷିକ ବିବରଣୀ ପଠନ କରାଯାଇଥିଲା ଓ ଅତିଥିମାନଙ୍କ ଅଭିଭାଷଣ ପ୍ରଦାନ କରାଯାଇଥିଲା, କୃତି ଛାତ୍ରଛାତ୍ରୀମାନଙ୍କୁ ସମ୍ମାନୀତ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା କଳାହାଣ୍ଡି ଆର୍ଟ ଫାଉଣ୍ଡେସନ ଦ୍ୱାରା ଆୟୋଜିତ କଳା ପ୍ରଦର୍ଶନୀ ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଶ କରାଯାଇଥିଲା। ମନ୍ତ୍ରୀଙ୍କୁ ପ୍ରଧାନ ଶିକ୍ଷକ ସ୍କୁଲର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଏବଂ ଛାତ୍ରଛାତ୍ରୀମାନଙ୍କୁ ଆଦର୍ଶ ଛାତ୍ର ଗଠନ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ। ଏବଂ ହରିହର ରଥ ସ୍ମୃତିସ୍ମାରକୀ ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଜାରି ରଖିଥିଲେ। ପରିଶେଷରେ ନିରାକାର ଗହୀର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବାର୍ଷିକ ଉତ୍ସବ ବାସ୍ତବିକ ସମସ୍ତଙ୍କୁ ବିମୋହିତ କରିଥିଲା। ପୋଲିସ ପ୍ରଶାସନ ପୁର୍ଣ୍ଣମାତ୍ରାରେ ସହଯୋଗ କରିଥିଲେ।

# ସୁଲଭ ବାସଗୃହ ପ୍ରକଳ୍ପକୁ ପ୍ରଶଂସା କରି ବସ୍ତିବାସିନ୍ଦାଙ୍କୁ ସ୍ଥାନାନ୍ତରିତ ସହ ବସ୍ତି ହଟାଇବାକୁ ନିର୍ଦ୍ଦେଶ ଦେଲେ ମନ୍ତ୍ରୀ

ରାଉରକେଲା, ୨୨/୧୨ (ନି.ପ୍ର): ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ରାଉରକେଲା ସ୍ଥିତ ଛେଣ୍ଡ ଠାରେ ନିର୍ମିତ ସୁଲଭ ବାସଗୃହ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରି ସନ୍ତୋଷବ୍ୟକ୍ତ କରିଥିଲେ। ଏହି ଅବସରରେ ସେ ବାସଗୃହକୁ ଯାଇ ସେଠାରେ ବସ୍ତିବାସିନ୍ଦାଙ୍କ ନିମନ୍ତେ ଉପଲବ୍ଧ ଥିବା ସମସ୍ତ ସୁବିଧା ବିଷୟରେ ପଚାରି ବୁଝିଥିଲେ। ଯେପରି ବସ୍ତିବାସିନ୍ଦାମାନେ ମୌଳିକ ସୁବିଧା ସୁଯୋଗ ସଠିକ୍ ଭାବେ ପାଇ ପାରିବେ ସେ ଦିଗରେ ଯତ୍ନବାନ୍ ହେବା ସହ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ପରିବେଶରେ ସର୍ବଦା ସ୍ୱଚ୍ଛତା ବଜାୟ ରହିବ ସେ ଦିଗରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ।ଏହି ପରିପ୍ରେକ୍ଷୀରେ ସେ ରାଉରକେଲା ସହରର ସର୍ବାଙ୍ଗୀନ ବିକାଶ ପାଇଁ ତଥା ବସ୍ତିବାସିନ୍ଦାଙ୍କ ସୁରକ୍ଷିତ ଆଶ୍ରୟକୁ ସୁନିଶ୍ଚିତ କରିବା ପାଇଁ ସହରରେ ଅଧିକରୁ ଅଧିକ ସୁଲଭ ବାସଗୃହ ପ୍ରକଳ୍ପ ନିର୍ମାଣ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଯଥାଶୀଘ୍ର ଗୃହ ଆବଂଟନ କରି ହିତାଧିକାରୀମାନଙ୍କୁ ତ୍ୱରିତ ଏଠାକୁ ସ୍ଥାନାନ୍ତର କରିବା ଓ ବସ୍ତି ହଟାଇବା ପାଇଁ ସେ ଉପସ୍ଥିତ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏଠି କୁହାଯାଇପାରେ ଯେ, ଏହି ପ୍ରକଳ୍ପ ତିଆରି କରିଥିବା ଠିକାଦାରଙ୍କୁ ମାଗଣାରେ ସମ୍ମୁଖର କୋଟି କୋଟି ମୂଲ୍ୟର ଜାଗାକୁ ଦିଆଯାଇଥିବା ବେଳେ ଏ ଘରଗୁଡ଼ିକୁ ବସ୍ତିୱାଲା ଆଉ ନେବାକୁ ଚାହୁଁ ନାହାନ୍ତି, ସେପଟେ ଏତେ କଥା କରୁଥିବା ଆରଡିଏ ର ଭବିଷ୍ୟତ ନେଇ ମନ୍ତ୍ରୀ ପଦିଏ ହେଲେ ମୁହଁ ଖୋଲି ନଥିଲେ।

# ଜିଲ୍ଲା ସ୍ତରୀୟ ଯୁବ ଉତ୍ସବ ପ୍ରତିଯୋଗିତା ପାଳନ ନେଇ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା, ୨୨/୧୨ (ନି.ପ୍ର): ଶନିବାର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ ଅତିରିକ୍ତ ଜିଲ୍ଲାପାଳ, ପ୍ରତାପ ଚନ୍ଦ୍ର ବେଉରା ଙ୍କ ଅଧ୍ୟକ୍ଷତା ରେ ଜିଲ୍ଲା ସ୍ତରୀୟ ଯୁବ ଉତ୍ସବ ପ୍ରତିଯୋଗିତା ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଯୁବବର୍ଗ ମଧ୍ୟରେ ଥିବା ପ୍ରତିଭାର ବିକାଶ ଲାଗି ଏହା ଏକ ଉପଯୁକ୍ତ ମାଧ୍ୟମ ହୋଇଥିବାରୁ ଜିଲ୍ଲାର ଅଧିକରୁ ଅଧିକ ଯୁବବର୍ଗଙ୍କୁ ସାମିଲ କରିବା ଲାଗି ପରାମର୍ଶ ଦେଇଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ଚୋ ?ଧୁରୀ ଅରବିନ୍ଦ ଦାସ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଅବଗତ କରାଇଥିଲେ । ଆସନ୍ତା ଡ଼ିସେମ୍ବର ୨୩ ତାରିଖ ରେ ଏହି ଜିଲ୍ଲା ସ୍ତରୀୟ ଯୁବ ଉତ୍ସବ ପ୍ରତିଯୋଗିତା ବି.ଜେ.ବି ହାଇସ୍କୁଲ, ଖୋର୍ଦ୍ଧା ପରିସରରେ ଅନୁଷ୍ଠିତ ହେବ । କେବଳ ୧୫ରୁ ୨୯ ବର୍ଷର ପ୍ରତିଯୋଗୀଙ୍କ ମଧ୍ୟରେ ଏହି ସମସ୍ତ ପ୍ରତିଯୋଗିତା ଯଥା -ପଦ୍ୟ ଲିଖନ (ହିନ୍ଦୀ/ଇଂରାଜୀ), ଲୋକ ସଙ୍ଗୀତ (ଦଳଗତ ),ଲୋକ ସଙ୍ଗୀତ (ଏକାକୀ),ଲୋକ ନୃତ୍ୟ (ଦଳଗତ ),ଲୋକ ନୃତ୍ୟ(ଏକାକୀ), ଗଳ୍ପ ଲିଖନ(ହିନ୍ଦୀ ଓ ଇଂରାଜୀ), ଚିତ୍ରାଙ୍କନ, ବକ୍ତୃତା (ହିନ୍ଦୀ ଓ ଇଂରାଜୀ) ଇତ୍ୟାଦି ଅନୁଷ୍ଠିତ ହେବ। ଏହି ୧୧ଟି ବିଭାଗରେ ପ୍ରଥମ ସ୍ଥାନ ପାଇଥିବା ପ୍ରତିଯୋଗୀ ମାନେ ରାଜ୍ୟ ସ୍ତରୀୟ ଯୁବ ମହୋତ୍ସବରେ ଖୋର୍ଦ୍ଧା ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ। ସେହିପରି ଏହି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ (ଦଳଗତ ପ୍ରତିଯୋଗିତା ଯଥା -ଲୋକନୃତ୍ୟ ଓ ଲୋକ ସଙ୍ଗୀତ ) ଯଥାକ୍ରମେ ୭୦୦୦ଟଙ୍କା,୫୦୦୦ଟଙ୍କା ଓ ୩୦୦୦ଟଙ୍କାର ପୁରସ୍କାର ରାଶିର ବ୍ୟବସ୍ଥା ଥିବାବେଳେ ବାକି ୯ଗୋଟି ଏକକ ପ୍ରତିଯୋଗିତା ପାଇଁ ଯଥାକ୍ରମେ ୨୫୦୦,୧୫୦୦ ଏବଂ ୧୦୦୦ ଟଙ୍କାର ପୁରସ୍କାର ରାଶିର ବ୍ୟବସ୍ଥା କରାଯାଇଛି। ଏହି ବୈଠକରେ, ଜିଲ୍ଲା କ୍ରୀଡ଼ା ଅଧିକାରୀ,ଅଜୟ କୁମାର ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କସ୍ତୁରୀବାଳା ଜେନା, ଉପ-ଜିଲ୍ଲାପାଳ ଦିପ୍ତି ରଞ୍ଜନ ସେଠୀଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କୁ ନିର୍ଯ୍ୟାତନ ମାମଲାରେ ସଦର ପୁଲିସ ଗିରଫ କରୁନି ଅଭିଯୁକ୍ତଙ୍କୁ :ଏସପିଙ୍କ ଭେଟିଲେ ପୀଡିତା

କୋରେଇ, ୨୨/୧୨ (ନି.ପ୍ର): ଅଭିଯୁକ୍ତଙ୍କୁ ଗିରଫ ପାଇଁ କୋର୍ଟ ଆଦେଶ ଥିଲେ ବି ତାକୁ ଗିରଫ କରୁନି ଯାଜପୁର ସଦର ପୁଲିସ । ଫଳରେ ଅଭିଯୁକ୍ତ ଦେଶ ଛାଡି ପଳାଇବାର ଯୋଜନା କରିଛି । ଏନେଇ ଅଭିଯୁକ୍ତର ପତ୍ନୀ ସଦରଥାନାକୁ ବାରମ୍ବାର ଦୌଡି ନିରାଶ ହେବା ପରେ ନ୍ୟାୟ ପାଇଁ ଏସପିଙ୍କୁ ଭେଟି ଗୁହାରୀ କରିଛନ୍ତି । ପ୍ରକାଶଯେ ଯାଜପୁର ସଦର ଥାନା ଅନ୍ତର୍ଗତ ମହିପୁର ଗ୍ରାମର ସେକ ଅଫ ବୁଦ୍ଦିନଙ୍କ ପତ୍ନୀ ସବିରା ସୁଲତାନାଙ୍କ ଅଭିଯୋଗ ମୁତାବକୁ ୧୦ ବର୍ଷ ତଳେ ସେ ବିବାହ କରିଥିଲେ । ତାଙ୍କ ଗୋଟେ ପୁଅ ମଧ୍ୟ ଅଛି । ସ୍ୱାମୀ ମିଛ ଚାକିରୀର ପ୍ରଲୋଭନ ଦେଖାଇ ବିବାହ କରିଥିଲେ । ହେଲେ ସବିରା କିଛି ଦିନ ପରେ ସବୁ ଜାଣିଲେ ବି ଭଗ୍ୟକୁ ଆଦରି ରହିଥିଲେ । ହେଲେ ତାଙ୍କର ସମସ୍ତ ସୁନା ଅଳଙ୍କାର, ଟଙ୍କା, ଗାଡି ଓ ଜମିକୁ ବିକ୍ରି କ କରି ସାରି ପରେ ନିର୍ଯ୍ୟାତନା ଆରମ୍ଭ ହୋଇଥିଲା । ସବୁ କିଛି ସହି ନିଜ ପିଲାର ଭବିଷ୍ୟତକୁ ଦେଇ କିଛି କହିନଥିଲେ ସବିରା । ୬ ବର୍ଷ ହେବ ସ୍ୱାମୀଙ୍କ ପକ୍ଷରୁ ବାରମ୍ବାର ନିର୍ଯ୍ୟାତିତ ହେବା ପରେ ସେ ଆଦାଲତର ଆଶ୍ରୟ ନେଇଥିଲେ । ଅଦାଲତ ତାଙ୍କ ସ୍ୱାମୀକୁ ଗିରଫ କରିବାକୁ ଓ ଟଙ୍କା ପଇଠ କରିବାକୁ ଆଦେଶ ଦେଇଥିଲେ । ମାତ୍ର ସଦର ପୁଲିସ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନନେବାରୁ ସେ ଦ୍ୱିତୀୟ ବିବିହ କରିବା ସହିତ ବିଦେଶ ପଳାଇବାକୁ ଟିକଟେ କାଟିଛନ୍ତି । ଫଳରେ ପିଲାର ଭବିଷ୍ୟତ ଅନ୍ଧାରକୁ ଠେଲିହୋଇଯିବାର ପରିସ୍ଥିତି ସୃଷ୍ଟି ହୋଇଛି । ଦେଶ ଛାଡି ଯିବା ପୂର୍ବରୁ ଉଭୟଙ୍କ ମଧ୍ୟରେ ସ୍ଥାୟୀ ସମାଧାନ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଏସପିଙ୍କୁ ଗୁହାରୀ କରିଛନ୍ତି ସବିରା ।

# ସମାଜ ପାଇଁ ଉଦାହରଣ ସାଜିଛି: କୈବଲ୍ୟ କ୍ଷେତ୍ର ଟ୍ରଷ୍ଟ ପରିବାର



ବସ୍ତା, ୨୨/୧୨ (ନି.ପ୍ର): ମାନବ ସେବା କୁ ମାଧବ ସେବା ଓ ସମାଜ ସେବାକୁ ବ୍ରତ ବୋଲି ବୁଝିଛି କରୁଆ କୈବଲ୍ୟ କ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପରିବାର । ଖାସ ସେଥି ପାଇଁ ତ କୋହଲା ମେଘୁଆ ପାଗକୁ ଥର ଥର ଶୀତ କୁ ଖାତିର ନକରି ପଥଚାରି ଙ୍କ ସୁରକ୍ଷିତ, ସୁଗମନା ଗମନ ପାଇଁ ଟ୍ରଷ୍ଟ ପକ୍ଷରୁ ରାସ୍ତା ସଫେଇ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏଠାରେ ସୂଚନା ଥାଉକି ଏବେ ଧାନଚାଷ ଅମଳର ସମୟ। ସାଧାରଣତ ଧାନ କଟା ମେସିନ ସାହାଯ୍ୟରେ ଧାନ ଅମଳ କରି ଟ୍ରାକ୍ଟର ଯୋଗେ ଚାଷୀ ଘର କୁ ଅମଳ ଧାନ ଆଣିଥାଏ । ଯାହା ପାଇଁ ରାସ୍ତା ରେ ଧାନକଟା ମେସିନ ଓ ଟ୍ରାକ୍ଟର ଟାୟାର ରେ ମେଞ୍ଚା ମେଞ୍ଚା ଚିକିଟା କାଦୁଅ ଓ ନଡ଼ା କୁଟା ଲାଗି କରି ଆସି ରାସ୍ତା ଉପରେ ପଡ଼ି ଥାଏ । ତେବେ ସ୍ଥାୟୀ ପିଚୁ ଓ ପକ୍କା ରାସ୍ତା ଥିଲେ ବି ଲଗାଣ ଝିପିଝିପି ବର୍ଷା ଯୋଗୁଁ ରାସ୍ତା କଦର୍ଯ୍ୟ ଅବସ୍ଥା ହୋଇ କାଦୁଅ ପଚ ପଚ ହୋଇ ମରଣ ଜନ୍ତା ସାଜି ଛୋଟ ବଡ ଦୁର୍ଘଟଣା ଘଟୁଥିଲା। ଉକ୍ତ ରାସ୍ତା ଟି ସିଂଲା ରୁ ଭେଲୋରା ଛକ କୁ ମୁଖ୍ୟ ରାସ୍ତା ହୋଇଥିବାରୁ ଉକ୍ତ ରାସ୍ତା ଉପରେ ଅଙ୍ଗନଓ୍ୱାଡ଼ି, ସ୍କୁଲ, କଲେଜ ଛାତ୍ରୀ , ଆମ୍ବୁଲାନ୍ସ, ଅଟୋ, ସମେତ ଅନ୍ୟାନ୍ୟ ଗାଡ଼ି ମୋଟର ବିପଦ ସଙ୍କୁଳ ଭାବେ ଯାଆ ଆସ କରୁଥିଲେ। ତେବେ ଲୋକଙ୍କ ସୁ ଗମନା ଗମନ ପାଇଁ କରୁଆ କୈବଲ୍ୟ କ୍ଷେତ୍ର ଟ୍ରଷ୍ଟ ପରିବାର ପକ୍ଷରୁ ଜଗନ୍ନାଥ ବ୍ରହ୍ମଚାରୀ ଙ୍କ ନେତୃତ୍ୱରେ ମହେଶ୍ୱର ନାୟକ, ହରିରାମ ବେହେରା, ଅରୁଣ କୁମାର ଧଳ, ଗଙ୍ଗାଧର ନାୟକ, ହୃଷିକେସ ପ୍ରଧାନ, ସପନ କୁମାର ଧଳ,ଜ୍ୟୋତିରଂଜନ ସିଂହ, କୃଷ୍ଣ ବଲ୍ଲଭ ପାତ୍ର,ଶୁଭଙ୍କର ଧଳ, ଗୋବିନ୍ଦ ନାୟକ, ଝାଡେଶ୍ୱର୍ ଧଳ ପ୍ରମୁଖ ଝୋଡ଼ା ଓ କୋଦାଳ ସାହାଯ୍ୟରେ କରୁଆ ଗ୍ରାମର ଦୀର୍ଘ ଦୁଇ କିମି ରାସ୍ତା ଉପରୁ ମାଟି ସଫାକରି, ରାସ୍ତା ପରିଷ୍କାର କରି ସମାଜ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ତେବେ ଟ୍ରଷ୍ଟ ରଏଭଳି ପଦକ୍ଷେପ କୁ ସାଧାରଣରେ ପ୍ରଶଂସା କରାଯାଇଛି।

# ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ



ବାରିପଦା, ୨୨/୧୨ (ନି.ପ୍ର): ଚାଷୀମାନଙ୍କୁ ସଙ୍ଗଠିତ କରିବା ସହ ପାଣିପଞ୍ଚାୟତ ମାଧ୍ୟମରେ ସେମାନେ ଜଳସେଚନ ସୁବିଧା ପାଇ ଯେଭଳି ସ୍ୱାବଲମ୍ବୀ ହୋଇପାରିବେ, ଏ ଦିଗରେ ସଚେତନତା ସୃଷ୍ଟି ପାଇଁ ରାଜ୍ୟ ସରକାରଙ୍କ ଜଳସେଚନ ବିଭାଗ ତରଫରୁ ଚଳିତ ମାସ ୨୨ ଠାରୁ ଆଗାମୀ ଜାନୁଆରୀ ୫ ତାରିଖ ପର୍ଯ୍ୟନ୍ତ ସମଗ୍ର ମୟୂରଭଞ୍ଜ ରେ ପାଣିପଞ୍ଚାୟତ ପକ୍ଷ ପାଳନ କରାଯାଉଛି । ସେହି ପରିପ୍ରେକ୍ଷୀରେ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ରବିବାର ଦିନ ସକାଳେ ପାଣିପଞ୍ଚାୟତ ସଚେତନତା ରଥ ଉନ୍ମୋଚିତ ହୋଇଥିଲା। ଯାହା ଏହି ପକ୍ଷରେ ଜିଲ୍ଲାର ପ୍ରତ୍ୟେକ ବିଭାଜନରେ ମଧ୍ୟ ବୁଲିବା ସହିତ ଜନସାଧାରଣ ମାନଙ୍କୁ ପାଣି ପଂଚାୟତର କାର୍ଯ୍ୟକାରିତା, ଉପାଦେୟତା ବିଷୟରେ ଅବଗତ କରାଇବା ସହିତ କୃଷିଜୀବୀଙ୍କ ଗୁଣାତ୍ମକ ମାନ ବୃଦ୍ଧି, ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ, ଜଳସେଚନ ପ୍ରଣାଳୀର ସୁପରିଚାଳନା ବିଷୟରେ ବୁଝାଇବାରେ ସହାୟକ ହେବ। ଇତ୍ୟବସରରେ, ବାରିପଦା ଉପଖଣ୍ଡ ଅନ୍ତର୍ଗତ ବାଲିଡିହା ଜଳ ବିଭାଜିକା ଠାରେ ଏକ ବିଭାଜନ ସ୍ତରୀୟ ବୈଠକ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ, ଅତିରିକ୍ତ ମୁଖ୍ୟ ଅଧିକ୍ଷଣ ଯନ୍ତ୍ରୀ ଇଂ ସୁରେଶ କୁମାର ଦାଶ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ନିର୍ବାହୀ ଯନ୍ତ୍ରୀ, ପ୍ରସନ୍ନ ଦାସ, କାଳ ପାଣିପଞ୍ଚାୟତ ସମ୍ପାଦକ, ଯଜ୍ଞ ମହାନ୍ତି, ବାଲିଡିହା ପ୍ରକଳ୍ପ ସମ୍ପାଦକ ଦାଶରଥ ପାଣ୍ଡେ, ସୁନେଇ ପ୍ରକଳ୍ପ ସମ୍ପାଦକ, ବିରଂଚି ନାରାୟଣ ପାତ୍ର, ବାଲିଡିହା ପ୍ରକଳ୍ପ ସହ ସମ୍ପାଦକ, ସହଦ୍ୱେ ସିଂ, କାଳ ପ୍ରକଳ୍ପ ସହ ସମ୍ପାଦକ ସର୍ବେଶ୍ୱର ରାଉତ ପ୍ରମୁଖ ମଂଚାସୀନ ଥିଲେ। କେବଳ ସରକାରୀ ବ୍ୟବସ୍ଥା କିମ୍ବା ଚାଷୀଙ୍କର ବ୍ୟକ୍ତିଗତ ଉଦ୍ୟମ ଦ୍ୱାରା ଜଳସେଚନ ପ୍ରଣାଳୀର ଉତ୍ତମ ରକ୍ଷଣାବେକ୍ଷଣ ଓ ସୁପରିଚାଳନ ଭାବେ ଚାଲିବ ବୋଲି ଭାବିବା ଅସମ୍ଭବ । ଏଣୁ ଏହାର ସମାଧାନ ନିମନ୍ତେ ପ୍ରତ୍ୟକ୍ଷ ଯୋଗଦାନ ଓ ସହଭାଗୀ ଜଳସେଚନ ପରିଚାଳନା ମାଧ୍ୟମରେ ଉପଲବ୍ଧ ସେଚ ଜଳର ସୁପରିଚାଳନା , ସୁଷମ ବଣ୍ଟନ ଓ ସଂରକ୍ଷଣ ନିହାତି ଆବଶ୍ୟକ ବୋଲି ମୁଖ୍ୟ ଅତିଥି ଇଂ ଦାଶ ପ୍ରକାଶ କରିଥିଲେ। ନିଜ ବକ୍ତବ୍ୟରେ ଅତିଥି ମାନେ, ଅନଲାଇନ୍ ବ୍ୟବସ୍ଥାରେ ଅଭିଯୋଗର ସମାଧାନ କରିବା , ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କୁ ମଜୁରୀ ପ୍ରଦାନ କରିବାରେ ମଧ୍ୟ କାର୍ଯ୍ୟ କରୁଛି, ବନ୍ୟା ସମ୍ପର୍କରେ ସମୟଭିତ୍ତିକ ପ୍ରାକ୍ ସ୍ଥିତିର ସଠିକ ଆକଳନ କରିବା, ଶିଳ୍ପ ଓ ଅନ୍ୟାନ୍ୟ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକୁ ଅନଲାଇନ୍ ବ୍ୟବସ୍ଥାରେ ଜଳ ଆବଣ୍ଟନ, ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗରେ ବିଭାଗୀୟ ବିଭିନ୍ନ କାର୍ଯ୍ୟର ତଦାରଖ ବ୍ୟବସ୍ଥାକୁ ଦକ୍ଷତାର ସହ ନିର୍ବାହ କରିବା, ଭୂତଳ ଜଳର ସଠିକ ମାତ୍ରା ଜାଣିବା, ଜଳ ସଂରକ୍ଷଣ, ଜଳ ସମ୍ପଦର ସଂରକ୍ଷଣ ଓ ପରିଚାଳନା କ୍ଷେତ୍ରରେ ଅଧିକ ଜ୍ଞାନ ସମ୍ପନ୍ନ ଅନୁଷ୍ଠାନ ବା ବ୍ୟକ୍ତି ବିଶେଷଙ୍କ ସହଭାଗିତାକୁ ଜଳସମ୍ପଦ ବିଭାଗ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି ବୋଲି କହିଥିଲେ ଏବଂ ଜଳର ଅପଚୟ ନ କରି ସର୍ବୋତ୍କୃଷ୍ଟ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପ ଅଧିକ୍ଷଣ ଯନ୍ତ୍ରୀ ଇଂ ଗଜେନ୍ଦ୍ର ନାୟକ ସଭା ପରିଚାଳନା କରିଥିବା ବେଳେ ଜଳସେଚନ ବିଭାଗ ଦ୍ୱାରା ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ପ୍ରବନ୍ଧ, ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଶେଷ କରି ପାଣି ପଞ୍ଚାୟତ ଆଇନରେ ଆବଶ୍ୟକ ସଂଶୋଧନ କରାଯାଇ ଜଳ ବ୍ୟବହାର କରୁଥିବା କୃଷକଙ୍କ କ୍ଷେତ୍ରରେ ପତି ବା ପତ୍ନୀଙ୍କୁ ପାଣି ପଞ୍ଚାୟତର ସଦସ୍ୟା ଭାବେ ନିୟୋଜିତ କରାଯାଇଛି । ମେଗା ଲିଫ୍ଟ ପ୍ରକଳ୍ପ ଗୁଡିକ ଅଧିନରେ ପାଣି ପଞ୍ଚାୟତ ଯୋଜନା ଗଠନ କରାଯାଇଛି । ପାଣି ପଞ୍ଚାୟତଗୁଡିକର କାର୍ଯ୍ୟାବଳୀ ସମ୍ପର୍କରେ ଜାଣିବା ପାଇଁ ସୂଚନା ଓ ପ୍ରଯୁକ୍ତି ଆଧାରରେ ଇ-କାଡ୍ ଭଳି ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ କରାଯାଉଛି । ଏହି ପଦକ୍ଷେପକୁ ଆହୁରି ଆଗକୁ ନେବା ଏବଂ ସମସ୍ତଙ୍କ ମଧ୍ୟରେ ପାଣି ପଞ୍ଚାୟତର ଗୁରୁତ୍ୱ ଓ ପାଣି ପଞ୍ଚାୟତ ସଦସ୍ୟ ସଦସ୍ୟାଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ, ଜଳ ସମ୍ପଦର ସୁରକ୍ଷା ଏବଂ ପାଣି ପଞ୍ଚାୟତଗୁଡିକର କାର୍ଯ୍ୟକୁ ଆହୁରି ଆଗକୁ ନେବାରେ ସହାୟତା କରୁଥିବା ସମସ୍ତ ସହଭାଗୀ ଅନୁଷ୍ଠାନର ସହଯୋଗରେ ଏହି ବାର୍ଷିକ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯିବ ବୋଲି ଜଳସମ୍ପଦ ବିଭାଗ ତରଫରୁ ଜଣାଯାଇଛି ।ସୂଚନା ଥାଉକି, ଆସନ୍ତା ୨୯ ତାରିଖରେ ଏହି ପାଣିପଞ୍ଚାୟତର ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ, ବାରିପଦା ଷ୍ଟାଡିଅମ ଠାରେ ଅନୁଷ୍ଠିତ ହେବ ।

## ପାଣି ପଂଚାୟତ ପକ୍ଷ ପାଳନ ଉଦ୍‌ଘାଟିତ

ଜୟପୁର, ୨୨/୧୨ (ନି.ପ୍ର): କୋରାପୁଟ ଉଠା ଜଳସେଚନ ବିଭାଗ ଦ୍ୱାରା ବିଭାଜନ ସ୍ତରୀୟ ପାଣି ପଂଚାୟତ ପକ୍ଷ ପାଳନ ଉଦଘାଟିତ ହୋଇଯାଇଛି। କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ନିର୍ବାହୀ ଯନ୍ତ୍ରୀ ଯୁଗଳ କିଶୋର ଟାକ୍ରୀଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ କୋରାପୁଟ ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା ଓ ଉପ ସଭାପତି ରାଧା ବିନୋଦ ସାମନ୍ତରାୟ, କୋରାପୁଟ ବ୍ଲକ ଅଧକ୍ଷା ନମିତା ମାଝୀ, କୋରାପୁଟ ଉପ ଜିଲ୍ଲାପାଳ ବେଣୁଧର ଶବର, କୋରାପୁଟ ସାଂସଦଙ୍କ ପ୍ରତିନିଧି ବାବୁଲା ବେନିଆ, କୋରାପୁଟ କୃଷି ଜିଲ୍ଲା ଅଧିକାରୀ ହେମନ୍ତ କୁମାର ପଢିହାରୀ, ନାବାର୍ଡ ଡିଜିଏମ ଦେବେନ୍ଦ୍ର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ ।ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଜଳର ସଦ ବ୍ୟବହାର ଓ ସରକାରୀ ଯୋଜନା ସମ୍ପର୍କରେ ଉପସ୍ଥିତ ଚାଷୀମାନଙ୍କୁ ସଚେତନ କରାଇବା ପକ୍ଷ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ନିର୍ବାହୀ ଯନ୍ତ୍ରୀ ଇଂ ଟାକ୍ରୀ ପ୍ରକାଶ କରିଛନ୍ତି ।ଜିଲ୍ଲାରେ ୧୭୪୧ ଟି ଉଠା ଜଳସେଚନ ପ୍ରକଳ୍ପ ରହିଛି ସେଥିରୁ ୧୬୩୩ ଟି ସଚଳ ଓ ୧୦୮ ଟି ଅଚଳ ହୋଇଥିବା ସେ ସୂଚନା ଦେଇଛନ୍ତି ।୧୬୩୩ଟି ସଚଳ ପ୍ରକଳ୍ପ ଦ୍ୱାରା ୩୩୭୮୫ ହେକ୍ଟର ଚାଷ ଜମିକୁ ଜଳ ଯୋଗାଇ ଦିଆଯାଉଛି ବୋଲି ସେ ପ୍ରକାଶ କରିଛନ୍ତି। କୋରାପୁଟ ଉଠା ଜଳସେଚନ ବିଭାଜନ ଅଧୀନରେ ଥିବା ପାଣି ପଞ୍ଚାୟତର ଚାଷୀ ମାନେ ଉପସ୍ଥିତ ରହିଥିଲେ ।

# ପଇଁତିରିଶ ବର୍ଷର ଐତିହାସିକ ଚନ୍ଦ୍ରୋଭାଗୋତ୍ସବ




ବାଲେଶ୍ୱର, ୨୨/୧୨ (ନି.ପ୍ର): ୩୫ତମ ଚନ୍ଦ୍ରଭାଗୋତ୍ସବ ପାଳନ କରିବା ପାଇଁ ଆଜି ସ୍ଥାନୀୟ ଷ୍ଟେସନ କ୍ଲବ୍ ସଭାଗୃହରେ ଏକ ସାମ୍ବାଦିକ ସମ୍ମିଳନୀ ଚନ୍ଦ୍ରଭାଗାର ଉପଦେଷ୍ଟା ସମାଜସ୍ୱେୀ ନିରଞ୍ଜନ ଖୁଣ୍ଟିଆ ଓ ନାଟ୍ୟକାର ଆଶିଷ ଚକ୍ରବର୍ତ୍ତୀଙ୍କ ଯୁଗ୍ମ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଡିସେମ୍ବର ମାସ ୨୮ ତାରିଖରେ ଉଦ୍ଘାଟନ ହୋଇ ୩୫ ବର୍ଷର ଉତ୍ସବ ୨୦୨୪ ମସିହା ଜାନୁଆରୀ ୪ ତାରିଖ ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ ପାଳନ କରାଯିବାର ନିଷ୍ପତ୍ତି ଗ୍ରହଣ କରାଯାଇ ସହଭାଗୀ ଅନୁଷ୍ଠାନ ନାଚର ମିଳିତ ଆନୁକୂଲ୍ୟରେ ରୋନାଲିସା ପଣ୍ଡାଙ୍କ ତତ୍ତ୍ୱାବଧାନ ଦ୍ୱାରା ଶିଶୁ କଳାକାର ମାନଙ୍କର ପ୍ରତିଭା ଚୟନ କାର୍ଯ୍ୟ ସମ୍ପାଦନା ହେବା ସଙ୍ଗେ ସଙ୍ଗେ ୟଙ୍ଗହାଟ୍ ତରଫରୁ ମରୁତ ରାଉତଙ୍କ ନେତୃତ୍ୱରେ ଜାତୀୟ ସ୍ତରୀୟ ଚିତ୍ରକଳା କର୍ମଶାଳା ଓ ପ୍ରଦର୍ଶନୀ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ବର୍ଷଶେଷ ୩୧ଡିସେମ୍ବର ଦିବସବ୍ୟାପି ସାହିତ୍ୟ ଚର୍ଚ୍ଚା ଏବଂ ଡକ୍ଟର ଶଶୀକାନ୍ତ ମହାନ୍ତିଙ୍କ ପ୍ରତ୍ୟକ୍ଷ ତଦାରଖରେ ସପ୍ତାହ ବ୍ୟାପୀ ବାଲେଶ୍ୱର ବହିମେଳା ଦିନ ୨ଟାରୁ ରାତା ୯ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର ସୂଚନା ଦିଆଯାଇଛି। ଏହି ଅବସରରେ ଅନୁଗ୍ରାହି ଜନସାଧାରଣ ଙ୍କ ବିପୁଳ ସହଯୋଗ କାମନା କରା ଯାଇଛି। ବୈଦ୍ୟୁତିକ ଗଣମାଧ୍ୟମ ଓ ପ୍ରିଣ୍ଟ୍ ମିଡିଆ ଉଭୟଙ୍କର ପ୍ରଭୂତ ଉପସ୍ଥିତି ଏ କାର୍ଯ୍ୟକ୍ରମରେ ଚନ୍ଦ୍ରଭାଗାର କର୍ମକର୍ତ୍ତା ମାନଙ୍କୁ ଉତ୍ସାହିତ କରିଛି। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ଅନ୍ୟବର୍ଷ ମାନଙ୍କ ଭଳି ଗାମ୍ଭିର୍ଯ୍ୟପୂର୍ଣ୍ଣ କରିବା ପାଇଁ ପ୍ରଚେଷ୍ଟା ରହୁ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା କବି ଶ୍ରୀଦ୍ୱେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ରେମୁଣାର ପ୍ରାକ୍ତନ ବିଧାୟକ ଶ୍ରୀଯୁକ୍ତ ପ୍ରଦୀପ୍ତ ପଣ୍ଡା ଯୋଗଦାନ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀର ସଞ୍ଚାଳନ କରିଥିଲେ ଚନ୍ଦ୍ରଭାଗାର ସକ୍ରିୟ ସଦସ୍ୟ ଆଡ୍ ପର୍ଶୁରାମ ପ୍ରଧାନ ଏବଂ ଶେଷ ଶବ୍ଦ ରଖିଥିଲେ ଚନ୍ଦ୍ରଭାଗାର ମିଡିଆ ସଂଯୋଜିକା ଜ୍ୟୋତିର୍ମୟୀ ଶତପଥୀ। ଚନ୍ଦ୍ରଭାଗାର ଅନ୍ୟତମ ଉପଦେଷ୍ଟା ଦିଲ୍ଲୀପ ନାଏକ, ଆଡ୍ ଅଶୋକ ସେନାପତି, କାର୍ଯ୍ୟକାରୀ ସଦସ୍ୟ ଅରୁଣାଂଶୁ ପାଣିଗ୍ରାହୀ, ଅବନୀ ଜେନା,ପିତାମ୍ବର ଦାସ, ବିନୋଦ ନାୟକ, ହିରାଲାଲ୍ ମହାପାତ୍ର ଏବଂ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ, ସୋମନାଥ ସାହୁ, ଅରୂପ ଦାସ, ଅଦୀପ୍ ଦାସ, ବ୍ରହ୍ମାନନ୍ଦ ସ୍ୱାଇଁ, ବିବେକାନନ୍ଦ ଦାସ, ପ୍ରତ୍ୟାଶା ପ୍ରିୟମ୍ୱଦା ମହାନ୍ତି, ରିତେନ୍ଦ୍ର ଛାଟୋଇ, ଅଭୟ ଦାସ, ରମଣୀ ରଞ୍ଜନ ଦାସ, ଆଜିମ୍ ବାଲେଶ୍ୱରୀ, ଗୟାଧର କର, ଜଗବନ୍ଧୁ ପୃଷ୍ଟି, ସନ୍ତୋଷ ପଣ୍ଡା, ଆଡ୍ ପ୍ରିୟବ୍ରତ ନାୟକ ପ୍ରମୁଖଙ୍କ ସହଯୋଗ ସାମ୍ବାଦିକ ସମ୍ମିଳନୀକୁ ସାଫଲ୍ୟ ମଣ୍ଡିତ କରିଥିଲା। ଏହି ଅବସରରେ ଓଟିଭି 'ସିଟିଜେନ୍ ଆଓ୍ୱାଡ୍ ଆଚିବର' ନିରଞ୍ଜନ୍ ଖୁଣ୍ଟିଆଙ୍କୁ ଚନ୍ଦ୍ରଭାଗା ପରିବାର ତରଫରୁ ଭବ୍ୟ ସମ୍ବର୍ଦ୍ଧନା ଅର୍ପଣ କରାଯାଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ୨୪ରୁ ରାଜ୍ୟରେ...

ରହିଛି ସୁଦୃଶ୍ୟ ଲଘୁଚାପ କ୍ଷେତ୍ର । ଏହା ଆସନ୍ତା ୨୪ ପଶ୍ଚିମ-ଦକ୍ଷିଣ ପଶ୍ଚିମ ମୁହାଁ ହେବ । ୨୪ ତାରିଖ ବେଳକୁ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳ ନିକଟରେ ପହଞ୍ଚିବା ସମ୍ଭାବନା ରହିଛି । ଏହାର ପ୍ରଭାବରେ ଓଡ଼ିଶା ଉପରେ ଏକ ନିମ୍ନଚାପ ରେଖା ସୃଷ୍ଟି ହୋଇପାରେ। ଦକ୍ଷିଣ-ପୂର୍ବ ଦିଗରୁ ଜଳୀୟବାଷ୍ପ ପୂର୍ଣ୍ଣ ସାମୁଦ୍ରିକ ବାୟୁ ରାଜ୍ୟକୁ ପ୍ରବେଶ ଯୋଗୁ ଉପକୂଳ ଓ ପାର୍ଶ୍ୱବର୍ତ୍ତୀ ଉତ୍ତର ଉପକୂଳରେ ମେଘୁଆ ପାଗ ସହ ବର୍ଷା ସମ୍ଭାବନା ରହିଛି । ସେପଟେ ଗତ ୨୪ ଘଣ୍ଟା ମଧ୍ୟରେ ଖୋର୍ଦ୍ଧାରେ ସର୍ବାଧିକ ୭୫ ମିଲିମିଟର୍ ବର୍ଷା ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱରରେ ୫୧.୬ ଏବଂ କଟକରେ ରେକର୍ଡ କରାଯାଇଛି ୩୩.୪ ମିଲିମିଟର ବର୍ଷା । ପାଣିପାଗ ବିଭାଗ କହିଛି, ପୂର୍ବରୁ ଦକ୍ଷିଣ, ପଶ୍ଚିମରୁ ଆଭ୍ୟନ୍ତରୀଣ। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତର ପ୍ରଭାବରେ ଆସନ୍ତାକାଲି ଯାଏଁ ବର୍ଷା ହେବ । ଏହା କ୍ରମେ ଦୁର୍ବଳ ହେବା ପରେ ବଦଳିବ ପାଣିପାଗର ମିଜାଜ । ଏପଟେ ଆସନ୍ତା ୨୪ ଘଣ୍ଟାରେ ରାଜ୍ୟରେ ଘନ କୁହୁଡ଼ିର ସମ୍ଭାବନା ରହିଛି। ଦିନ ତାପମାତ୍ରା କମିଥିବା ବେଳେ ରାତି ତାପମାତ୍ରା ସ୍ୱାଭାବିକଠୁ ଅଧିକ ରହିଛି । ଅମଳ ବେଳେ ଅଦିନିଆ ବର୍ଷା ଉଜାଡ଼ି ଦେଇଛି ଚାଷୀର ବର୍ଷକର ଦାନାପାଣି । କଟା ହୋଇଥିବା ଧାନ, ନା ମଣ୍ଡିକୁ ଯାଇପାରିଛି ନା ଖଳାକୁ। କ୍ଷେତ ମଝିରେ ପଡ଼ି ସୁନାର ଫସଲ ବରବାଦ୍ ହୋଇଛି । ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାରେ ଆପଣ ଯୁଆଡ଼େ ଯାଆନ୍ତୁ ବିଲ ବାଡ଼ିରେ ବତୁରି ଯାଇଛି କଟା ହୋଇଥିବା ଧାନ । ୨ ଦିନର କୋହଲା ପାଗ ସାଙ୍ଗକୁ ଝିପିଝିପି ବର୍ଷା, ଚାଷୀର ଭାତ ହାଣ୍ଡିକୁ ଉଜାଡ଼ି ଦେବା ପରେ ଏବେ ବୁଦ୍ଧିଶୂନ୍ୟ ହୋଇପଡ଼ିଛନ୍ତି ଚାଷୀକୂଳ ।

## ପୂର୍ବତନ ବିଧାୟକ ବିଜୟ ...

କିନ୍ତୁ ସେଠାରେ ଅଚେତ ହୋଇଯାଇଥିଲେ। ଫଳରେ ତାଙ୍କୁ କ୍ୟାପିଟାଲ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ପରୀକ୍ଷା ନିରୀକ୍ଷା କରିବା ପରେ ତାଙ୍କୁ ମୃତ ଘୋଷଣା କରିଥିଲେ। କ୍ୟାପିଟାଲ ହସ୍‌ପିଟାଲ କର୍ତ୍ତୃପକ୍ଷ କହିଛନ୍ତି ଯେ ବିଜୟ ମହାନ୍ତିଙ୍କୁ ମୃତ ଅବସ୍ଥାରେ ଡାକ୍ତରଖାନାକୁ ଅଣାଯାଇଥିଲା। ତେଣୁ ନିୟମ ଅନୁସାରେ ତାଙ୍କ ଶବର ବ୍ୟବଚ୍ଛେଦ କରାଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ତାଙ୍କ ମୃତ୍ୟୁର ସଠିକ କାରଣ ଜଣାପଡ଼ିବ। ଅନ୍ୟପକ୍ଷରେ ଯାହା ଜଣାପଡ଼ିଛି, କିଛି ଦିନ ହେବ ବିଜୟ ମହାନ୍ତି ହୃଦରୋଗରେ ପୀଡ଼ିତ ଥିଲେ। ବିଜୟ ମହାନ୍ତି ବିଜେଡି ଟିକେଟ୍‌ରେ ଦୁଇ ଥର ବିଧାନସଭା ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ୨୦୦୯ ଓ ୨୦୧୪ରେ ସେ ଭୁବନେଶ୍ୱର ମଧ୍ୟ ଆସନରୁ ଜିତିଥିଲେ। ତା'ପରେ ଆଉ ଦଳ ତାଙ୍କୁ ଟିକେଟ ଦେଇ ନଥିଲା। ବିଜୟ ମହାନ୍ତି ଅବିବାହିତ ଥିଲେ। ପୂର୍ବତନ ବିଧାୟକ ବିଜୟ ମହାନ୍ତିଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ମାତ୍ରେ ବିଭିନ୍ନ ଦଳର ନେତାମାନେ ଦୁଃଖ ପ୍ରକାଶ କରିଛନ୍ତି। ତାଙ୍କ ମୃତ୍ୟୁ ଖବର ପାଇ ବିଜେଡି ନେତା ତଥା ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ବିଜେପି ନେତା ତଥା ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂହ, ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମା ଓ ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ କ୍ୟାପିଟାଲ ହସ୍‌ପିଟାଲରେ ପହଞ୍ଚି ସ୍ୱର୍ଗତ ବିଜୟ ମହାନ୍ତିଙ୍କର ଶେଷ ଦର୍ଶନ କରିଥିଲେ।

## ପଶ୍ଚିମବଙ୍ଗରୁ ଫେରିବ ...

ବସିଲାଣି ହେଲେ ଜିନ୍ନତ ଶିମିଳିପାଳ ଫେରିବାର ନାଁ ଧରୁନାହିଁ। ଜିନ୍ନତ ଗୁରୁବାର ରାତିରେ ଝାରଖଣ୍ଡରୁ ଯାଇ ପଶ୍ଚିମବଙ୍ଗର ବେଲପାହାଡି ଜଙ୍ଗଲକୁ ପଳାଇଛି। ଜିନ୍ନତକୁ ମହାରାଷ୍ଟ୍ରର ତଡ଼ବା ଜଙ୍ଗଲରୁ ଶିମିଳିପାଳ ଅଭୟାରଣ୍ୟକୁ ଅଣା ଯାଇଥିଲା। ପ୍ରଥମେ ତାଙ୍କୁ ଶିମିଳିପାଳରେ ଏନକ୍ଲୋଜରରେ ରଖାଯାଇଥିଲା।ପରେ ତାକୁ ଶିମିଳିପାଳର କୋର ଏରିଆ ଭିତରେ ଛାଡ଼ି ଦିଆଯାଇଥିଲା। ତେବେ ଗତ ୧୦ ତାରିଖରେ ଜିନ୍ନତ ଶିମିଳିପାଳ ଛାଡ଼ ଝାଡ଼ଖଣ୍ଡ ପଳାଇଥିଲା। ଜିନ୍ନତ ଝାଡ଼ଖଣ୍ଡର ଜାମସେଦପୁର ରେଞ୍ଜର ଚାକୁଲିଆ ଅଞ୍ଚଳରେ ଥିଲା। ୧୯ ତାରିଖ ରାତିରେ ସେ ସେଠାରୁ ପଶ୍ଚିମବଙ୍ଗର ବେଲପାହାଡ଼ି ଜଙ୍ଗଲକୁ ପଳାଇଛି।

## ନୂଆବର୍ଷରୁ ଶ୍ରୀମନ୍ଦିରରେ...

ଛୋଟ ପିଲା ଓ ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ଦର୍ଶନ କିପରି ସୁଗମ ହେବ ସେଥି ପାଇଁ ଭିନ୍ନ ଏକ ବ୍ୟବସ୍ଥା କରାଯାଇଛି। ଘଣ୍ଟି ଦ୍ୱାରରେ ମହିଳା ଓ ବରିଷ୍ଠ ନାଗରିକ ପ୍ରସ୍ଥାନ କରିବେ ଓ ଗାରଦ ଦ୍ୱାରରେ ପୁରୁଷମାନେ ଦର୍ଶନ କରି ବାହାରିବେ। ଏଥିପାଇଁ ବ୍ୟବସ୍ଥା କରାଯାଉଛି। ଯେଉଁ ଜାଗାରେ କାମ ଚାଲିଛି ଗତକାଲି ମୁଁ ଓ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଘଟଣାସ୍ଥଳକୁ ଯାଇ ତାର ସମୀକ୍ଷା କରିଥିଲୁ। କାମ ବି ସନ୍ତୋଷ ଜନକ ଭାବେ ଚାଲିଛି ବୋଲି ଆଇନ ମନ୍ତ୍ରୀ କହିଛନ୍ତି। ବରିଷ୍ଠ ସେବାୟତ ବିନାୟକ ଦାସ ମହାପାତ୍ର କହିଛନ୍ତି, ବ୍ୟବସ୍ଥା ଯାହା କରାଯାଉଛି ଭକ୍ତମାନେ ନିଶ୍ଚିତ ଉପକୃତ ହେବେ। ଏନେଇ ସମସ୍ତଙ୍କ ସାଙ୍ଗରେ ବିଚାର ବିର୍ମଷ କରାଯାଇ କରାଯିବ ଦରକାର ଥିଲା।

# ୨୬ରୁ ଓଳିନ୍ଦାରେ ନିଗମାନନ୍ଦ ଦେବଙ୍କ ସାର୍ବଭୌମ ଭକ୍ତ ସମ୍ମିଳନୀ



ଜଳେଶ୍ୱର, ୨୨/୧୨ (ନି.ପ୍ର): ସଦ୍‌ଗୁରୁ ସ୍ୱାମୀ ନିଗମାନନ୍ଦ ଦେବଙ୍କ ୧୧୦ତମ ସାର୍ବଭୌମ ଭକ୍ତ ସମ୍ମିଳନୀ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ମହମ୍ମଦ ନଗର ପାଟଣା ପଞ୍ଚାୟତ ଓଳିନ୍ଦା ଗାଁ ଶାନ୍ତିନଗର ଶ୍ରୀଶ୍ରୀ ନିଗମାନନ୍ଦ ସାରସ୍ୱତ ଆଶ୍ରମ ପରିସରରେ ଆସନ୍ତା ୨୬ ତାରିଖରୁ ଆରମ୍ଭ ହୋଇ ୨୯ ତାରିଖରେ ଉଦ୍ ?ଯାପିତ ହେବ ଏହି ସମ୍ମିଳନୀରେ ଭାରତ ସହିତ ବାଂଲାଦେଶ, ନେପାଳ ଓ ଭୁଟାନ ଆଦି ଦେଶରୁ ୪୦ ହଜାରରୁ ଅଧିକ ନିଗମାନନ୍ଦଙ୍କ ଭକ୍ତ ଯୋଗଦେବେ। ସେମାନଙ୍କ ରହିବା ପାଇଁ ୨୫ଟି ଅସ୍ଥାୟୀ ଘର, ୩୪୦ଟି ଅସ୍ଥାୟୀ ଶୌଚାଳୟ, ଜଳ ଯୋଗାଣ ପାଇଁ ୬ଟି ନୂଆ ସେଲୋ, ପ୍ରସାଦ ପ୍ରସ୍ତୁତ ଓ ସେବନ ପାଇଁ ସ୍ୱତନ୍ତ୍ର ରୋଷଶାଳା, ଅନ୍ନପୂର୍ଣ୍ଣା ଭଣ୍ଡାର ତିଆରି ହୋଇଛି। ଅନ୍ନ ତିଆରି ହୋଇ ପାରିବା ଭଳି ବ୍ୟବସ୍ଥା କରାଯାଇଛି। ଅନ୍ତର୍ଜାତୀୟସ୍ତରର ଏହି ସାର୍ବଭୌମ ସମ୍ମିଳନୀକୁ ୪ ଦିନରେ ନିଗମାନନ୍ଦଙ୍କ ଭକ୍ତଙ୍କୁ ମିଶାଇ ଦେଶ ବିଦେଶରୁ ମୋଟ ୪ ଲକ୍ଷରୁ ଅଧିକ ଭକ୍ତଙ୍କ ସମାଗମ ହେବ ବୋଲି ଆକଳନ କରାଯାଇଛି। ଆସାମବଙ୍ଗୀୟ ସାରସ୍ୱତ ମଠ (ହାଲି ସହର) ମହନ୍ତ ଶ୍ରୀମତ ସ୍ୱାମୀ ଡ. ବ୍ରଜେଶାନନ୍ଦ ସରସ୍ୱତୀ ମହାରାଜ ଏବଂ ଟ୍ରଷ୍ଟ ସଭାର ସମ୍ପାଦକ ଶ୍ରୀମଦ ସ୍ୱାମୀ ବିମଳାନନ୍ଦ ସରସ୍ୱତୀ ମହାରାଜଙ୍କ ତତ୍ତ୍ୱାବଧାନରେ ଏହି ସମ୍ମିଳନୀ ପରିଚାଳନା ପାଇଁ ଏକ ଉପଦେଷ୍ଟା କମିଟି ଓ କାର୍ଯ୍ୟନିର୍ବାହୀ କମିଟି ଗଠିତ ହୋଇଛି। ୨୬ ତାରିଖରେ ଅଧିବାସରୁ ସମ୍ମିଳନୀ ଆରମ୍ଭ ହେଉଥିବା ବେଳେ ୨୭ ଓ ୨୮ ତାରିଖରେ ଭକ୍ତ ସମ୍ମିଳନୀ ଓ ୨୯ରେ ସାଧାରଣ ସଭା ଅନୁଷ୍ଠିତ ହେବ । ଅତିଥି ଭାବେ କାଷ୍ଠି ପୀଠାଧୀଶ୍ୱର ଆଚାର୍ଯ୍ୟ ମହାମଣ୍ଡଳେଶ୍ୱର ଶ୍ରୀମଦ ସ୍ୱାମୀ ଗୁରୁ ଶରଣାନନ୍ଦଜୀ ମହାରାଜ, ପରମହଂସ ପ୍ରଜ୍ଞାନାନନ୍ଦ ଗିରିଜୀ ମହାରାଜ, ଛତିଶଗଡ଼ର ମହାରାଜା କମଳ ଚନ୍ଦ୍ର ଭଞ୍ଜଦେଓଙ୍କ ସମେତ ଦେଶବିଦେଶର ବହୁ ସାଧୁ ସନ୍ଥ, ପଣ୍ଡିତ ଓ ରାଜନେତା ଯୋଗଦେବେ ବୋଲି ପରିଚାଳନା କମିଟିର ସଭାପତି ଶ୍ରୀମଦ ସ୍ୱାମୀ ସତ୍ୟବ୍ରତା ନନ୍ଦ ସରସ୍ୱତୀ କହିଛନ୍ତି। ଏହି ଖବର ଦାତା ସମ୍ମିଳନୀ ରେ ଉପସ୍ଥିତ ଥିଲେ ଶ୍ରୀମଦ୍ ସ୍ୱାମୀ ବ୍ରଜେଶା ନନ୍ଦ ସରସ୍ୱତୀ ମହାରାଜ, ଇନ୍ଦୁ ଭୂଷଣ କର କ୍ରିଷ୍ଣା ନନ୍ଦ ସରସ୍ୱତୀ ମହାରାଜ, ଶ୍ରୀମଦ୍ ସ୍ୱାମୀ ଭବେଶା ନନ୍ଦ ସରସ୍ୱତୀ , ନଳିନୀ ବଲ୍ଲଭ ସାହୁ, ନଳିନୀ କାନ୍ତ ସେଠୀ, ହରେକୃଷ୍ଣ ଜେନା, ହରିଶଙ୍କର ଦାସ୍, ମାଖନ୍ ଲାଲ୍ ବେରା, ଶିବାଶିଷ ଦାସ୍ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭାଜନ ସ୍ତରୀୟ ଚାରୋଟି ବ୍ଲକକୁ ନେଇ ପାଣିପଂଚାୟତ ପକ୍ଷ ପାଳନ

ଜଳେଶ୍ୱର, ୨୨/୧୨ (ନି.ପ୍ର): ଜଳ ହିଁ ଜୀବନ। କୃଷି ଉତ୍ପାଦନ ବୃଦ୍ଧିପାଇଁ ଜଳ ସେଚନ ଅତ୍ୟନ୍ତ ଅପରିହାର୍ଯ୍ୟ। ବିଗତ କିଛି ବର୍ଷରେ ମୌସୁମୀ ପ୍ରଭାବରେ ଅନିୟମିତତା ଏକ ଚିନ୍ତାର ବିଷୟ କାରଣ ପାଲିଟିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଜଳସେଚନ କ୍ଷେତ୍ରରେ ଜଳର ବ୍ୟବହାର ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥି ନିମନ୍ତେ ତୃଣମୂଳ ସ୍ତରରେ ହିତାଧିକାରୀ ମାନଙ୍କୁ ପାଣି ପଞ୍ଚାୟତ ମାଧ୍ୟମରେ ବିଭିନ୍ନ ତାଲିମ କାର୍ଯ୍ୟକ୍ରମ ଦ୍ୱାରା ବିଗତ ଆର୍ଥିକ ବର୍ଷରୁ ଆରମ୍ଭ କରାଯାଇଥିବା ସେଚ ସମାଧାନ ତଥା ଚଳିତ ବର୍ଷରେ ଆରମ୍ଭ କରାଯାଇଥିବା ଇ-କାଡ଼ ବ୍ୟବସ୍ଥା ମାଧ୍ୟମରେ ସେମାନଙ୍କର କ୍ଷେତ୍ର ସ୍ତରୀୟ ସମସ୍ୟା ଆଦି ସମାଧାନ ନିମନ୍ତେ ଜଳସମ୍ପଦ ବିଭାଗ ତରଫରୁ ବ୍ୟବସ୍ତା କରାଯାଇ ଅଛି। ଏହି ନିମନ୍ତେ ପାଣିପାଞ୍ଚାୟତର ସମସ୍ତ ସଭ୍ୟସଭ୍ୟା ତଥା ବିଭାଗୀୟ ଅଧିକାରୀ ମାନଙ୍କର ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ଆଜି ଜଳ ସମ୍ପଦ ବିଭାଗ ବିଭାଗ,ଓଡିଶା ପକ୍ଷରୁ ଉଠା ଜଳସେଚନ ବିଭାଗ ବିଭାଜନ ଜଳେଶ୍ୱରଙ୍କ ଆନୁକୁଲ୍ୟରେ ଜଳେଶ୍ୱର ନୂଅବଜାର ସ୍ଥିତ ମୂରଲୀ କଲ୍ୟାଣ ମଣ୍ଡପ ସମ୍ମିଳନୀ କକ୍ଷରେ ଜଳେଶ୍ୱର,ଭୋଗରାଇ,ବସ୍ତା ବାଲିଆପାଳ ବ୍ଲକକୁ ନେଇ ଉଠା ଜଳସେଚନ ବିଭାଜନ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳନ ଜଳେଶ୍ୱର ନିର୍ବାହୀ ଯନ୍ତ୍ରୀ ଗିରିଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଉପସ୍ଥିତ ଥିବା ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଜଳେଶ୍ୱର ବ୍ଲକର ଅଧକ୍ଷ ମାନସ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସହକାରୀ ଯନ୍ତ୍ରୀ ବସ୍ତା ମାନସ ରଞ୍ଜନ ମହାକୁଡ, ସହକାରୀ ନିର୍ବାହୀ ଯନ୍ତ୍ରୀ ଜଳେଶ୍ୱର ଜ୍ୟୋତିଷ କୁମାର ପ୍ରଧାନ,କନିଷ୍ଠ ଯନ୍ତ୍ରୀ ବସ୍ତା ପଦ୍ମଲୋଚନ ଟପୋ,ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ଉଠା ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ଦାସ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସହକାରୀ ଯନ୍ତ୍ରୀ ଲକ୍ଷ୍ମୀ ନାରାୟଣ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।ଏହି ପକ୍ଷ ପାଳନ ଅବସରରେ ରଚନା, ଡ୍ରଇଂ, ସାଧାରଣଜ୍ଞାନ,ତର୍କ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଥିରେ କୃତି ପ୍ରତିଯୋଗୀ ଛାତ୍ର ଛାତ୍ରୀ ମନକୁ ପୁରସ୍କାର ବିତରଣ କରାଯାଇ ଥିଲା ।ଏହି କାର୍ଯ୍ୟକ୍ରମରେ ଚାରୋଟି ବ୍ଲକର ୧୫୦ ଜଣ ପାଣି ପଂଚାୟତର କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି ସବୁ କାର୍ଯ୍ୟକ୍ରମକୁ ନବୀନ କୁମାର ଜେନା, କମଳଲୋଚନ ଜେନା, ନିର୍ମଳ ମାହାନ୍ତି, ଲକ୍ଷ୍ମୀ ନାରାୟଣ ଦାସଙ୍କ ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଚକସାର୍ଥିରେ ମଧୁର ମେଳା ପାଇଁ ଚୁଡାନ୍ତ ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୨୨/୧୨ (ନି.ପ୍ର): ବାଲେଶ୍ୱର ସଦର ବ୍ଲକ୍ ଅନ୍ତର୍ଗତ ଚକସାର୍ଥୀଠାରେ ଆସନ୍ତା ତା୨୨.୧୨.୨୦୨୪ରିଖ ରବିବାର ଠାରୁ ତା୩୧.୧୨.୨୦୨୪ ରିଖ ମଙ୍ଗଳବାର ପର୍ଯ୍ୟନ୍ତ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ମଧୁର ମେଳା ଅନୁଷ୍ଠିତ ହେବ । ଏହି ମେଳାରେ ଶ୍ରୀଜଗନ୍ନାଥଙ୍କ ୩୨ବେଶ ଓ ଶ୍ରୀ ଶ୍ରୀ ଚୈତନ୍ୟ ମହପ୍ରଭୁଙ୍କର ୨୪ ପ୍ରହର ନାମ ଯଜ୍ଞ (ଚଉଦ ମାଦଳ) ଅନୁଷ୍ଠିତ ହେବ । ଏଥିପାଇଁ ମେଳା ପରିଷଦର ଉପଦେଷ୍ଟା ପ୍ରାକ୍ତନ ପ୍ରାଧ୍ୟାପକ ତରଣୀସେନ୍ ଜେନାଙ୍କ ଅଧକ୍ଷତାରେ ଚୁଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ପୂର୍ବତନ ସରପଞ୍ଚ ସଞ୍ଜିବ୍ କୁମାର ମଣ୍ଡଳ, ସମାଜସେବୀ ଓ ଶିକ୍ଷାବିତ୍ ଗୋପୀକୃଷ୍ଣ ମହାନ୍ତି, ସାଆଁ ପଞ୍ଚାୟତର ସରୂପଞ୍ଚ ଧନଞ୍ଜୟ ପାତ୍ର, ବ୍ୟବସାୟୀ ସୁକୁମାର ସାହୁ, ବିମଳ ଗିରି, ଗୋରାଚାନ୍ଦ ସାହୁ, ରାଧାନାଥ ଶାସମଲ, ସୁଶିଳ କୁମାର ମଣ୍ଡଳ, ଗୌତମ ଖଟୁଆ, ବିଷ୍ଣୁପଦ ଦିନ୍ଦା, ଭୁଦେବ ସାହୁ, ରଘୁନାଥ ସାସମଲ, ବାସୁଦେବ ଦିନ୍ଦା, ସୁବିମଳ ଜେନା, ବଂଶୀଧର ଦିନ୍ଦା, ଦିଲ୍ଲୀପ ଜେନା ଓ ମଙ୍ଗଳ ଖଣ୍ଡା ପ୍ରମୁଖ ଯୋଗ ଦେଇ ମେଳାକୁ ସରସ- ସୁନ୍ଦର କରିବା ପାଇଁ ଆଲୋଚନା କରିଥିଲେ । ଏହି ମେଳାରେ ଆସନ୍ତା ତା୨୭.୧୨.୨୦୨୪ ରିଖ ଶୁକ୍ରବାର ଠାରୁ ତା୩୦.୧୨.୨୦୨୪ ରିଖ ସୋମବାର ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ୨୪ ପ୍ରହର ନାମଯଜ୍ଞ (ଚଉଦ ମାଦଳ) ଅନୁଷ୍ଠିତ ହେବ । ଆସନ୍ତା ତା୩୦.୧୨.୨୦୨୪ରିଖ ସୋମବାର ଦିନ ପୂର୍ବାହ୍ନ ଘ୧୦ ଟିକା ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ୩୦ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଅଛି । ଉକ୍ତ ମେଳାରେ ବିଭିନ୍ନ ଦଳର ରାଜନେତା, ପ୍ରଶାସକ, କଳାକାର, ପ୍ରବଚକ, ଶିକ୍ଷାବିତ୍, କବି ଓ ଲେଖକ ଯୋଗଦେବା ପାଇଁ ସମ୍ମତି ପ୍ରଦାନ କରିଅଛନ୍ତି । ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା.- ଜଗନ୍ନାଥଙ୍କ ଭଜନ, ଜଣାଣ, କୀର୍ତ୍ତନ ଓ ନୃତ୍ୟ ପରିବେଷଣ କରାଯିବ। ଏଥିରେ ଜଗନ୍ନାଥ ପ୍ରେମୀ ଶ୍ରଦ୍ଧାଳୁଙ୍କୁ ବହୁ ସଂଖ୍ୟାରେ ଯୋଗଦାନ କରିବା ପାଇଁ ପରିଷଦର ଉପଦେଷ୍ଟା ତରଣୀସେନ୍ ଜେନା ଅନୁରୋଧ କରିଅଛନ୍ତି ।

ସୋମବାର, ଡିସେମ୍ବର ୨୩, ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଆଲିମକୋ ସଂସ୍ଥାର ସହାୟକ ଉପକରଣ ନିମନ୍ତେ ଚିହ୍ନଟ ଶିବିର

ବାଲିଆପାଳ, ୨୨/୧୨ (ନି.ପ୍ର): ଭୁବନେଶ୍ୱର ଆଲିମକୋ ସଂସ୍ଥା ଏବଂ ବାଲିଆପାଳର ଡଗରା ସ୍ଥିତ ମଦର ଟେରେସା ସେବା ସଂଘର ମିଳିତ ଆନୁକୂଲ୍ୟରେ ଏଡିପ୍ ସ୍କିମ୍ ମାଧ୍ୟମରେ ଦିବ୍ୟାଙ୍ଗଙ୍କ ନିମନ୍ତେ ସହାୟକ ଉପକରଣ ପାଇଁ ସ୍ୱତନ୍ତ୍ର ଚିହ୍ନଟ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ଆଲିମକୋ ସଂସ୍ଥାର ଶ୍ରବଣ ବିଶେଷଜ୍ଞ ଡ.ଦିପକ କୁମାର ଜେନା ,କୃତ୍ରିମ ଅଙ୍ଗ ବିଶେଷଜ୍ଞ ଡ. ମନୋରଞ୍ଜନ ଓଝା, ମନୋବିଜ୍ଞାନ ଚିକିତ୍ସକ ଜିତେନ୍ଦ୍ର କୁମାର ବେହେରା ପ୍ରମୁଖ ହିତାଧିକାରୀମାନଙ୍କୁ ଚିହ୍ନଟ କରିଥିଲେ । ଅତିଥି ମାନଙ୍କ ମଧ୍ୟରେ ଭୁବନେଶ୍ୱର ଚେତନା କଲେଜର ପ୍ରଫେସର ଅନିତାସ୍ମିତା ବାରିକ ,ପ୍ରଫେସର ସ୍ନେହମୟୀ ଭୂୟାଁ,ପ୍ରଫେସର ସନତ କୁମାର ନାୟକ,ପ୍ରଫେସର ଦେବାଶିଷ ପତି ,ପ୍ରଫେସର ଧର୍ମାନନ୍ଦ ପରିଡା,ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ହିତାଧିକାରୀମାନଙ୍କୁ ଆୟ ପ୍ରମାଣପତ୍ର ଦେବାରେ ସ୍ଥାନୀୟ ସରପଞ୍ଚ ଶ୍ରୀ ମହାନ୍ତି ସହଯୋଗ କରିଥିଲେ । ଉକ୍ତ ଶିବିରରେ ୨ଶହ ରୁ ଉର୍ଦ୍ଧ୍ୱ ହିତାଧିକାରୀମାନଙ୍କୁ ଚିହ୍ନଟ କରାଯାଇଥିଲା । ପୂର୍ବତନ ଜିଲ୍ଲା ଶିକ୍ଷାଧିକାରୀ ସୁବାଷ ଚନ୍ଦ୍ର ଚୌଧୁରୀ ଏବଂ ମଦର ଟେରେସା ସେବା ସଂଘ ପରିଚାଳନା କମିଟିର ସଭ୍ୟ ସଭ୍ୟା ଏବଂ କର୍ମଚାରୀମାନେ ଶିବିର ପରିଚାଳନା ରେ ସଫଳତା ପାଇଁ ସହଯୋଗ କରିଥିଲେ । ଶେଷରେ ସଂଯୋଜିକା ଶକୁନ୍ତଳା ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



## ମୋବାଇଲରୁ ପ୍ରେମସମ୍ପର୍କ: ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା ପରେ ଜେଲଗଲେ ଯୁବକ

ନିଳଗିରି, ୨୨/୧୨ (ନି.ପ୍ର): ପ୍ରେମ ଗୋଟିଏ ପବିତ୍ର ସମ୍ପର୍କ । ସେ ସମ୍ପର୍କରେ ଦାଗ ଲାଗିଲେ ହୋଇଯାଏ ଅପବିତ୍ର । ପ୍ରତିଶ୍ରୁତି ଯଦି ପ୍ରତାରଣାର ପରିଣତ ହୁଏ ତାହା ହେଇଯାଏ ବିଶ୍ୱାସ ଘାତକ । ବିଶ୍ୱାସରେ ବିଷ ଦେଇ ଗୋଟାଏ ଝିଅ ମନରେ ବିଶ୍ୱାସର ମଞ୍ଜି ବୁଣି ଶେଷରେ ପ୍ରତାରଣା କଲେ ଜେଲ୍ ଯିବାକୁ ପଡେ ଏକଥା ଭୁଲି ଯାଉଛନ୍ତି ଆଜିର ଯୁବପିଢ଼ି ।ଏଭଳି ଏକ ସ୍ୱର୍ଶକାତର ଘଟଣା ଘଟିଛି ନୀଳଗିରି ଅଞ୍ଚଳରେ ।ଦୀର୍ଘମାସ ଧରି ଜୈନିକ ଯୁବତୀ ସହିତ ଯୁବକ ଜଣକ ଶାରୀରିକ ସମ୍ପର୍କ ରଖିବା ପରେ ବିବାହ କରିବାକୁ ମନା କରିବାରୁ ଶେଷରେ ଯୁବତୀ ଜଣକ ଅନ୍ୟ ଉପାୟ ନପାଇ ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ଥାନା ଅନ୍ତର୍ଗତ ତିନିଦେଶ ଗ୍ରାମର ରାଧାକୃଷ୍ଣ ପଣ୍ଡାଙ୍କ ପୁଅ ଆଲୋକ ଯିଏକି ନୀଳଗିରି ତହସିଲ ଅଧିନରେ ଠିକା କର୍ମଚାରୀ ଭାବରେ କାର୍ଯ୍ୟରତ ତାଙ୍କ ସହିତ ନୀଳଗିରି ଏନଏସି ଅଞ୍ଚଳର ଜୈନିକ ଯୁବତୀଙ୍କ ସହ ମୋବାଇଲରେ ଆରମ୍ଭ ହୋଇଥିଲା ଭଲପାଇବା। ଧୀରେଧୀରେ ଭଲ ପାଇବା ନିବିଡ଼ ହୋଇଗଲା। ପରେ ଉଭୟ ଯୁବକ ଯୁବତୀ ବାଲେଶ୍ୱର ନୋଟାରୀରେ ବିବାହ କରି ଦୀର୍ଘ ୧୬ମାସ ଧରି ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିଆସୁଥିଲେ। ବୈଦିକ ରୀତିରେ ଯୁବତୀକୁ ବିବାହ କରିବାକୁ ଆଲୋକ ପ୍ରତିଶ୍ରୁତି ମଧ ଦେଇଥିଲେ। ମାତ୍ର ଆଲୋକର ପରିବାର ବ୍ରାହ୍ମଣ ଜାତିର ହୋଇଥିବାବେଳେ ବିବାହକୁ ପରିବାରଲୋକ ଗ୍ରହଣ କରିପାରିନଥିଲେ। ଶେଷରେ ଯୁବତୀକୁ ବିବାହ କରିବ ନାହିଁ ବୋଲି ଆଲୋକ ରୋକଠୋକ୍ ମନାକରିବାରୁ ଯୁବତୀ ଜଣକ ନିରୁପାୟ ହୋଇ ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ନୀଳଗିରି ଥାନାପକ୍ଷରୁ ଯୁବତୀଙ୍କ ଏତଲାକୁ ଗୁରୁତ୍ୱ ଦିଆଯାଇ ଯୁବତୀର ବୟାନ ରେକର୍ଡ କରିବା ପରେ ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ ଆଲୋକକୁ ଗିରଫ କରିଛନ୍ତି। ଏନେଇ ନୀଳଗିରି ଥାନାରେ ୪୧୨/୨୪ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଉଭୟଙ୍କୁ ଡାକ୍ତରୀ ପରୀକ୍ଷା କରାଯାଇ ,ଗିରଫ ଆଲୋକକୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ତେବେ ପ୍ରେମରେ ପ୍ରତାରଣା ପାଇଥିବା ଯୁବତୀକୁ କି ନ୍ୟାୟମିଳୁଛି ତାହା ଦେଖିବାର ବାକିରହିଲା।



## ପାଣିର ସୁପରିଚାଳନା ପାଣି ପଞ୍ଚାୟତର ମୁଖ୍ୟଦାୟିତ୍ୱ



ଖଇରା, ୨୨/୧୨ (ନି.ପ୍ର): କୃଷି ତଥା କୃଷକର ଉନ୍ନତି ପାଇଁ ୨୦୦୨ ମାସିହାରେ ତତକାଳୀନ ରାଜ୍ୟ ସରକାର ପାଣି ପଞ୍ଚାୟତ ଗଠନ କରାଯାଇଥିଲା । ଏହା ମାଧ୍ୟମରେ ଚାଷୀଙ୍କୁ ସମସ୍ତ ଅଧିକାର ପ୍ରଦାନ କରାଯାଇଥିଲା । ପାଣିର ସୁପରଚାଳିନା କରିବା ପାଣି ପଞ୍ଚାୟତର ମୁଖ୍ୟ ଦାୟିତ୍ୱ ବୋଲି ରବିବାର ବିଦ୍ୟାଧରପୁର ଡିଭିଜନ କାର୍ଯ୍ୟାଳୟରେ ଖଇରା ବ୍ଲକର ସମସ୍ତ ପାଣି ପଞ୍ଚାୟତର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବକ୍ତାମାନେ ଆଲୋକପାତ କରିଛନ୍ତି । ସହକାରୀ ଯନ୍ତ୍ରୀ କାଳୁ ଚରଣ ମାରାଣ୍ଡିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ଥାନୀୟ ବିଧାୟକ ଅଭିମନ୍ୟୁ ସେଠୀ ମୁଖ୍ୟ ଅତିଥି,ଅଧୀକ୍ଷଣ ଯନ୍ତ୍ରୀ ଭାଗିରଥି ପାତ୍ର,ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ,ସରପଞ୍ଚ ଅଜୟ କୁମାର ରାଉତ,ପ୍ରାକ୍ତନ ସରପଞ୍ଚ ଶତ୍ରୁଘ୍ନ ପାତ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଅନ୍ୟତମ ସହକାରୀ ଯନ୍ତ୍ରୀ ନରହରି ପ୍ରଧାନ,କନିଷ୍ଠ ଯନ୍ତ୍ରୀ ପ୍ରଦୀପ କୁମାର ମହାନ୍ତି ଓ ପ୍ରଦେଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ପଦ୍ମମାଳୀ ମହିଳା ସଙ୍ଗଠନର ଅଷ୍ଟମ ବାର୍ଷିକ ପ୍ରତିଷ୍ଠା ଦିବସ ପାଳିତ



ବେତନଟୀ, ୨୨/୧୨ (ନି.ପ୍ର): ବେତନଟୀର ଅଗ୍ରଣୀ ମହିଳା ସଙ୍ଗଠନ ପଦ୍ମମାଳୀର ଅଷ୍ଟମ ବାର୍ଷିକ ପ୍ରତିଷ୍ଠା ଦିବସ ପରିବର୍ତ୍ତନ ଭିନ୍ନକ୍ଷମ ସ୍ୱତନ୍ତ୍ର ବିଦ୍ୟାଳୟ ଗରୁଡବସା ଠାରେ ପାଳିତ ହୋଇଯାଇଛି । ପ୍ରତିଷ୍ଠା ଦିବସ ଅବସରରେ ପଦ୍ମମାଳୀ ମହିଳା ସଙ୍ଗଠନର ଅଧ୍ୟକ୍ଷା ଡ. ବୀଣା ଦାଶଙ୍କ ନେତୃତ୍ୱରେ ପଦ୍ମମାଳୀର ସଦସ୍ୟା, ଡ. ପୁଷ୍ପା ପାତ୍ର ଓ ପ୍ରଫୁଲ୍ଲ କୁମାର ପଣ୍ଡା ପ୍ରମୁଖ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ରୋଗୀ,ସୁଇପର, ଧାଇ ଓ ଓ୍ୱାଚମେନ ଇତ୍ୟାଦିଙ୍କୁ ମୋଟ ୫୦ ଟି କମ୍ବଳ ଦାନ କରିଥିଲେ । ଏହା ପରେ ପରିବର୍ତ୍ତନ ଭିନ୍ନକ୍ଷମ ସ୍ୱତନ୍ତ୍ର ବିଦ୍ୟାଳୟ ପରିସରରେ ପଦ୍ମମାଳୀର ସଭାପତି ସଂଯୁକ୍ତା ଜୀଙ୍କ ସଭାପତିତ୍ୱରେ ଏକ ବୈଠକ ଅନିଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ବଡସାହି ବିଧାୟକ ସନାତନ ବିଜୁଳି, ସମ୍ମାନିତ ଅତିଥି ଭାବରେ ବେତନଟୀ ସମ୍ବାଦ ସାହିତ୍ୟ ଘର ସଭାପତି ଡ. ମନ୍ଦାକିନୀ ସାହୁ, କବି ପର୍ଶୁରାମ ସାହୁ, ପରିବର୍ତ୍ତନ ଭିନ୍ନକ୍ଷମ ସ୍ୱତନ୍ତ୍ର ବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ ପରିଡା, ପଦ୍ମମାଳୀର ସମ୍ପାଦିକା ପ୍ରଭାତୀ ମହାନ୍ତି, କାର୍ଯ୍ୟକାରୀ ସଭାପତି ଗୀତାଞ୍ଜଳୀ ଭୂୟାଁ, ସାମ୍ବାଦିକ ଶାନ୍ତନୁ କୁମାର ପଣ୍ଡା ଓ ଆଶିଷ ଦାସ ପ୍ରମୁଖ ମଞ୍ଚାସୀନ ହୋଇଥିଲେ । ସଭାକାର୍ଯ୍ୟ ପ୍ରାରମ୍ଭରେ ପଦ୍ମମାଳୀର ସ୍ରଷ୍ଟା ଦିବଂଗତ ସାମ୍ବାଦିକ ରଞ୍ଜନ କୁମାର ମହାନ୍ତି ଓ ରାଗଧା ଜୁନିୟର ମହାବିଦ୍ୟାଳୟର ଦିବଂଗତ ଅଧ୍ୟକ୍ଷ ରାମଚନ୍ଦ୍ର ଦାସଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ପଦ୍ମମାଳୀର ସମ୍ପାଦିକା ପ୍ରଭାତୀ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଦୀର୍ଘ ବର୍ଷ ଧରି ପଦ୍ମମାଳୀ ମହିଳା ସଙ୍ଗଠନ ବିଭିନ୍ନ ସମାଜସେବା ମୂଳକ କାର୍ଯ୍ୟ କରୁଥିବାରୁ ମୁଖ୍ୟ ଅତିଥି ବିଧାୟକ ସନାତନ ବିଜୁଳି ଏହି ସଙ୍ଗଠନକୁ ଭୂୟସୀ ପ୍ରଶଂସା କରିଥିଲେ । ଭିନ୍ନକ୍ଷମ ବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ ପରିଡାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସଭାକାର୍ଯ୍ୟ ଶେଷରେ ଭିନ୍ନକ୍ଷମ ବିଦ୍ୟାଳୟର ଦିବ୍ୟାଂଗ ବା ଦେବଶିଶୁ ମାନଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିଲା । ପଦ୍ମମାଳୀ ମହିଳା ସଙ୍ଗଠନର କୋଷାଧ୍ୟକ୍ଷା ବିନୋଦିନୀ ମହାନ୍ତ, ମୀନାକ୍ଷୀ ପରିଡା, ସୋନା ଖାତୁନ, ପଦ୍ମଶ୍ରୀ ଦେ, ଅନିନ୍ଦିତା ସାହୁ, ରଞ୍ଜିତା କର, ମିନତୀ ସାହୁ, କୁମୁଦିନୀ ମହାନ୍ତ, ମନୋରମା ସାହୁ, ପିଙ୍କି ସ୍ୱାଇଁ, ଆଞ୍ଚଲ ମିସ, ରଶ୍ମିତା ଦାଶ, ସୁଶିଳା ବାରିକ, ହରିପ୍ରିୟା ଦାସ, ସୁମତୀ ମହାନ୍ତ, ବେତନଟୀ ବ୍ଲକ ସାମ୍ବାଦିକ ସଂଘର ସଭାପତି ସର୍ବେଶ୍ୱର ମହାନ୍ତ ଓ ଉପସଭାପତି ଗତିକୃଷ୍ଣ ମହାନ୍ତ ପ୍ରମୁଖ ବିଭିନ୍ନ କାର୍ଯ୍ୟ ପରିଚାଳନା କରିଥିଲେ।

## ଭଗବାନ ଡାକ ଶୁଣିବା ପରେ ଶୀତବସ୍ତ୍ର ବାଣ୍ଟୁଛନ୍ତି ଶିଶିର

ଖଇରା, ୨୨/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରାବ୍ଲକ ଅଧୀନ ବାଉଁଶଗଡିଆ ଗ୍ରାମର ଶିଶିର କୁମାର ଜେନା ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ନିଜ ଗ୍ରାମର ଅସହାୟ ବୁଢାବୁଢୀଙ୍କୁ କମ୍ବଳ ବାଣ୍ଟିଛନ୍ତି । ରବିବାର ନିଜ ଗାଁ ହୁଆସାହି ହନୁମାନ ପଡିଆରେ ବାପା ଚତୁର୍ଭୁଜ ବିଶ୍ୱାଳଙ୍କ ଦ୍ୱାରା ପାଖାପାଖି ୫ଶହ ଲୋକଙ୍କୁ ଶିତବସ୍ତ୍ର ପ୍ରଦାନ କରିଛନ୍ତି । ଏଥିରେ ସେ ଗଠନ କରିଥିବା କ୍ରିଏଟିଭ ଇଣ୍ଡିଆନ ଏଜୁକେସନ ଏଣ୍ଡ ଚାରିଏଟେବଲ ଟ୍ରଷ୍ଟର କର୍ମକର୍ତ୍ତା ସମିର ବଳବନ୍ତରାୟ,ଅନୁକମ୍ପା ବେହେରା,ତପନ କୁମାର ଦାସ,ରମେଶ ଜେନା,ଖଗେନ୍ଦ୍ର ଖଟୁଆ ପ୍ରମୁଖ ସହାୟତା କରିଥିଲେ । ଶିଶିର ଙ୍କ ପୁଅ ଆୟୁସ ଅଂଶୁମାନ ଜନ୍ମଠାରୁ ମୁକଥିବା ବେଳେ ଈଶ୍ୱରଙ୍କୁ ପ୍ରାର୍ଥନା ପରେ ସେ ୬ବର୍ଷ ପରେ କଥା କହିଥିଲା । ସେହି ବର୍ଷ ଠାରୁ ନିଜର ମାନସିକ ପୁରଣ ହୋଇଥିବାରୁ ଗତ ୧୦ବର୍ଷ ହେଲା ନିଜ ଗାଁ ଓ ପଞ୍ଚାୟତର ଅସହାୟ ଓ ଗରୀବ ବୟସ୍କ ଲୋକଙ୍କୁ ଶିତବସ୍ତ୍ର ପ୍ରଦାନ କରି ଆସୁଛନ୍ତି ।

## ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ

ଭଦ୍ରକ , ୨୨/୧୨ (ନି.ପ୍ର): ଚଳିତ ଡିସେମ୍ବର ୨୨ ରୁ ଆଗାମୀ ଜାନୁୟାରୀ ୫ ପର୍ଯ୍ୟନ୍ତ ପାଳନ କରାଯାଉଥିବା ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସାଳନ୍ଦୀ କେନାଲ ଡିଭିଜନ ଭଦ୍ରକ ଜରିଆରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ବାଇପାସ୍ ଜଗନ୍ନାଥ ମନ୍ଦିର ପରିସରରେ ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ବରେଣ୍ୟ ଅତିଥି ଭାବେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜିବ କୁମାର ମଲ୍ଲିକ୍, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନଡ଼ିଆ ଭାଙ୍ଗି ଓ



ପତାକା ପ୍ରଦର୍ଶନ କରି ପାଣି ପଞ୍ଚାୟତ ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ସାଳନ୍ଦୀ କେନାଲ ଡିଭିଜନ୍, ଭଦ୍ରକର ଅଧିକ୍ଷଣ ଯନ୍ତ୍ରୀ ଇଂ ରତ୍ନାକର ଦଳାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବାବୁଲାଲ ବେହେରା ପାଣି ପଞ୍ଚାୟତର କର୍ମକର୍ତ୍ତା ଅନ୍ତର୍ଯ୍ୟାମୀ ଉପାଧ୍ୟାୟ, ପ୍ରଭାତ ତ୍ରିପାଠୀ, ନବଘନ ସାମଲ ପ୍ରମୁଖ ଯୋଗଦେଇ ପାଣି ପଞ୍ଚାୟତ ଗୁଡ଼ିକରେ ସୁଦୃଢ଼ିକରଣ କ୍ରୀୟାଶୀଳତା ତଥା ଋଷୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟିକରି ଅଧିକ ଉତ୍ପାଦନରେ ସହାୟକ ହେବା ନେଇ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। କେନାଲ ଗୁଡ଼ିକରେ ଅତ୍ୟଧିକ ଘାସ, ଗଛ, ଆଦି ସମସ୍ୟା ଦୂର କରାଯିବା ନେଇ କଂକ୍ରିଟ୍ ଲାଇନିଂ ପାଇଁ ପଦକ୍ଷେପ ନିଆଯାଇଥିବା ଏବଂ ଏ ବର୍ଷ ପାଇଁ ୭ଟି ପ୍ରକଳ୍ପ ନିର୍ମାଣ ପାଇଁ ହାତକୁ ନିଆଯାଇଥିବା କଥା ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଶ୍ରୀଯୁକ୍ତ ବେହେରା ପ୍ରକାଶ କରିଥିଲେ। ସାଳନ୍ଦୀ କେନାଲର ଏସ୍.ଡ଼ି.ଓ. ରାଇକାନ ବେସ୍ରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସହକାରୀ ଯନ୍ତ୍ରୀ ସୁସ୍ମିତା ନାୟକ ଆନୁସଙ୍ଗିକ ସହଯୋଗ କରିଥିଲେ। ବିଭିନ୍ନ ପାଣିପଞ୍ଚାୟତର ସଦସ୍ୟ, ସଭାପତି, ସମ୍ପାଦକ, କୃଷକ, ସାମ୍ବାଦିକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଆଲଫା ଶିକ୍ଷାନୁଷ୍ଠାନରେ ଜାତୀୟ ଗଣିତ ଦିବସ

ରେମୁଣା, ୨୨/୧୨ (ନି.ପ୍ର): ସ୍ଥାନୀୟ ଆଲଫା ବିଜ୍ଞାନ ଅନୁଷ୍ଠାନରେ ଜାତୀୟ ଗଣିତ ଦିବସ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଡ. ଭାଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ବିଜ୍ଞାନ ଶଇକ୍ଷକ ଯୋଗେଶ ଚନ୍ଦ୍ର ବେହେରା, ମୁଖ୍ୟ ବକ୍ତା ଗଣିତ ଶିକ୍ଷକ ପଦ୍ମଲୋଚନ ପ୍ରଧାନ, ବରେଣ୍ୟ ଅତିଥି ଗଣିତ ଅଧାପକ ପ୍ରୀତମ୍ ବାରିକ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଦାନ ଶିକ୍ଷକ ପ୍ରଦୀପ କୁମାର ମିଶ୍ର ଓ ତପନ କୁମାର ଦାସ ଯୋଗ ଦେଇ ମହାନ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଗଣିତର




ବିଦ୍ଵବତା ସଂପର୍କରେ ଆଲୋଚନା କରି ଗଣିତ ଓ ଜୀବନ କିପରି ଓତପ୍ରୋତ ଭାବେ ଜଡ଼ିତ ତାହାକୁ ଉଦାହରଣ ଦେଇ ବୁଝାଇଥିଲେ । ଆଲ୍‌ଫା ଅନୁଷ୍ଠାନର ନିର୍ଦ୍ଦେଶକ ସନ୍ଦିପ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରସଙ୍ଗରେ ପିଲାଙ୍କୁ ଗଣିତ ମନସ୍କ ହେବାକୁ ପରାମର୍ଶ ଦେଇଥିଲେ । ଗଣିତ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ୨ୟ ବାର୍ଷିକ ବିଜ୍ଞାନରୁ ପ୍ରଧମ ତନ୍ମୟ ସାହୁ, ୨ୟ ସ୍ୱୟଂଶ୍ରୀ ପାଣିଗ୍ରାହୀ, ତୃତୀୟ ଲକ୍ଷ୍ମୀନାରାୟଣ ପୋଥାଳ, ପ୍ରଥମ ବାର୍ଷିକରୁ ପ୍ରଥମ ଶୁଭଙ୍କର ପରିଡ଼ା, ୨ୟ ରାଜେଶ ବାରିକ, ତୃତୀୟ ସ୍ୱାତୀ କୁମାରୀ ଓ ରାହୁଲ ବେହେରାଙ୍କୁ ସଭାରେ ପୁରସ୍କୃତ କରାଯାଇଥିଲା । ଅଧାପକ ସତ୍ୟଜିତ୍ ପରିଡ଼ା ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ମାମାମ୍ନି ସେଠୀ, ଶୁଭ୍ରଜିତ ଦାସ ସମେତ ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

## ଧାନ କିଣାରେ ସ୍ୱଚ୍ଛତା ପାଇଁ ବିଜେପି କୃଷକ ମୋର୍ଚ୍ଚାର ବୈଠକ

ଭୁବନେଶ୍ୱର, ୨୨/୧୨ (ନି.ପ୍ର): ରାଜ୍ୟରେ ହେଉଥିବା ଧାନ କିଣା ରେ ସ୍ୱଚ୍ଛତା ପାଇଁ ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଛି । ଏହି ବୈଠକରେ ୩୦ ଟି ରାଜସ୍ୱ ଜିଲ୍ଲାର ପେଡ଼ି ପେକରମେଂଟ କମିଟିର ଚାଷୀ ପ୍ରତିନିଧି ଓ ବରିଷ୍ଠ ଚାଷୀ ନେତା ମାନେ ସାମିଲ ହୋଇଛନ୍ତି। ରାଜ୍ୟରେ ସ୍ୱଚ୍ଛତାର ସହ କେମିତି ଧାନ କିଣା ହେବ, କଟନୀ ଛଟନୀ ବନ୍ଦ ସହ ଚାଷୀ କେମିତି ସୁବିଧାରେ ଧାନ ବିକିବ, ଡିଲର ମାନଙ୍କ ଦାଦାଗିରି ବନ୍ଦ ହେବ, ଚାଷୀ ୪୮ ଘଂଟା ଭିତରେ ତାର ପ୍ରାପ୍ୟ ପାଇବ ସେ ନେଇ ଏହି ବୈଠକରେ ଆଲୋଚନା ହୋଇଛି। ଓଡିଶାରେ ଥିବା ୪୧୯୩ ଟି ଧାନ ମଣ୍ଡିରେ ବିଜେପି କୃଷକ ମୋର୍ଚ୍ଚାର କର୍ମୀ ମାନେ ଜଗିବା ସହ ଧାନ ବିକ୍ରି ପ୍ରଣାଳୀର ତଦାରଖ କହିବା ପାଇଁ ହୋଇଛି ନିଷ୍ପତି ହୋଇଥିବା ବିଜେପି କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ କହିଛନ୍ତି ।

## କେନ୍ଦ୍ରୀୟ ବିଦ୍ୟାଳୟ-୧ର ବାର୍ଷିକ ଉତ୍ସବ



ବାଲେଶ୍ୱର, ୨୨/୧୨ (ନି.ପ୍ର): ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୧ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଚାନ୍ଦିପୁର ପ୍ରତିରକ୍ଷା ବିଭାଗ 'ପିଏକ୍ସଇ'ର ନି?ଦେ??ର୍ଦ୍ଦେଶକ ତଥା ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ସୁବୋଧ କୁମାର ନାୟକ ଏବଂ ଶିକ୍ଷକ ତାଲିମ କେନ୍ଦ୍ର ଅଧ୍ୟକ୍ଷ ଡ. ସଞ୍ଜୟ କୁମାର ଦେ ଅତିଥି ଭାବେ ଯୋଗଦେଇ ଗୁଣାତ୍ମକ ଶିକ୍ଷାଦାନ କ୍ଷେତ୍ରରେ କେନ୍ଦ୍ରୀୟ ବିଦ୍ୟାଳୟର ଭୂମିକା ପ୍ରଶଂସନୀୟ ବୋଲି କହିଥିଲେ। ଏହି ଶିକ୍ଷା ମନ୍ଦିରର ଉନ୍ନତି ପ୍ରତି ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀ ବା ଶିକ୍ଷକ ଶିକ୍ଷୟିତ୍ରୀ ନୁହନ୍ତି, ବରଂ ପୁରାତନ ଛାତ୍ରଛାତ୍ରୀଙ୍କର ବି ଦାୟିତ୍ୱବୋଧତା ରହିଛି ବୋଲି ଅତିଥିମାନେ କହିଥିଲେ। ବିଦ୍ୟାଳୟର ପ୍ରାଚାର୍ଯ୍ୟ ଡ. ଅଞ୍ଜନ କୁମାର ଖଟୁଆ ଅତିଥି ପରିଚୟ ସହ ବିବରଣୀ ଉପସ୍ଥାପନ କରିଥିଲେ। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ଅତିଥିମାନେ ପୁରସ୍କୃତ କରିଥିଲେ। ପୁସ୍ତକାଳୟ ଅଧିକାରୀ ତୃପ୍ତିକାନ୍ତ କର ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ମୟୂରଭଞ୍ଜ କଲେଜ୍ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟରେ ସାନ୍ତାଳୀ ଭାଷା ବିଜୟୀ ଦିବସ ପାଳିତ




ବାରିପଦା , ୨୨/୧୨ (ନି.ପ୍ର): ମହାରାଜପୁର ସ୍ଥିତ ମୟୂରଭଞ୍ଜ କଲେଜ୍ ଅଫ୍ ଆକାଉର୍ଣ୍ଟିସ ଆଣ୍ଡ ମ୍ୟାନେଜମେଣ୍ଟରେ ସାନ୍ତାଳୀ ଭାଷା ବିଜୟୀ ଦିବସ ପାଳିତ ହୋଇଯାଇଛି । ସାନ୍ତାଳୀ ଭାଷାକୁ ଭାରତର ସମ୍ବିଧାନରେ ୨୦୦୩ ମସିହା ୨୨ ଡିସେମ୍ବର ତାରିଖରେ ଭାରତ ସରକାର ଅଷ୍ଟମ ଅନୁଚ୍ଛେଦରେ ସ୍ୱୀକୃତି ପ୍ରଦାନ କରିଥିଲେ । ଏହି ଉଦ୍ଦେଶ୍ୟରେ ବିଜୟୀ ଦିବସ ଉତ୍ସବ ମହାବିଦ୍ୟାଳୟରେ ଓଡ଼ିଆ ବିଭାଗୀୟ ମୁଖ୍ୟ ଡ. ଠାକୁରା ଚରଣ ମାର୍ଣ୍ଡିଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି ।ସାନ୍ତାଳୀ ବିଭାଗୀୟ ମୁଖ୍ୟ ଶ୍ରୀରାମ ଟୁଡୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସାନ୍ତାଳୀ ଭାଷା ଓ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ନାୟକ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ପାଠ ପଢ଼ିବା ସହିତ ନିଜ ସାନ୍ତାଳୀ ଭାଷାକୁ ଓ ଅଲଚିକି ଲିପିକୁ ଭଲଭାବରେ ଶିକ୍ଷାଲାଭ କରି ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ସକାଶେ ପରାମର୍ଶ ଦେଇଥିଲେ।। ସମ୍ମାନିତ ଅତିଥିଭାବେ ପଦାର୍ଥ ବିଜ୍ଞାନର ଅଧାପକ ମଦନ ମୋହନ ସାହୁ ସାନ୍ତାଳୀ ଶିକ୍ଷାଲାଭ ସହିତ ବି. ଏଡ୍. କରି ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ ବ୍ରତୀ ହେବା ପାଇଁ ଗୁରୁତ୍ୱାରୋପ କରିଥିଲେ । ଏହି ସଭାରେ ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।ଅଧାପିକା ଲକ୍ଷ୍ମୀ ଚାପେୟାର ,ତୃପ୍ତି ଦାସ, କିରଣବାଳା ବାସ୍କେ, ଅଙ୍କିତା ସିଂ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ସାନ୍ତାଳୀ ଭାଷା ଶିକ୍ଷା ଲାଭ କରିବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଶେଷରେ ଅଧାପକ ରଞ୍ଜିତ ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇନଜୀବୀଙ୍କ କଲ୍ୟାଣ ପାଇଁ ଆମ ସରକାର ଦୃଢ ସଂକଳ୍ପବଦ୍ଧ- ଆଇନମନ୍ତ୍ରୀ

ଭୁବନେଶ୍ୱର, ୨୨/୧୨ (ନି.ପ୍ର): ରାଜ୍ୟର ଆଇନଜୀବୀ ମାନଙ୍କ କଲ୍ୟାଣ ପାଇଁ ଆମ ସରକାର ଦୃଢ଼ ସଂକଳ୍ପବଦ୍ଧ ବୋଲି କହିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ରାଜ୍ୟ ସରକାରଙ୍କ ପକ୍ଷରୁ ଆଇନଜୀବୀଙ୍କ ଦେହାନ୍ତ କିମ୍ବା ଅବସରକାଳୀନ ସହାୟତା ରାଶିକୁ ଦୁଇ ଗୁଣା ବୃଦ୍ଧି କରାଯାଇଛି। ପୂର୍ବରୁ ଏହା ବାର୍ଷିକ ୫ କୋଟି ଥିବାବେଳେ ଆମ ସରକାର ଚଳିତ ବଜେଟରେ ଏହି ରାଶିକୁ ବୃଦ୍ଧି କରି ୧୦ କୋଟି କରିଛନ୍ତି। ଏହି ୧୦ କୋଟି ଅର୍ଥରାଶି ରାଜ୍ୟ ସରକାରଙ୍କ ତରଫରୁ ଓଡିଶା ଆଡ଼ଭୋକେଟ ଓ୍ୱେଲଫେୟାର ଟ୍ରଷ୍ଟ କୁ ପ୍ରଦାନ କରାଯାଇଛି।

## ରିୟାନ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲେଶ୍ୱର, ୨୨/୧୨ (ନି.ପ୍ର): ସ୍ଥାନୀୟ ଆଇଟିଆଇ ଛକ ନିକଟରେ ଥିବା ରିୟାନ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ପରୀ-୨୦୨୪' ଶୁକ୍ରବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରତିଭାଶ୍ରୀ ଅନୁଷ୍ଠାନର ମୁଖ୍ୟ କବି ପ୍ରଶାନ୍ତ ଦାସ, ମୁଖ୍ୟବକ୍ତା ଭାବେ 'ସମାଜ' ବାଲେଶ୍ୱର ସଂସ୍କରଣର ବ୍ୟୁରୋ ଇନଚାର୍ଜ ଶଶିରଞ୍ଜନ ମଲ୍ଲିକ




ଯୋଗଦେଇ ବକ୍ତବ୍ୟ ରଖିବା ସହ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୁନିକୁନି ପିଲାଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟର ଅଧକ୍ଷ ପ୍ରଣବକୁମାର ମହାପାତ୍ର ସଭାରେ ଅଧକ୍ଷତା କରିବା ସହ ସ୍ୱାଗତ ଅଭିଭାଷଣ ରଖିଥିଲେ। କେତେକ ଅଭିଭାବକଙ୍କୁ ମଧ ବିଦ୍ୟାଳୟ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଉତ୍ସବକୁ ସଫଳ କରିବାରେ ଜୟସ୍ମିତା ସାହୁ, ସୁସ୍ମିତା ପାଲ, ମମତାମୟୀ ନାୟକ, ବିଷ୍ଣୁପ୍ରିୟା ପଣ୍ଡା, ଅନୁଭା ମହାନ୍ତି, ରାଜେଶ୍ୱରୀ ମହାପାତ୍ର, ହରେନ୍ଦ୍ର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida